ହୋଇ ଲୁଣ୍ଠାକର କାର୍ଯ୍ୟ ଶୂନ୍ୟ ପ୍ରାୟ ଦୃଷ୍ଟି ରଖିଲେ ତାହାର ଶାନ୍ତି ସଙ୍ଗେ ଆପଣାର ମଙ୍ଗଳ ହେବା ନିଶ୍ଚୟ ଏହା ବୋଲିବା ବାହୁଲ୍ୟ । ଭରସା କରୁଁ ଦେଶ ଲୋକେ ' ମାକ୍ସ 'ଙ୍କ ଉକ୍ତିଟି ସର୍ବଦା ସ୍ମରଣ ରଖି କାର୍ଯ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଆପଣା ମନୁଷ୍ୟତ୍ୱର ପରିଚୟ ଦେବେ ।

—※—

ଜଣେ ଲୋକ ଦେବାନୀ ଅଦାଲତର ଡିକ୍ରି ବଳରେ ସମ୍ପତ୍ତିରେ ଦଖଲ ନେବା ପରେ ଫୌଜଦାରୀ କାର୍ଯ୍ୟବିଧି ଆଇନର ୧୪୬ ଧାରା ମତେ ଅନ୍ୟ ଏକ ବ୍ୟକ୍ତିର ଆପତ୍ତିରେ ତାଙ୍କର ଜଏଣ୍ଟ ମେଜେଷ୍ଟ୍ରେଟ ତାହାଙ୍କୁ ଦଖଲ ଦଅନ୍ତି । ଅଦାଲତରୁ ଦଖଲ ପାଇଥିବା ଲୋକ ହାଇକୋର୍ଟରେ ମୋସନ ଆଗତ କରିଥିଲା । ବିଚାରପତି ଷ୍ଟିଫେନ ମହୋଦୟ ଦରଖାସ୍ତକାରର ଓକିଲଙ୍କୁ ପଚାରିଲେ ସେ ମେଜେଷ୍ଟ୍ରେଟଙ୍କ ଆଦେଶ ନବେମ୍ବରମାସ ତା ୧୮ ରଖରୁ ହୋଇଥିବା ସ୍ଥଳେ ଏତେକାଳ ସେ କେଉଁଠାରେ ଥିଲେ । ଓକିଲ ଉତ୍ତର ଦେଲେ ଯେ ସେ ୬୦ ଦିନ ମଧ୍ୟରେ ମୋସନ ଆଗତ କରିଅଛନ୍ତି । ଅନନ୍ତର ହେଲ ବିଚାରପତି ମହୋଦୟ ଉପ-ରୋକ୍ତ ସହର ଏରୂପ ଦରଖାସ୍ତମାନ ଆଗତ ହେବାର ଆଦେଶ ଦେଇଅଛନ୍ତି ମାତ୍ର ମଫସ-ଲର ଲୋକଙ୍କୁ ତାହା ଜଣା ନାହିଁ । ବିଚାର-ପତି ମହୋଦୟଙ୍କର ସେହି ନିୟମ ଚଳାଇବାର ଇଚ୍ଛା ଥିଲେ ସେ ମୋଫସଲର ଲୋକମାନଙ୍କୁ ତାହା ଜାଣିବା କାରଣ କିଛି ସମୟ ଦେବେ । ଏ ମୋକଦ୍ଦମାରେ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ ହେବା ପୂର୍ବ ଦୁଇମାସ ମଧ୍ୟରେ ଦରଖାସ୍ତକାରୀ ଅଦାଲତରୁ ଦଖଲ ନେଇଥିଲା ମାତ୍ର ସେ ତାହା ଶୁଣିଲେ ନାହିଁ । ବିଚାରପତି ଷ୍ଟିଫେନ ଓ କାରଣ୍ଡଫ ମହୋଦୟମାନେ ଦେବାନୀ ଅଦାଲତର ଡିକ୍ରୀକୁ ମାନ୍ୟ କରି ନ ଥିବା ହେତୁରେ ରୁଲଜାରି କଲେ । ହାଇ-କୋର୍ଟରେ ମୋସନ ହେବା ସମ୍ବନ୍ଧରେ ଆଇ-ନରେ କୌଣସି ସମୟ ନିର୍ଦ୍ଦିଷ୍ଟ ନାହିଁ ଏବଂ ଆଦେଶ ହେବ ପରେ ଅନେକ କାଳ ଗତ ହେଲେ ନାନାପ୍ରକାର ଗୋଲଯୋଗ ଘଟିବା ଅସମ୍ଭବ ନୁହେ । ଆମ୍ଭମାନଙ୍କ ବିବେଚନାରେ ଏଥି ନିମନ୍ତେ ଗୋଟିଏ ସମୟ ନିର୍ଦ୍ଦିଷ୍ଟ ହେବ ଆବଶ୍ୟକ ଏବଂ ତାହା ୬୦ ଦିନ ହେବାରେ କିଛି କ୍ଷତି ନାହିଁ ।

———

## ଧୂମକେତୁ ।

ଆଜକାଲି ଚତୁର୍ଦ୍ଦିଗରେ ଧୂମକେତୁର ଚର୍ଚ୍ଚା ଲାଗିଅଛି, ବଙ୍ଗଳା କାଗଜ ତଥା ଦେଶୀୟ ହେରେଲ୍ଡ ପତ୍ରିକାରେ ଧୂମକେତୁର ଛବିମାନ ଦେଖାଇ ଦିଆଯାଉଅଛି । ଅଳ୍ପ ଦିନ ତଳେ ପୂର୍ବାକାଶରେ ସୂର୍ଯ୍ୟାସ୍ତ ସଙ୍ଗେ୨ ଦୁଇଗୋଟି ଧୂମକେତୁ ଦେଖା ଯାଉଥିଲା ମାତ୍ର ତାହା ହେଲି ଧୂମକେତୁ ନୁହେ ବୋଲି ଜ୍ୟୋତିର୍ବେତ୍ତାମାନେ ପ୍ରକାଶ କରିଅଛନ୍ତି । ବର୍ତ୍ତମାନ ମାଇକେଲ ସାହେବ ବାଙ୍କୁଡ଼ାଠାରେ ହେଲି ଧୂମକେତୁ ଦେଖିଥିବାର ଗତମାସ ତା ୨୮ ରଖର ପତ୍ରରେ ପ୍ରକାଶ କରିଅଛନ୍ତି । ସେ ଲେଖିଅଛନ୍ତି ଯେ ଏହା ପଶ୍ଚିମାକାଶରେ ସନ୍ଧ୍ୟା ୭ ଘଣ୍ଟା ସମୟରେ ଦେଖା ଯାଉଅଛି । ଏଥିର ଅଦ୍ଭୁତ ଗୋଲାକାର ମାତ୍ର ଶରୀରର ଅବଶ୍ୟ ଠିକଣା ହୋଇ ନାହିଁ, ଏହା ଏତେ କ୍ଷୁଦ୍ର ଯେ ଦୂରବୀକ୍ଷଣର ସାହାଯ୍ୟ ବିନା ଦେଖିବ ନାହିଁ । ଦୂରବୀକ୍ଷଣରେ ପୁଚ୍ଛ ଏତେଦୂର ସ୍ପଷ୍ଟରେ ଦେଖାଗଲା ନାହିଁ ଏବଂ ଦୂର-ତ୍ୱ ନିରୂପଣ କରିବାକୁ କଠିନ । ଏହା ଦ୍ରୁତବେଗରେ ସୂର୍ଯ୍ୟ ଅଞ୍ଚଳକୁ ଗତି ବିସ୍ତାର କରି ପୃଥିବୀର ନିକଟବର୍ତ୍ତୀ ହେଉଅଛି । ସୁତରାଂ ଅଳ୍ପ ଦିନ ମଧ୍ୟରେ ଦେଖାଯିବ । ଏହି ମାର୍ଚ୍ଚମାସ ଶେଷ ହେବା ପୂର୍ବେ ଏହା ସୂର୍ଯ୍ୟର ଅତ୍ୟନ୍ତ ନିକଟ-ବର୍ତ୍ତୀ ହେଲେ ସବୁବେଳେ ଆଉ ଦେଖିବ ନାହିଁ । ଏପ୍ରେଲ ମାସ ଆରମ୍ଭରେ ଏହା ସୂର୍ଯ୍ୟୋଦୟ ପୂର୍ବେ ପୂର୍ବାକାଶରେ ଉଜ୍ଜ୍ୱଳରୂପେ ଦେଖାଯିବ । ଏହି ଧୂମକେତୁର ଆବିର୍ଭାବ ହେଲେ ଦେଶରେ ନାନା ପ୍ରକାର ଦୁର୍ଘଟଣା ଘଟିବାର ପ୍ରବାଦ ଚତୁ-ର୍ଦ୍ଦିଗରୁ ଶୁଣାଯାଏ ଏବଂ ବର୍ତ୍ତମାନ ପାରସ୍ୟଠାରେ ବନ୍ୟାର ଜଳ ବୃଦ୍ଧିହୋଇ ଘରଦ୍ୱାର ଓ ଜନପ୍ରାଣୀ ନଷ୍ଟହୋଇଥିବା ଏବଂ ଇଡାହୋଠାରେ ପର୍ବତରୁ ବରଫଗଣ୍ଡି ଭରକ ପଡ଼ି ମେସ ନଗରକୁ ପୋତି-ଦେଇ ଯାଇ ଶତ୨ ଲୋକର ପ୍ରାଣ ନାଶ କରିଥିବାରୁ ସେ ସବୁ ଏହି ଧୂମକେତୁର ଫଳ ବୋଲି ରଟନା ହୋଇଅଛି । ଏଥିକୁ ସର ରବର୍ଟ ବଲ ସାହେବ ଲେଖିଅଛନ୍ତି ଯେ ଏଥିରେ କୌଣସି ଅମଙ୍ଗଳର ଆଶଙ୍କା ନାହିଁ । ପୃଥିବୀ ସଙ୍ଗେ ଯଦି ଧୂମକେତୁର ସଂଘର୍ଷଣ ଦ୍ରୁତବେ-ଗରେ ଦୌଡ଼ୁଥିବା ଗଣ୍ଡାରକୁ ମାକଡ଼ଶା ଜାଲ ଯେତେଦୂର ବାଧା ଦିଏ ତହିଁ ସଙ୍ଗେ ତୁଳନା କରାଯାଇ ପାରେ । ସୁତରାଂ ଉକ୍ତ ସଂଘର୍ଷଣକୁ ପୃଥିବୀର କିଛିମାତ୍ର ଭୟ ନାହିଁ । ୧୮୬୧ ମସିହାରେ ପୃଥିବୀ ଧୂମକେତୁର ଲାଙ୍ଗୁଳରେ ପଶି ଯାଇଥିଲା ଏବଂ ସେତେବେଳେ ତାହା କେହି ଜାଣିପାରିଲେ ନାହିଁ । ଏହି ପୃଥିବୀରେ ବହୁକୋଟି ବର୍ଷ ହେଲା ନାନାଜାତ ପ୍ରାଣିମାନଙ୍କର ସମାଗମ ହୋଇଅଛି ଏବଂ ପ୍ରତିବର୍ଷ ପ୍ରାୟ ଗୋ ୫ ଟି ଧୂମକେତୁର ଦର୍ଶନ ମିଳଇ । ଧୂମ-କେତୁଦ୍ୱାରା ଅମଙ୍ଗଳ ହେବାର ଥିଲେ ଅନେକ ଆଗରୁ ତାହା ଘଟିଥାନ୍ତା ଏବଂ ବର୍ତ୍ତମାନ ତହିଁର ଚର୍ଚ୍ଚା କରିବାକୁ କେହି ନ ଥାନ୍ତେ । ମଇ ମାସ ତା ୧୭ ରଖରେ ଆମ୍ଭେମାନେ ଧୂମକେତୁର ଲାଙ୍ଗୁଳମଧ୍ୟରେ ରହିବା ଏବଂ ତାହା ଏତେ ସୂକ୍ଷ୍ମ ଯେ ଯେତେ ଲକ୍ଷ ହେଉ ପଛକେ ମାଇଲ ଥଳୀମଧ୍ୟରେ ପୂରାଇ ରଖା ଯାଇପାରେ ବୋଲି ସରଜନ ହରସେଲ ମହୋଦୟ କହିଅଛନ୍ତି । ବଲ ସାହେବ ମହାଶୟଙ୍କ ଉକ୍ତିରେ କିଛି ମାତ୍ର ଅସତ୍ୟ ଥିବାର ଜଣାଯାଉ ନାହିଁ । ତ ଜାଣିଲା-ଲୋକଙ୍କୁ ସ୍ୱାର୍ଥାନ୍ୱେଷୀ ଲୋକେ ଦୁଇପଇସା ଉପା-ର୍ଜ୍ଜନ ଆଶାରେ ଅଥବା କୌତୁକରେ ପୁଣି ନାନାପ୍ରକାର କଥା କହିବସନ୍ତି । ଧୂମକେତୁ ଆସିଲା ସମୟର ଦୁର୍ଘଟଣାମାନ ତହିଁ ସଙ୍ଗେ ଲଗାଇଦେବା ସହଜ ମାତ୍ର ଯେଉଁ ଦୁର୍ଘଟଣା-ବେଳେ ଧୂମକେତୁ ନ ଥାଏ ସେତେବେଳେ କାହିଁକି ଧୂମକେତୁ ବିଚାର ନ କରନ୍ତି ? ଫଳତଃ ବିଜ୍ଞାନ ସୃଷ୍ଟିରେ ପ୍ରକୃତିର ଅବ୍ୟର୍ଥ ଶାସନାଧୀନ ନିୟମାନୁଯାୟୀ ନାନାପ୍ରକାର ଘଟଣା ଘଟୁଅଛି ଏବଂ ପଣ୍ଡିତମାନେ ସ୍ପଷ୍ଟରୂପେ ଦେ-ଖାଇ ଅଛନ୍ତି ଯେ ଗ୍ରହ ନକ୍ଷତ୍ର ବା ଧୂମକେତୁ ସଙ୍ଗେ ସେମାନଙ୍କର କୌଣସି ସମ୍ପର୍କ ନାହିଁ । ହେଲିର ଧୂମକେତୁଠାରୁ ଅଧିକ ଲମ୍ବ ପୁଚ୍ଛ-ବିଶିଷ୍ଟ ଧୂମକେତୁ ଦେଖା ଯାଇଅଛି । ଏପର୍ଯ୍ୟନ୍ତ ଯେତେ ଧୂମକେତୁ ଦୃଷ୍ଟିଗୋଚର ହୋଇଅଛି ସର୍ବାପେକ୍ଷା ଲମ୍ବ ଲାଙ୍ଗୁଳର ଦୈର୍ଘ୍ୟ କୋଡ଼ିଏ କୋଟି ମାଇଲ ଅଟେ । ମାତ୍ର ଅନନ୍ତ ଆକା-ଶର ଅପରିମିତ ସ୍ଥାନରେ ବହୁ ଦୂରବର୍ତ୍ତୀ ଧୂମ-କେତୁର ଲାଙ୍ଗୁଳ ପର୍ଯ୍ୟନ୍ତ ଦେଖାଯାଏ । ଅନନ୍ତ ଜଗଦୀଶ୍ୱରଙ୍କ ମହିମା ଅନନ୍ତ ତାଙ୍କର କାର୍ଯ୍ୟ ଅନନ୍ତ ଏ ଅନନ୍ତ ବିଶ୍ୱସଂସାର ମଧ୍ୟ ଅନନ୍ତକା-ଳରୁ ଅନନ୍ତଲୀଳା ପ୍ରକାଶ କରୁଅଛନ୍ତି ।

—※—

## ଅନୁଗୁଳ ପ୍ରଦର୍ଶନୀ ।

ଅନୁଗୁଳ ପ୍ରଦର୍ଶନୀ ଗତ ୭ ବର୍ଷରୁ ପ୍ରତି-ବର୍ଷ ହୋଇଆସିବାଦ୍ୱାରା ଗୋଟିଏ ବାର୍ଷିକ ବ୍ୟାପାର ହୋଇଅଛି । ଗତ ମାସ ତା ୫ ରଖ-ରେ ସେ ଜିଲ୍ଲାର ପ୍ରଦର୍ଶନୀ ସମିତିର ସଭାପତି ହେଠର ଡେପୁଟି କମିଶନର ସାହେବ ଏହା ଫିଟାଇଥିଲେ । ଅନୁଗୁଳବାସୀମାନଙ୍କର ପ୍ରକାଶିତ ବିବରଣର ସଂକ୍ଷେପ ମର୍ମ ଏହି ଯେ ଅନେକ ଶିଳ୍ପ କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ପ୍ରଦର୍ଶିତ ହୋଇ-ଥିଲା ଏବଂ ଦର୍ଶକ ୬।୭ ହଜାର ହୋଇଥିଲେ । ପ୍ରଦର୍ଶନୀ ମଣ୍ଡପରେ ଅଠର ଦିବସରେ

Split by PDF Splitter
Digitized by srujanika@gmail.com

Split by PDF Splitter



ଲେଖାଅଛି ଯେ ଆଖୁ, ଖାଦ୍ୟଶସ୍ୟ, ଧାନ, ମକା ପ୍ରଭୃତିରେ ଉନ୍ନତିର ଚେଷ୍ଟା ଅନେକାଂଶରେ ସଫଳ ହୋଇଅଛି ଏବଂ ଶିଳ୍ପକାର୍ଯ୍ୟ କେତେକାଂଶରେ ଉନ୍ନତ ହୋଇଅଛି ମାତ୍ର ଉତ୍ପାଦ ଅର୍ଥ କରୁ ସୁନା ରୁପା ହାତୀଦାନ୍ତ ରେଶମ ପ୍ରଭୃତିର କେତେକ କାର୍ଯ୍ୟ ହୋଇପାରୁ ନାହିଁ । ମୂଲ୍ୟବାନ୍ ଦ୍ରବ୍ୟର କେତା [illegible] ଗଡ଼ଜାତରେ ଅଳ୍ପ ହେଣୁ, ସେ ସବୁ ଶିଳ୍ପର ବିସ୍ତାର ସମ୍ଭବପର ନୁହେଁ । ଲୁଗା, ତେଲ, ଶକର, ଲୁହା ଓ ଗୁଡ଼ ପ୍ରସ୍ତୁତର ଉନ୍ନତ ପ୍ରଣାଳୀ ପ୍ରଦର୍ଶିତ ହୋଇଥିଲା ଏବଂ ଓଡ଼ିଶାର କୃଷି ଇନ୍ସପେକ୍ଟରଙ୍କ ଦଳ ପ୍ରଭୃତି କୃଷିଯନ୍ତ୍ର ଓ ଯନ୍ତ୍ରାଦିର ସାହାଯ୍ୟରେ ଚାଷ ପ୍ରଣାଳୀ ବୁଝାଇ ଦେଇଥିଲେ । ଏ ସମସ୍ତଦ୍ୱାରା ଉପକାର ହେବାର ଆଶା କରାଯାଏ । ମାତ୍ର ଅଧିକାଂଶ କୃଷକ ଏବଂ ପୂର୍ବପ୍ରଥାର ଅନ୍ଧ ଅନୁଗାମୀ ବ୍ୟକ୍ତିଙ୍କୁ ବର୍ଷରେ ଏକ ଥର ଉପଦେଶ ଓ ଉଦାହରଣଦ୍ୱାରା ସୁଶିକ୍ଷା ଦେବା ସହଜ ନୁହେ । ସାଧାରଣତଃ ଲୋକେ କେବଳ ଯାହା ଦେଖି ଯଥେଷ୍ଟ ଆନନ୍ଦ ଲାଭ କରିବାକୁ ପ୍ରଦର୍ଶନୀକୁ ଆସନ୍ତି ସେଠାରେ ଶିକ୍ଷା ପାଇ ତାହା କାର୍ଯ୍ୟରେ ପରିଣତ କରିବା ଲୋକ ଅତ୍ୟଳ୍ପ ମନେ ହୁଏ । ଏଥର ତାଳଚେର ଛଡ଼ା ଅନ୍ୟ କୌଣସି ଗଡ଼ଜାତ ରାଜା ଏ ବର୍ଷ ପ୍ରଦର୍ଶନୀକୁ ଆସି ନ ଥିଲେ ଏବଂ ସାଧାରଣ ଲୋକ ଭିଡ଼ ଗତ ବର୍ଷଠାରୁ ଅଧିକ ହୋଇ ନ ଥିଲା । ଏଥିରୁ ବୋଧ ହୁଏ ଧନିଷ୍ଠ ବ୍ୟକ୍ତିଙ୍କର ମନ ଏ ଦିଗରେ ଯଥୋଚିତ ଆକୃଷ୍ଟ ହୋଇ ନାହିଁ । ରାଜା ମହାରାଜ ପ୍ରଭୃତିଙ୍କର ବିଶେଷ ଉତ୍ସାହ ଓ ସହାୟତା, କୃଷି ଶିଳ୍ପାଦିର ଉନ୍ନତି ଶୀଘ୍ର ହେବା ସମ୍ଭବ ନୁହେ । ସାଧାରଣ ଲୋକ କେବଳ ଉନ୍ନତି ଲୋଡ଼ିଲେ ସୁଦ୍ଧା ଶିକ୍ଷା ଓ ଅର୍ଥ ସାହାଯ୍ୟ ବିନା କାର୍ଯ୍ୟ ସାଧନ କରିବାକୁ ଅକ୍ଷମ । ଏହି ସମସ୍ତ ବିବେଚନା କରି ଆମ୍ଭେମାନେ କହିଥିଲୁଁ ଏବଂ ବର୍ତ୍ତମାନ କହୁଅଛୁଁ ଯେ ପ୍ରଦର୍ଶନୀରେ ଯାହା ବ୍ୟୟ ହୁଏ ତାହା ଉନ୍ନତପ୍ରଣାଳୀର କୃଷି ଓ ଶିଳ୍ପାଦି ଶିକ୍ଷାରେ ବ୍ୟୟ ହେଲେ ଅଧିକ ଫଳ ଲାଭ ହେବ । ଉଦାହରଣସ୍ଥଳରେ ପ୍ରକାଶ ଯେ ଅନୁଗୁଳ ପ୍ରଦର୍ଶନୀର ବାର୍ଷିକ ବ୍ୟୟ ଟ ୭୦୦ ଙ୍କାରୁ କୃଷି ବିଭାଗ ଟ ୩୦୦ ଙ୍କା ଏବଂ ସାଧାରଣ ଲୋକ ଟ ୨୦୦ ଙ୍କା ସାହାଯ୍ୟ ମିଳିଥିଲା । ଅବଶିଷ୍ଟ ଟଙ୍କା ସରକାରୀ ତହବିଲରୁ ଖରଚ ହୋଇଥିବ । ପ୍ରଦର୍ଶନୀ ଘର ଓ ତହିଁର ସାଜ ସଜ୍ଜା ଉପକରଣ ସୁରକ୍ଷାଦ୍ୱାରା ପ୍ରତିବର୍ଷ ସେ ସମସ୍ତରେ ଅଧିକ ବ୍ୟୟ ହୁଏ ନାହିଁ ଏହା ସୁବନ୍ଦୋବସ୍ତ ଅଟେ । ତଥାପି ପ୍ରତିବର୍ଷ ସରକାରଙ୍କ ଓ ଲୋକମାନଙ୍କର ଯେତେ ଅର୍ଥ ବ୍ୟୟ ହେଉଅଛି ସେ ପରିମାଣ ଉପକାର ହେବା ବିଷୟରେ ସନ୍ଦେହ । ଯେବେ ସେହି ଟଙ୍କା କୃଷି ଓ ଶିଳ୍ପ ଶିକ୍ଷାରେ ବ୍ୟୟ ହୁଅନ୍ତା ତେବେ ଆମ୍ଭେମାନେ ମନେକରୁଁ ଅଧିକ ଉପକାର ହୁଅନ୍ତା । ଯାତ୍ରା ଓ ହାଟରେ ପ୍ରଦର୍ଶନୀର ଉଦ୍ଦେଶ୍ୟ ସଫଳ ହୁଏ ଶିକ୍ଷାଦାନହିଁ ମୂଳ କଥା ଓ କୃଷିଶିକ୍ଷା ସର୍ବାଗ୍ରେ ଏ ପ୍ରଦେଶପକ୍ଷେ ଆବଶ୍ୟକ । ଯେବେ ଅନୁଗୁଳର ପ୍ରଧାନକର୍ମଚାରୀ କୃଷି ସହିତ ପ୍ରଦର୍ଶନୀରେ ବ୍ୟୟ ହେଉଥିବା ଟଙ୍କାରେ ପ୍ରତିବର୍ଷ ଦୁଇ ଏକ ଜଣ ଲୋକ କଟକର ସରକାରୀ କ୍ଷେତକୁ ବୃତ୍ତି ଦେଇ ପଠାଇବେ ଓ ସେମାନେ ଶିକ୍ଷା ପାଇ ଘରକୁ ଫେରିଯାଇ ସେହି ପ୍ରଣାଳୀରେ କାର୍ଯ୍ୟ କରିବେ ତେବେ ସେମାନେ ଭଲ କାର୍ଯ୍ୟ କରି ଜମିର ଉନ୍ନତି କରିବେ । ତାହା ଦେଖି ଚତୁର୍ଦ୍ଦିଗର କୃଷକମାନେ ଶିକ୍ଷା ପାଇବେ । ପ୍ରଦର୍ଶନୀ ଅପେକ୍ଷା ଏଥିରେ ଭଲହେବାର ଆମ୍ଭେମାନେ ବିବେଚନା କରୁଁ ।

---

## ବୋମ୍ବାଇ ବିଶ୍ୱ ବିଦ୍ୟାଳୟର ଉପାଧି ସଭା ।

ବୋମ୍ବାଇ ବିଶ୍ୱବିଦ୍ୟାଳୟର ଉପାଧି ବିତରଣ ସଭାର କାର୍ଯ୍ୟ ଗତମାସ ତା ୧୫ରିଖରେ ବିଧିମତେ ସମ୍ପନ୍ନ ହୋଇ ଯାଇଅଛି । ସେଠା ଗବର୍ଣ୍ଣର ଚ୍ୟାନ୍ସେଲର ଏବଂ ସର ନାରାୟଣଚନ୍ଦାବରକର ଭାଇସ୍ ଚ୍ୟାନ୍ସଲର ଉଭୟେ ଉପସ୍ଥିତ ଥିଲେ । ଛାତ୍ରମାନଙ୍କୁ ସମ୍ବୋଧନପୂର୍ବକ ଚ୍ୟାନ୍ସେଲର ମହୋଦୟ କହିଲେ ଯେ ଭାରତ ଉନ୍ନତିମାର୍ଗରେ ଅଗ୍ରସର ହେଉଥିଲେହେଁ ଦୁର୍ଭିକ୍ଷ ମଡ଼କ, ଅଶାନ୍ତି ଏବଂ ଅସ୍ୱଚ୍ଛନ୍ଦତା ତାହାର ପଥ ରୁଦ୍ଧ କରୁଅଛି । ଦୁର୍ଭିକ୍ଷ ଏବଂ ମଡ଼କର ପ୍ରଭାବ ଊଣା କରିବାକାରଣ ଗବର୍ଣ୍ଣମେଣ୍ଟ ଯଥାସାଧ୍ୟ ଚେଷ୍ଟା କରୁଅଛନ୍ତି ମାତ୍ର ଶେଷ ଦୁଇକାରଣ ଅନ୍ତର୍ହିତ ନ ହେଲେ ଭାରତର ଅଧଃପତନ ଅନିବାର୍ଯ୍ୟ । ତେଣୁ ଛାତ୍ରମାନେ ନିର୍ବିଘ୍ନଭାବରେ ଚିନ୍ତା କରି ଅସଙ୍ଗତ କାଣ୍ଡଦ୍ୱାରା ଦେଶର ଅଶାନ୍ତି ମେଘକୁ ଘନୀଭୂତ ନ କରିବାକାରଣ ଚିନ୍ତା କରିବା କର୍ତ୍ତବ୍ୟ । ତତ୍ପରେ ଭାଇସ୍ ଚ୍ୟାନ୍ସେଲର ମହୋଦୟ ଅଭିଭାଷଣ କଥା ମଧ୍ୟରେ ପ୍ରକାଶ କଲେ ଯେ ଏଥର ପରୀକ୍ଷାରେ ୧୭ଜଣ ହିନ୍ଦୁବାଳିକା ଏବଂ ତନ୍ମଧ୍ୟରୁ ଅନେକ ପାର୍ସି ବାଳିକା ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଦୁଃଖରକଥା ମଧ୍ୟ ମୁସଲମାନ ମହିଳା ଜଣେ ହେଲେ ନ ଥିବା ଦୁଃଖର ବିଷୟ । ମନୁଷ୍ୟର ଜୀବନ ପ୍ରାୟ ସମାଜର ଜୀବନ ଉନ୍ନତ ନୀତିସଂଯୁକ୍ତ ଧର୍ମରେ ଅନୁପ୍ରାଣିତ ହେବା ଉଚିତ । ସେହି ଧର୍ମର ପ୍ରଧାନ ଦୀକ୍ଷା ମନୁଷ୍ୟପ୍ରତି ପ୍ରେମ ଏବଂ ଐକାନ୍ତିକ ଆଗ୍ରହ । କଲେଜର ବିଦ୍ୟାଳୟମାନଙ୍କରେ ସୁଦ୍ଧା ଧର୍ମଶିକ୍ଷା ପ୍ରଦାନ କରିବା ସହଜ ନୁହେ । ତଥାପି ଯୁବକମାନଙ୍କୁ କୌଣସି ଗୋଟିଏ ଧର୍ମର ଶିକ୍ଷାଦେବା ପ୍ରୟୋଜନୀୟ । ଉନ୍ନତ ଏବଂ ପବିତ୍ର ଧର୍ମଶିକ୍ଷା ଗୀତାରେ ଅଛି ସତ୍ୟ ମାତ୍ର ତାହା ନିତାନ୍ତ ବୈଜ୍ଞାନିକ ଓ ଜଟିଳ । ଏଥିରେ ଥିବା ଜ୍ଞାନ, ଭକ୍ତି ଏବଂ ଯୋଗର ବିଷୟ ପାଠ କରିବାରେ ବୟସ୍କ ଲୋକମାନେ ଝୁଣ୍ଟୁଥିବା ସ୍ଥଳେ ଏହା ବାଳକମାନଙ୍କ ହାତରେ ଦେବା ଯୁକ୍ତିସଙ୍ଗତ ନୁହେ । ମଧ୍ୟ ଗୀତାକୁ ଷଡ଼ଯନ୍ତ୍ରକାରୀ ଲୋକେ ରାଜନୀତି କ୍ଷେତ୍ରରେ ନିଜ ଉଦ୍ଦେଶ୍ୟ ସାଧନାର୍ଥ ବିକୃତ କରିଅଛନ୍ତି । ଅମ୍ଭେମାନେ ଆପଣାର ଉନ୍ନତି ସାଧନ ନ କଲେ ଦେଶର ଅବସ୍ଥା ଉନ୍ନତ ହେବ ନାହିଁ । ଏହି ଉଦ୍ଦେଶ୍ୟରେ ଆମ୍ଭେମାନେ ଆପଣାର ପିଲାମାନଙ୍କୁ ଆପଣାର କର୍ତ୍ତୃତ୍ୱାଧୀନରେ ସୁନୀତିର ଉପଦେଶ ପ୍ରଦାନ କରିବୁଁ । ଆମ୍ଭେମାନେ ସେମାନଙ୍କ ଆଚରଣ କ୍ଷଣେ ତତ୍ତ୍ୱାବଧାନ ନ କରିବା ଏବଂ ଆପଣା ସଦାଚରଣ ଓ ବିଚକ୍ଷଣ ବୁଦ୍ଧିମତ୍ତା ପୂର୍ଣ୍ଣଜୀବନୀଦ୍ୱାରା ଅପ୍ରମତ୍ତତା, ସରଳତା ଏବଂ ଶୃଙ୍ଖଳାର ଦୃଷ୍ଟାନ୍ତ ନ ଦେଖାଇବା ପର୍ଯ୍ୟନ୍ତ କେବେହେ ଭଲ ହେବ ନାହିଁ । ଏଥିରୁ ପାଠକମାନେ ଦେଖିବେ ଯେ ବାଳକମାନଙ୍କର ଚରିତ୍ର ଗଠନ ସେମାନଙ୍କର ଅଭିଭାବକ ଉପରେ ବିଶେଷ ପରିମାଣରେ ନିର୍ଭର କରେ । ଜଣେ ମନ୍ଦ ଚରିତ୍ରରେ ପ୍ରବୃତ୍ତ ହେଲେ ତାହାର ପଲ୍ଲବ ସେପର ହେବା ସମ୍ପୂର୍ଣ୍ଣ ସମ୍ଭବ । ଯେ ଉପଦେଶଠାରୁ ଉଦାହରଣର ବଳ ଅଧିକ ଏବଂ ପିଲାଙ୍କ ସମ୍ମୁଖରେ ସେହି ଆଦର୍ଶ ସର୍ବଦା ରଖିବା । ଏ ସମ୍ବନ୍ଧରେ ଚନ୍ଦାବରକର ମହାଶୟଙ୍କ କଥା ପ୍ରକୃତରେ ସତ୍ୟ ଅଟେ । ଆପେ ଧର୍ମାଚରଣ କରି ପିଲାଙ୍କୁ ଶିଖାଇବା ସହଜ ଏବଂ ଚୈତନ୍ୟଦେବ ସେହି ମତରେ ପରିଚାଳିତ ହୋଇ ଭାରତରେ ଅପୂର୍ବ ଦୃଷ୍ଟାନ୍ତ ରଖିଯାଇ ଅଛନ୍ତି । ସେ ଦୃଷ୍ଟାନ୍ତ ଏହା ଭାରତ କାହିଁକି ଜଗତରେ ମଧ୍ୟ ଅପୂର୍ବ ଅଟେ । ତାଙ୍କର ବିଶ୍ୱପ୍ରେମ ଏବଂ ମନୁଷ୍ୟ କାହିଁକି ଜୀବ ମାତ୍ରରେ ଦୟାର ଦୃଷ୍ଟାନ୍ତର ଯାହା ବୈଷ୍ଣବମାନେ ସେ ଧର୍ମର ଅପବ୍ୟବହାର କରି ପବିତ୍ର ଧର୍ମକୁ ବିକୃତ କରି ନ ଥିଲେ ଆଜି ଭାରତର ରୂପ ଅନ୍ୟପ୍ରକାର ହୋଇଥାନ୍ତା । ସେ ଦିବ୍ୟଧର୍ମଜ୍ଞାନ ଏହା ବେଦପାଠରୁ ସମ୍ଭବ ଥିଲା । ଆମ୍ଭେମାନେ ଇତିପୂର୍ବେ କହୁଅଛୁଁ ଯେ ସରଳ ସାର୍ବଜନୀନ ଧର୍ମଶିକ୍ଷା ଯାହା ବେଦରେ ଅଛି ତାହା ବିଦ୍ୟାଳୟମାନଙ୍କରେ ପ୍ରବର୍ତ୍ତିତ ହେଲେ ପ୍ରଚୁର ଉପକାର ହେବ । ବେଦ ଯେମନ୍ତ ହିନ୍ଦୁର, ତେମନ୍ତ ମୁସଲମାନ, ଖ୍ରୀଷ୍ଟିୟାନ

Digitized by srujanika@gmail.com

ଓ ଜୈନଙ୍କର ମଧ୍ୟ ସମ୍ପର୍କ ଅଛି । ପିତାର ସମ୍ପତ୍ତିରେ ପୁତ୍ରର ଅଧିକାର ଥିବା ପ୍ରାୟ ସମସ୍ତ ଶାସ୍ତ୍ରର ସନ୍ତାନଙ୍କର ବହିଁରେ ଅଧିକାର ଅଛି । ବେଦର ପ୍ରକୃତ ଅର୍ଥ ବିକୃତ ହେବାରୁ ଏହା ତାହାର ଅନାଦର ହୋଇଅଛି । ମାତ୍ର ସେଥିର କାରଣ ଅମ୍ଭେମାନେ ସେହି ଧର୍ମଶିକ୍ଷା କଲେ ସହଜରେ ମନୁଷ୍ୟତା ଜନ୍ମିବା ସଙ୍ଗେ ସ୍ୱରୁଚି, ସ୍ୱଜାତି ତଥା ସ୍ୱଧର୍ମଭକ୍ତି ସମ୍ଭବ ହେବ । ମାତ୍ର ଯାହାବୋଲି ଉପଦେଶକମାନେ ନିଶ୍ଚିନ୍ତ ହୋଇ ବସିଲେ ଚଳିବ ନାହିଁ । ଆପଣା ନିଜ ଆଚରଣ ପ୍ରଭାବ ଶାସ୍ତ୍ରବୁଦ୍ଧି ରକ୍ଷିବା ସେମାନଙ୍କର କର୍ତ୍ତବ୍ୟ-କର୍ମ ଅଟେ ଏବଂ ତଦ୍ଦ୍ୱାରା ନିଜ ଆଚରଣ ମଧ୍ୟ ଭଲ ରଖି ତାହାର ଦୃଷ୍ଟାନ୍ତ ନିଜେ ଆଗରେ ଥୋଇବା ଉଚିତ । ଅମ୍ଭେମାନେ ଆଶା କରୁ ଚନ୍ଦ୍ରବାବୁଙ୍କର ମହାଶୟଙ୍କ ଅମୂଲ୍ୟ ଉପଦେଶ ଦେଶବାସୀଏ ଭବ୍ୟଚିତ୍ତରେ ବିବେଚନା କରି କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବେ ।

---

## ସମାଜ ସଂସ୍କାର ।

ଭାରତବର୍ଷର ସମାଜସଂସ୍କାର ସମ୍ବନ୍ଧରେ ଗତ ଜାନୁୟାରୀ ମାସର ହିନ୍ଦୁସ୍ଥାନ ରିଭ୍ୟୁ ନାମକ ପତ୍ରିକାରେ ଶ୍ରୀଯୁକ୍ତ ଜେ, ଏନ, ଗୁହଠାକୁର୍ତ୍ତା ମହାଶୟ କୋଟିଏ ଚିନ୍ତାଶୀଳ ପ୍ରବନ୍ଧ ଲେଖିଅଛନ୍ତି । ସେ କହନ୍ତି ଯେ ବଙ୍ଗଳାରେ ରାମମୋହନ ରାୟ କେଶବଚନ୍ଦ୍ର ସେନ ଓ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ସମାଜ ସଂସ୍କାର କରିବାରେ ବ୍ରତୀ ହୋଇଥିଲେ ହେଁ ଅନେକ କାର୍ଯ୍ୟ ବାକି ରହିଗଲା । ପଞ୍ଜାବରେ ଦୟାନନ୍ଦ ସମାଜସଂସ୍କାରରେ ଏମାନଙ୍କ ଅପେକ୍ଷା ଅଧିକ ସଫଳ ହୋଇଅଛନ୍ତି ମାତ୍ର ବଙ୍ଗଳାରେ ଏଥିର ଆନ୍ଦୋଳନ କହାନ୍ତି ଉଣା । ସମାଜର ବଡ଼ ଲୋକମାନେ ସଂସ୍କାର କଥାଟା ସମାଜ ବିପ୍ଳବକର ମନେ କରି ତାହା ହେଲେ ନ ଯାଉ ବୋଲି ଧରି ନେଇଅଛନ୍ତି । ସମାଜର କୌଣସି କୋଟିଏ ନିୟମ ପରିବର୍ତ୍ତନ କଷ୍ଟକର ହୋଇ ପାରେ । ବ୍ରାହ୍ମଣମାନଙ୍କର ଅଧିକାର ଯେତେବେଳ ପର୍ଯ୍ୟନ୍ତ ପ୍ରାଧାନ୍ୟ ରକ୍ଷିଥିବ ସେତେବେଳ ସେମାନେ ଆପଣାର ପଦ ମର୍ଯ୍ୟାଦା ବା ଲାଭରେ ବ୍ୟାଘାତ ହେବାକୁ ଦେବେ ନାହିଁ । ହିନ୍ଦୁସମାଜର ନିୟମମାନ ଜଟିଳ ଥିବାରୁ କୋଟିଏ କୌଣସି କଥାରେ ପରିବର୍ତ୍ତନ ଘଟାଇବାକୁ ଗଲେ ଅନ୍ୟ ଅନେକ କଥାରେ ପରିବର୍ତ୍ତନ ହେବା ଅବଶ୍ୟମ୍ଭାବୀ ହୋଇପଡ଼େ । ସୁତରାଂ ଲୋକେ ଏତେ ଝଞ୍ଜଟ ଭିତରକୁ ଯିବାକୁ ଅନିଚ୍ଛୁକ । ପକ୍ଷାନ୍ତରେ ଜନ-ହ୍ରାସ ହିନ୍ଦୁ ହେବାହିଁ ବର୍ତ୍ତମାନ ଦେଖାଯାଏ । ହିନ୍ଦୁସମାଜରୁ ଭ୍ରଷ୍ଟ ହୋଇ ଲୋକେ ଅନ୍ୟ ସମାଜକୁ ଯାଉଅଛନ୍ତି ମାତ୍ର ଅନ୍ୟ ସମାଜରୁ ହିନ୍ଦୁ ସମାଜକୁ କେହି ଆସୁନାହିଁ । ଆର୍ଯ୍ୟସମାଜ ବର୍ତ୍ତମାନ ଶୁଦ୍ଧି କାର୍ଯ୍ୟଦ୍ୱାରା ଅନ୍ୟ ଜାତିସ୍ଥ ଯେ ଲୋକ ହିନ୍ଦୁ ହେବାକୁ ଇଚ୍ଛା କରୁଅଛନ୍ତି ତାଙ୍କୁ ସମାଜମଧ୍ୟକୁ ନେଇ ଅନେକ ଉପକାର କରୁଅଛନ୍ତି ଏବଂ ଏହା ଯୁକ୍ତିସଙ୍ଗତ । ଏହା ନ କଲେ ହିନ୍ଦୁସମାଜର ଜନସଂଖ୍ୟା କ୍ରମଶଃ କ୍ଷୀଣ ହେଉଥିବ ଲୋକସଂଖ୍ୟା ତାଲିକା ଦେଖିଲେ କେମନ୍ତ ବେଗରେ ହିନ୍ଦୁସମାଜ କ୍ଷୀଣ ହେଉଅଛି ତାହା ଜଣାଯିବ । ଯେମନ୍ତ ଅନ୍ୟ ସମାଜସ୍ଥ ଲୋକଙ୍କ ସମାଜମଧ୍ୟକୁ ନେବା ଆବଶ୍ୟକ ସେମନ୍ତ ହିନ୍ଦୁଧର୍ମର ନୀଚଶ୍ରେଣୀରେ ଥିବା ଲୋକଙ୍କୁ ଉନ୍ନତ କରିବା ମଧ୍ୟ ଉଚିତ । କାରଣ ଶୂଦ୍ରଜାତୀୟ ଲୋକଙ୍କୁ ସମାଜ ଘୃଣା କରିବାରୁ ଅନେକ ଖ୍ରୀଷ୍ଟିୟାନ ବା ମୁସଲମାନ ହୋଇଯାଉଅଛନ୍ତି ଏବଂ ଯେତେବେଳ ଜଟିଳ ନିୟମ ଭଙ୍ଗାଇ ହିନ୍ଦୁସମାଜ ନିମ୍ନଶ୍ରେଣୀର ଲୋକଙ୍କ ଘୃଣା ନ କରିବେ ତେତେବେଳ ସମାଜ ସମୃଦ୍ଧିପ୍ରାପ୍ତ ହେବ । ଜାତି ବର୍ଣ୍ଣର ନିର୍ଦ୍ଦିଷ୍ଟସ୍ଥଳରେ ଭଲ ହେଲେ ସୁଦ୍ଧା ସମ୍ପ୍ରଦାୟ ଜାତିର ପରିବର୍ତ୍ତନ ଏକାନ୍ତ ବାଞ୍ଛନୀୟ ଏବଂ ସେହେତୁ ସମସ୍ତ ଜାତୀୟଲୋକଙ୍କର ବର୍ତ୍ତମାନ ମିଳି କରି କାର୍ଯ୍ୟ କରିବାର ସମୟ ଉପସ୍ଥିତ । ସମସ୍ତ ଜାତିଙ୍କମଧ୍ୟରେ ଶ୍ରେଷ୍ଠ ବ୍ରାହ୍ମଣ ଏବଂ ବ୍ରାହ୍ମଣମାନେ ସୁଦ୍ଧା ଆପଣାର ପ୍ରାଧାନ୍ୟ ରକ୍ଷିବାକୁ ଇଚ୍ଛୁକ ଥିଲେ ଏ ବିଷୟରେ ଅଗ୍ରସର ହେବା ଉଚିତ । କାରଣ ଯେତେକ୍ଷଣ ସମସ୍ତ ଉପସ୍ଥିତ ହୋଇଅଛି ଲୋକେ ଆପଣା ଆପଣାର ଅଧିକାର ଓ ସ୍ୱାର୍ଥ ବୁଝି ଉନ୍ନତ ଅବସ୍ଥାକୁ ଅଗ୍ରସର ହେଉଅଛନ୍ତି ଏବଂ ସେହିହେତୁରୁ କ୍ରମାଗତ ଜାତି ଭେଦର ଶିଥିଳ ହୋଇଯାଉଅଛି । ବ୍ରାହ୍ମଣମାନେ ଏହି ସମୟରୁ ଧକ୍କର କାଳ ସମ୍ପ୍ରଦାୟର ଉନ୍ନତି ବିଧାନରେ ଯତ୍ନଶୀଳ ହେବା କର୍ତ୍ତବ୍ୟ । ଯେବେ ଏବେହେଁ ସେମାନେ ଜାଗ୍ରତ ହୋଇ ଏଥିରେ ଯତ୍ନ ନ କରି ନୀରବ ରହିବେ ତେବେ ତେଣିକିବେଳକୁ ଠିଆ ହୋଇ ରହିବାର ସ୍ଥାନ ନିର୍ଦ୍ଦେଶ କର ଅଥବା ମାର୍ଗ ଛାଡ଼ିଯାଉଛେ ନାହିଁ । ଏକଥା ସ୍ୱତନ୍ତ୍ର ଜାଣନ୍ତି ସତ୍ୟ ଏବଂ ଅମ୍ଭେମାନେ ଅପରନ୍ତୁ ବ୍ରାହ୍ମଣମାନଙ୍କ ଏ ବିଷୟରେ ଯତ୍ନଶୀଳ ହେବାକାରଣ ଯାହା କହୁଅଛୁ ବର୍ତ୍ତମାନ ପାଠକେ ତହିଁର ସମର୍ଥନ ଏଥିର ପାଇବେ । ଅଦ୍ୟାପି ବ୍ରାହ୍ମଣମାନଙ୍କୁ ଲୋକେ ମାନୁଅଛନ୍ତି ଏବଂ ବ୍ରାହ୍ମଣଙ୍କ ହସ୍ତରେ ଶାସ୍ତ୍ର ଦେବାରୁ ସେମାନେ ଉଦାରଭାବରେ ଯଥାବିଧି ଲୋକଙ୍କ ବର୍ଣ୍ଣାଶ୍ରମରେ ଲଗାଇଲେ ଅନେକ ଉପକାର ହେବ । ଯେବେ ସେମାନେ ତହିଁ ନ ମନୋଯୋଗୀ ନ ହେବେ ତେବେ ଲୋକେ ଶିକ୍ଷାପ୍ରଭାବରୁ ଆପଣାର ଉନ୍ନତି ଆପେ ସାଧନ କଲେ ପଛକୁ ବ୍ରାହ୍ମଣମାନେ ଅସ୍ତମ୍ ଦେଖିବେ ସେତେବେଳେ ତାଙ୍କ ମାନରକ୍ଷାକୁ କି ବାହାନ୍ତି । ବ୍ରହ୍ମବନ୍ଧୁମାନେ ନିଦ୍ରିତ ସ୍ୱପ୍ନରେ ଏହା ଚିନ୍ତା କରି ଦେଖିବେ କି ?

---

## ବ୍ୟାସମୋହନ ଏକାଡେମୀ ।

ଏ ନଗରର ଶ୍ରୀର୍ଣ୍ଣତିକ ବିଦ୍ୟାଳୟର ବାର୍ଷିକ ପାରିତୋଷିକ ବିତରଣ ନିମନ୍ତେ ବିଦ୍ୟାଳୟ ଗୃହରେ ଗତ ବୁଧବାର ପ୍ରାତଃକାଳରେ ଗୋଟିଏ ସଭା ହୋଇଥିଲା । ଅମ୍ଭମାନଙ୍କର ସଦାଶୟ କମିଶନର ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ଅନେକ ଦେଶୀୟ ଭଦ୍ରଲୋକ ଉପସ୍ଥିତ ହୋଇ ସଭାକୁ ଅଳଂକୃତ କରିଥିଲେ । ଦୁଃଖ ବର୍ତ୍ତମାନଙ୍କରେ ଦେଶୀୟ ଲୋକଙ୍କର ସମାଗମ ଅଧିକ ନ ଥିବାର ଦେଖି ଅମ୍ଭେମାନେ ଦୁଃଖ ପ୍ରକାଶ କରିଥିଲୁଁ ମାତ୍ର ସନ୍ତୋଷର ବିଷୟ ଅମ୍ଭମାନଙ୍କ କଥାରେ ଆସ୍ଥା ରଖି ଏ ବର୍ଷ ଅଧିକାଂଶ ଉପସ୍ଥିତ ହେବା ବଡ଼ ଆନନ୍ଦର ବିଷୟ ୟୁରୋପୀୟ ଭଦ୍ରମଣ୍ଡଳୀଙ୍କ ମଧ୍ୟରେ ଏହା କହିଲେ ଜଣ ଅଧିକ ମହାଶୟ ଉପସ୍ଥିତ ହୋଇଥିଲେ । ସଭାଗୃହଟି ପୁଷ୍ପମାଲ୍ୟ ପତାକା ଓ ସ୍ୱାର୍ଥଶ୍ୟାଗାନ୍ଧ ନାନା ପ୍ରକାର ସଦ୍‌ଗୁଣପ୍ରକାଶକ କଥା ସହିତ ପଟ ପଟିକାମାନଙ୍କରେ ସୁଶୋଭିତ ହୋଇଥିଲା । ଠିକ୍ ଅଠଘଣ୍ଟା ସମୟରେ ସଭାପତି ସଭାସ୍ଥ ହେଲାରୁ ବିଦ୍ୟାଳୟର ସମ୍ପାଦକ ଶ୍ରୀଯୁକ୍ତ ବୈକୁଣ୍ଠ [illegible] ମହାଶୟ ରିପୋର୍ଟ ପାଠ କଲେ । ତହିଁରୁ ପ୍ରକାଶ ହେଲା ଯେ ବିଦ୍ୟାଳୟରେ ବର୍ତ୍ତମାନ ଜ ୪୬୫ ଣ ଛାତ୍ର ଅଛନ୍ତି ଯେ ସେମାନଙ୍କ ମଧ୍ୟରୁ ଜ ୧୩୭ ଣ କରଣ, ଜ ୬୨ ଣ ବ୍ରାହ୍ମଣ, ଜ ୩୮ ଣ ଖଣ୍ଡାଏତ, ଜ ୩୪ ଣ ଉତ୍କଳର ଅନ୍ୟାନ୍ୟ ଜାତିଭୁକ୍ତ, ଜ ୮୨ ଣ କାୟସ୍ଥ, ବଙ୍ଗଳା ଓ ବିହାରର ଅନ୍ୟ ଜାତିଭୁକ୍ତ ଜ ୫୨ ଣ, ତେଲଙ୍ଗା ଜ ୮ ଣ, ମରହଟ୍ଟା ଜ ୩ ଣ, ମୁସଲମାନ ଜ ୪୩ ଣ ଏବଂ ଖ୍ରୀଷ୍ଟିୟାନ ଜ ୨ ଣ ଅଧିକା ପିଲା ହେବାକାରଣ ଗୋଟି ୨ଟି ଶ୍ରେଣୀକୁ ୨ ଶାଖାରେ ବିଭକ୍ତ କରାଯାଇ ଜ ୨ ଣ ଅଧିକା ଶିକ୍ଷକ ରଖାଯାଇଅଛି । ତଥାପି ସ୍ଥାନାଭାବରୁ ଅନେକ ପିଲାଙ୍କୁ ଫେରାଇ ଦିଆଯାଇଅଛି । ଗତ ପ୍ରବେଶିକା ପରୀକ୍ଷାରେ ଏହି ବିଦ୍ୟାଳୟରୁ ଜ ୫୨ ଣ ଛାତ୍ର ପରୀକ୍ଷା ଦେଇଥିଲେ ଯେ ତାଙ୍କ ମଧ୍ୟରୁ ଜ ୫ ଣ ପ୍ରଥମ, ଜ ୧୧ ଣ ଦ୍ୱିତୀୟ ଏବଂ ଜ ୧୭ ଣ ତୃତୀୟ ଏରୂପ ଜ ୩୩ ଣ ଉତ୍ତୀର୍ଣ୍ଣ ହୋଇଥିଲେ । ଅନୁତ୍ତୀର୍ଣ୍ଣ ଜ ୧୪ ଣ ଓ ଯେଉଁ ଅଧିକ ଶ୍ରେଣୀରେ ଜ ୧୧ ଣ ପଢ଼ି ଅଧିକ ପରୀକ୍ଷାରେ ଜ ୨ ଣ ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ଅଧିକ ଶ୍ରେଣୀରେ ଅନ୍ୟ ବିଦ୍ୟାଳୟର ଜ ୬ ଣ ଛାତ୍ର ପଢ଼ିଥିଲେ ସେ ତାଙ୍କ ମଧ୍ୟରୁ ଜ ୩ ଣ ଉତ୍ତୀର୍ଣ୍ଣ

ବିଜ୍ଞାପନ।

ବୌଦ୍ଧରାଜ୍ୟ ଅନ୍ତର୍ଗତ ମନମୁଣ୍ଡା ଅପର୍-ପ୍ରାଇମେରୀ ବାଳକ ବିଦ୍ୟାଳୟ ନିମନ୍ତେ ମାସିକ ଟ ୧୨ ଙ୍କା (ବାରଟଙ୍କା) ବେତନରେ ଏଣ୍ଟ୍ରା-ନ୍ସର ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ବା ଅପରପ୍ରାଇମେରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଥିବା ଜଣେ ଶିକ୍ଷୟିତ୍ରୀ ଏବଂ ବୌଦ୍ଧ ନଳଗଡ଼ ବାଳକ ବିଦ୍ୟାଳୟ ନିମନ୍ତେ ମାସିକ ଟ ୧୦ ଙ୍କା ( ଦଶଟଙ୍କା ) ବେତନରେ ଜଣେ ସହକାରୀ ଶିକ୍ଷୟିତ୍ରୀ ଆବଶ୍ୟକ। ଯେଉଁ ବ୍ୟକ୍ତି ନିଉଓ୍ୱାଲିଫ୍ କାର୍ଯ୍ୟରେ ଅଭିଜ୍ଞତା ଲାଭ କରିଥିଲେ ଅଧିକ ମାସିକ ଟ ୫ ଙ୍କା (ପାଞ୍ଚଟଙ୍କା) ଲେଖାଏ ଏଲାଉନ୍ସ ପାଇବେ। ଉମ୍ମେଦ୍ୱାର-ମାନେ ସ୍ୱ ସ୍ୱ ପ୍ରଶଂସା ପତ୍ର ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ଆବେଦନ କରିବେ।

ମନମୁଣ୍ଡା ମହାନଦୀର ଉପନଦୀ ତେଲନଦୀ କୂଳରେ ଅବସ୍ଥିତ। ବୌଦ୍ଧଗଡ଼ ଓ ମନମୁଣ୍ଡା ଉଭୟ ସ୍ଥାନର ଜଳବାୟୁ ବେଶ୍ ସ୍ୱାସ୍ଥ୍ୟ-ପ୍ରଦ ତା ୮।୩।୧୯୧୦ ମସିହା।

Kasinath Mahanty
ଭାଇସ୍ ଚେୟାରମେନ୍
ଏଡୁକେସନ୍ ବୋର୍ଡ
ବୌଦ୍ଧ ପୋଷ୍ଟ
ଭାୟା କଣ୍ଟିଲୋ

ବିଜ୍ଞାପନ।

ଯେହେତୁ କଟକ ଜିଲା ଅନ୍ତର୍ଗତ ସଦର ଜଗତ୍‌ସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ନିମ୍ନଲିଖିତ କାଞ୍ଜିହାଉସ (ପାଉଣ୍ଡ) ସନ ୧୯୧୦ ମସିହା ଅପ୍ରେଲ ମାସ ତା ୧ ରିଖଠାରୁ ସନ ୧୯୧୩ ମସିହା ମାର୍ଚ୍ଚ ମାସ ତା ୩୧ ରିଖ ପର୍ଯ୍ୟନ୍ତ ୩ ବର୍ଷ ମିଆଦ ନିମନ୍ତେ ଗତ ୧୯୧୦ ମସିହା ମାର୍ଚ୍ଚ ମାସ ତା ୨୪ ରିଖ ।ମୁ। ସନ ୧୩୧୭ ସାଲ ଫାଲ୍‌ଗୁନ ୨ ଦିନ ଦିବା ୧୨ ଘା ସମୟରେ କଟକ ସଦର ଲୋକେଲ-ବୋର୍ଡ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଚେୟାରମେନ ବାହାଦୂରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମ-ଦ୍ୱାରା ଇଜରା ବନ୍ଦୋବସ୍ତ ହୋଇଥିବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ। ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର ହୋଇଯିବ ଓ ନିଲାମ ଗ୍ରହୀତା ତତ୍‌କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମୀ ଜର-ସମନର ଅର୍ଦ୍ଧାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ଓ ବାକୀ ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ। ଉକ୍ତ ଅର୍ଦ୍ଧାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନଃ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ ନ ଦେଲେ ନହିଁର ଯେ କ୍ଷତି ହେବ ତାହା କ୍ଷତିକାରଙ୍କୁ ଦେବାକୁ ହେବ। ନିଲାମ ସ୍ଥିର ହେଲାରୁ ଗ୍ରହୀତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ଶୀଘ୍ରମତେ କବୁଲିୟତ ଲେଖି ଦେଇ ରେଜଷ୍ଟ୍ରୀ କରି ଦେବେ। ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମାଚାର ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲ୍‌ବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ।

ପ୍ରକାଶ ଥାଉକି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା-ହେଲେ ତତ୍‌କ୍ଷଣାତ୍ ତାହାର ଡିପଜିଟ ଜବତ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପୁନଶ୍ଚ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କ ପାଖ ବନ୍ଦୋବସ୍ତ କରାଯିବ।

| | |
|---|---|
| ଥାନା କଟକ | ଥାନା ଜଗତ୍‌ସିଂହପୁର |
| ୧। ପାଥପୁର | ୧। ବନିସିପୁର |
| ୨। ବିଦ୍ୟାଧରପୁର | ୨। ବଡ଼ମୂଲେଇ |
| ଥାନା ବାଙ୍କି | ଥାନା ସାଲେପୁର |
| ୧। ଚର୍ଚ୍ଚିକା | ୧। ସାଲେପୁର |
| ୨। କୁଲଶୀପୁର | ୨। ବିଶ୍ୱନାଥପୁର |
| ୩। ପଟୁରିଆପଡ଼ା | ୩। ଶହୋଲ |
| ୪। କଲାପଥର | ୪। ଜଲେଶ୍ୱରପୁର |

S. L. Board. } N. C. Mitter,
Cuttack. } Chairman.


# ବିଜ୍ଞାପନ।

ନୂତନ ଗ୍ରନ୍ଥ ନୂତନ ମୁଦ୍ରିତ

## ସୁଲକ୍ଷଣା।

ଅଷ୍ଟଦୁର୍ଗ ନିବାସୀ ଶ୍ରୀ ନରସିଂହ ପଟ୍ଟନାୟକଙ୍କଦ୍ୱାରା ନାନା ଛନ୍ଦରେ ବିରଚିତ। ଉତ୍କଳ ଉପେନ୍ଦ୍ର ଭଞ୍ଜଙ୍କ ରଚନାଠାରୁ କୌଣସି ଗୁଣରେ ନ୍ୟୁନ ନୁହେ। ଲାବଣ୍ୟବତୀ ଓ କୋଟିବ୍ରହ୍ମାଣ୍ଡ-ସୁନ୍ଦରୀ ପ୍ରଭୃତି ଗ୍ରନ୍ଥ କବିର ପଦ୍ଧତି କାଞ୍ଚୀ ଦେଶର ମନ୍ତ୍ରିକନ୍ୟା ସୁଲକ୍ଷଣାର, ଚରିତ ଅବଲମ୍ବନରେ ଏହି ଗ୍ରନ୍ଥ ଲିଖିତ। ମୂଲ୍ୟ ଟ ୦ ପ୍ରାପ୍ତିସ୍ଥାନ—କଟକ ଟ୍ରେଙ୍ଗକମ୍ପାନୀଙ୍କର ପୁସ୍ତକ ଦୋକାନ ଦରଘାବଜାର କଟକ


# ଉତ୍କଳ ଦୀପିକା।

## THE BENGAL BUDGET.

A meeting of the Bengal Legislative Council was held at Belvedere on Saturday last when the Honorable Mr. Wheeler presented the revised financial Statement for 1910-11. The Budget estimates the receipts at 5-58 crores and the expenditure at 5-75 crores. The year is expected to open with a balance of 37-37 lakhs and will close with a little over the prescribed minimum balance of twenty lakhs. It is noticeable that different Hon'ble members were in charge of the distinct heads of the Budget. The Hon'ble Mr. Slacke introduced the consideration of the head under the Land Revenue while the Hon'ble Mr. Duke introduced the heads of Expenditure on General Administration. The Hon'ble Mr. Gourlay was in charge of the heads under Law and Justice and Scientific and other minor Departments. The Hon'ble Mr. Kuchler introduced the head "Education." In the Cadre of the Civil Service it is expected that there would be an increase of eight appointments of Joint-Magistrates for which a provision of Rs 32,600 has been made. To cope with the growing Settlement work a number of additional Deputy Collectors and Sub-Deputy collectors will have to be entertained for which a sum of Rs 34,400 has been provided. The new Reform Council entails an increase of expenditure to the extent of Rs 22,000. The cost of the Reforms to Provincial Revenue stands at 2-58 lakhs. Under "Law and Justice" the estimated expenditure stands at 82½ lakhs shewing a net increase of 3-37 lakhs. Of this sum the High Court accounts for 14½ lakhs. For improvement of the prospects of ministerial officers in Civil and Criminal Courts a sum of 2 lakhs has been provided. The recommendations of the Salaries Commission having been sanctioned by the Secretary of state would take effect from 23rd May, 1909. The cost of the criminal Investigation Dept. has been growing steadily. A glance at the figures quoted below will shew how the matter stands.

| | |
|---|---|
| 1906-7 | Rs 73,848 |
| 1907-8 | Rs 1,20,818 |
| 1908-9 | Rs 1,73,604 |
| 1909-10 | Rs 2,53,000 |
| 1910-11 | Rs 3,19,000 |

The Budget also provides for the purchase of arms for warders in Jails at a cost of Rs 1,200 and 100 revolvers for the District Police at a cost of Rs 5000. We are glad to notice that under the head "Education" the Budgeted amount stands at 59.79 lakhs as against 55 lakhs in 1908-9. Out of this sum Rupees fifty thousand will go towards the

Split by PDF Splitter
Digitized by srujanika@gmail.com

# ବିଶେଷ ଦ୍ରଷ୍ଟବ୍ୟ ।

## ଜାମ୍ବୀର ।

ଅଜୀର୍ଣ୍ଣ, ଅମ୍ଳ, ଚମକା ଭେଦ, ଶୂଳ, କଟ ବାଇଗନ, ପେଟଫମ୍ପା, ପେଟ ଫାମ୍ପିବା, ପେଟ ଭଡ-ଭଡ ହୁଡ଼ୁହୁଡ଼ ହେବା, ସର୍ବ ପ୍ରକାର ଉଦର ପୀଡ଼ାର ବହୁ ପରୀକ୍ଷିତ ଓ ପ୍ରଶଂସିତ ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

ଅଜୀର୍ଣ୍ଣ, ଅମ୍ଳ ଓ ଉଦରାମୟର ମହୌଷଧ । ଏହା ସେବନ କଲେ ଛାତି ଜ୍ୱଳିବା, ଗଳା ଜ୍ୱଳିବା ଅରୁଚି ଓ କ୍ଷୁଧାମାନ୍ଦ୍ୟ ହେବା, ଅରୁଚି ହେବା, ବଦହଜମ, ପେଟଫମ୍ପା ଆଦି ପୀଡ଼ା ଛାଡ଼ିଯାଏ, ଓ ଉଦରର ରୋଗରେ ଏହା ଫଳପ୍ରଦ ମହୌଷଧ ଅଟେ । ଭୋଜନ କରି ପରେ ଏକମାତ୍ର ଏହି ଔଷଧ ସେବନ କଲେ ସବୁ ଦବ୍ୟ ଶୀଘ୍ର ହଜମ ହୋଇଯାଏ ଏବଂ ସେବନପୂର୍ବ ସ୍ୱଭାବ ହେଲେ ଏହାର ଗୁଣ ନଷ୍ଟ ହୁଏ ନାହିଁ । ଏହା ଗୃହସ୍ଥଙ୍କ ଘରେ ରଖିବା ଉଚିତ । ମୂଲ୍ୟ ଏକଶିଶି ୫୦ ଡାକମାସୁଲ ।୦ ୵ ଅନେକଶିଶି ଏକ ସଙ୍ଗରେ ନିଅ ।

### ବାତାରି ତୈଳ

ଏହି ତୈଳ ମର୍ଦ୍ଦନ କଲେ ବିବିଧ ପ୍ରକାର ବାତ ଏବଂ ଶୋଥ ଓ ପକ୍ଷ ବାତ ବେଦନା, ଅଣ୍ଟା ବେଦନା, ହାତ ଗଣ୍ଠି ବେଦନା ଶିରା ବେଦନା, କୋମର ବେଦନା, ସନ୍ଧିସ୍ଥଳ ବେଦନା, ହାଇ ହାଇ ବାତ ଗଣ୍ଠିଆ ବାତ, ଶୁଷ୍କ ବାତ, ଆମ ଓ ମାଂସଗତ ବାତ ପ୍ରଭୃତି ସର୍ବ ପ୍ରକାର ଆରୋଗ୍ୟ ହୁଏ ମୂଲ୍ୟ ଏକଶିଶି ଏକ ଟଙ୍କା । ଡାଃ ମାଃ ସ୍ୱତନ୍ତ୍ର

### ଶିର ପୀଡ଼ାର ତୈଳ ।

ମଥା ଘୂରିବା, ମସ୍ତିଷ୍କ ଭାର ସ୍ମରଣ ଶକ୍ତି ହ୍ରାସ ହେବା ସବୁ ବିଦ୍ୟାର୍ଥୀମାନେ ଜାଣନ୍ତି । ଏହି ବହୁ ପରୀକ୍ଷିତ ତୈଳ ମର୍ଦ୍ଦନ ବ୍ୟବହାର କଲେ ସେ ପ୍ରକାର ଓ ସେପରି କଠିନ ପୀଡ଼ା ହେଉ ନିଶ୍ଚୟ ଆରୋଗ୍ୟ ହେବ । ଶିର ରୋଗର ଯନ୍ତ୍ରଣାରେ ସେହିପରି ଉପକାର ଲାଭ କରିବାକୁ ଇଚ୍ଛା କରନ୍ତୁ । ଏହାଦ୍ୱାରା ସବୁପ୍ରକାର ମସ୍ତିଷ୍କ ରୋଗ ଭଲ ହୁଏ । ଅର୍ଥାତ୍ ମସ୍ତ ଘୂରିବା, ମୁଣ୍ଡ ବଥାଇବା, ମସ୍ତିଷ୍କ ଦୁର୍ବଳ, ଅଧିକ ଚିନ୍ତା କରିବା, ଅଧ୍ୟୟନକାରୀ ଛାତ୍ରମାନଙ୍କର ଉପକାର ଓ ଶୀଘ୍ର ଆରାମ ହୁଏ । ଏଥିରେ ମସ୍ତିଷ୍କ ଶୀତଳ ହୋଇ ବୁଦ୍ଧି ବୃଦ୍ଧି ହୁଏ । ଏକ ଫୋଟ ଏକଶିଶି ତୈଳର ମୂଲ୍ୟ ୫୦ ଟଙ୍କା ଡାକମାସୁଲ ସ୍ୱତନ୍ତ୍ର

### ଶ୍ରୀ କଲ୍ୟାଣ ଘୃତ ।

ବିବିଧ ପ୍ରକାର ମୂତ୍ରରୋଗର ଅବ୍ୟର୍ଥ ମହୌଷଧ ।

ଏହା ସେବନ କଲେ ମେହ ପ୍ରମେହ, ଶୁକ୍ର ସ୍ରାବ, ଅଣ୍ଡକୋଷ ବୃଦ୍ଧି, ସ୍ୱପ୍ନଦୋଷ, ଧାତୁ ଦୌର୍ବଲ୍ୟ, ସର୍ବଦୋଷ ଜନିତ ଦୋଷ ଓ ଦୁର୍ବଳତା, ଅନିଦ୍ରା, ସର୍ବାଙ୍ଗ ଦୋଷ, ଅଧିକ ଶର୍କରାପାତ ପ୍ରଭୃତି ଦୂର ହୁଏ ଓ ଲାଭ ହୁଏ, ଶରୀର ପୁଷ୍ଟ ଓ ବଳ ବୃଦ୍ଧି ହୁଏ ।

ଏହି ଘୃତ ବ୍ୟବହାର ଦ୍ୱାରା ଅନେକ ପ୍ରକାର ଦୁର୍ବଳତା ଦୂର ହୋଇ ନୂତନ ଯୌବନ ଶକ୍ତି ଲାଭ ହୁଏ ଓ ଶରୀର ପୁଷ୍ଟ ହୋଇ ଥାଏ ।

ଏହି ଘୃତ ସେବନର ଅଶେଷ ଉପକାର ଅଛି, ମସ୍ତିଷ୍କ ପୁଷ୍ଟ, ଶରୀର ବଳ ବୃଦ୍ଧି ହେବା ସହ ଯୌବନ ଶକ୍ତି ଓ ସ୍ମରଣ ଶକ୍ତି ବୃଦ୍ଧି ହୁଏ । ମୂଲ୍ୟ ଏକଶିଶି ୨୦ ଡାକମାସୁଲ ସ୍ୱତନ୍ତ୍ର ।

ଗଭର୍ଣ୍ଣମେଣ୍ଟ ରେଜେଷ୍ଟ୍ରାର୍ଡ୍ କବିରାଜ ଶ୍ରୀ ଦେବେନ୍ଦ୍ର ନାଥ ସେନଗୁପ୍ତ କବିରାଜ
ବରାହନଗର ପୋଷ୍ଟ ଅଫିସ୍
Barahanagar P. O. Calcutta.

ବର୍ଷ୍ୟାର ଡାକ୍ତରମାନଙ୍କ ଅନୁମୋଦିତ ଏବଂ ସର୍ବ ପ୍ରକାର ଶୀତଜ୍ୱରର ଏକମାତ୍ର ମହୌଷଧ ।
ଡାକ୍ତର ବର୍ମଣଙ୍କର

## ଓଭେରିନ

ଏହି ପ୍ରତ୍ୟକ୍ଷ ଫଳପ୍ରଦ ବହୁ ପରୀକ୍ଷିତ ମହୌଷଧ ସେବନ କଲେ ପାଳିଜ୍ୱର, ଜ୍ୱରବିକାର, ଯକୃତ ଓ ପ୍ଲୀହା ବୃଦ୍ଧି, ଶୋଥଜ୍ୱର, ପେଟ ରୋଗ ଓ ଶରୀରରେ ବେଦନା ପ୍ରଭୃତି ଜ୍ୱରଜନିତ ଉପଦ୍ରବ ଦୂର ହୁଏ ଏବଂ ଶରୀର ଓ ଶରୀରର ଦୁର୍ବଳତା ଦୂର ହୋଇ ସତେଜ ଉତ୍ସାହ ଶକ୍ତି ଜନ୍ମେ ।

ଏହି ମହୌଷଧ ଭାରତବର୍ଷ ସ୍ଥାନରେ ପ୍ରଧାନ ପ୍ରଧାନ ଡାକ୍ତରମାନେ ବ୍ୟବସ୍ଥା କରନ୍ତି ।

ପ୍ରଶଂସା ପତ୍ର

ପାଟନାର ଡାକ୍ତର ଏସ୍ ଦାସ ଏମ୍, ଏ, ଏମ୍, ବି, (ଗଭର୍ଣ୍ଣମେଣ୍ଟ ସ୍କୁଲର ଡାକ୍ତର) ଲେଖନ୍ତି ପ୍ରବର ଓ ଅନ୍ୟସ୍ଥାନର ରୋଗୀ ସ୍ଥାନ ପରିବର୍ତ୍ତନ × × × × ର ଡାକ୍ତର ବର୍ମଣଙ୍କର "ଓଭେରିନ" ଅବ୍ୟର୍ଥ ମହୌଷଧ ।

ଅବସରପ୍ରାପ୍ତ ସିଭିଲ ସର୍ଜନ ଡାକ୍ତର ଏଚ୍ ଏସ୍ ଭଟ୍ଟାଚାର୍ଯ୍ୟ ଏମ୍, ଏମ୍, ଡି, × × × × ଓଭେରିନ ବ୍ୟବହାର କରି ଜ୍ୱରରୋଗ ରୋଗରୁ ଜଣେ ରୋଗୀ ଆରୋଗ୍ୟ ଲାଭ କରୁଅଛି ।

ହମିରପୁର ସିଭିଲ ସର୍ଜନ × × × × ଅନେକ ଜ୍ୱରପ୍ରାପ୍ତ ରୋଗରୁ ଏକ ରୋଗୀ ଆରୋଗ୍ୟ ଲାଭ କରୁଅଛି ।

ମୂଲ୍ୟ ପ୍ରତିଶିଶି ୮୵ ଛଅ ଶିଶି ୯୷୦

ହୋଲ ଏଜେଣ୍ଟସ୍;——

ବାରଣ ଏଣ୍ଡ କୋଂ ହାଲିସାଟ କଲିକତା

ଟେଲିଗ୍ରାଫିକ୍ ଅଡ୍ରେସ

## "ଓଭେରିନ" ।

# ବିନା ମୂଲ୍ୟେ

ମୈଗ୍ନେଟିକ ଔଷଧ କୋମ୍ପାନୀର ଘଡ଼ି

ମୁଦ୍ରା ଓ ରୂପାର

ହୋମିଓପ୍ୟାଥିକ "ଗୋଲ୍ଡ କାର୍ଡ" ଏକ ବାକ୍ସ ଔଷଧରେ ୨୪ ଘଣ୍ଟାରେ ଆରୋଗ୍ୟକାରକ "ଯାଦୁର ମଲମ" ରିଂ ୧ ଶିଶି ୫୦। ଦାମ । ଏହାକୁ ନେଲେ ଏକଗୋଟା ରୋଷ୍ଟକଟ ଘଡ଼ି ଉପହାରରେ ମାସୁଲ ସହିତ ୫୯ । ଦୁଇଶିଶି ୧୦ ଟଙ୍କା । ଏକଗୋଟି ଅଲମପିଣ୍ଡ ସହ ଉପହାର ମାସୁଲ ସହିତ ମୂଲ୍ୟ ୫ ୮। ଅଣା । ୯ ଡୌଲ ନେଲେ ୧ଗୋଟି ଆମେରିକାନ ଆଲମପିଣ୍ଡ ସହ ଉପହାର ମାସୁଲ ସହିତ ୫ ୭ ଟଙ୍କା ଏକଡଜନ ନେଲେ ୧ଗୋଟି ଉତ୍ତମ ସମୟରକ୍ଷକ ନିକେଲ ଘଡ଼ି ସହ ଉପହାର ମାସୁଲ ସହିତ ମୂଲ୍ୟ ୫ ୭୷୦ । ୧୪ ଡୌଲ ନେଲେ ୧ଗୋଟି ୩୨ ଘଣ୍ଟା ସମୟରକ୍ଷକ ରୋଷ୍କୋପ ସିଲ୍ଭର ଓଷ୍ଟାଚ ସହ ଉପହାର ମାସୁଲ ସହିତ ୫ ୬୷୦ । ଦେଢ଼ ଡଜନ ନେଲେ ୧ଗୋଟି ଘଣ୍ଟା ଓ ଅର୍ଦ୍ଧଘଣ୍ଟା ବାଜିବା ଘଡ଼ି ବ୍ୟାରେଲ ସହ ଉପହାରରେ ମାସୁଲ ସହିତ ୫ ୭ ଟଙ୍କା । ୨ ଡଜନ ନେଲେ ୧ଗୋଟି ଲିଭର ମେଟାଲକେସ ହାଣ୍ଟିଂ (ରାଉଣ୍ଡଦାର) ଓଷ୍ଟାଚ ସହ ଉପହାରରେ ଡାକମାସୁଲ ସହିତ ୫ ୭୷୦ । ଅଢ଼ାଇଡଜନ ନେଲେ ୧ଗୋଟି ହାରମୋନିୟମ ବାକ୍ସ ସହ ଉପହାରରେ ମାସୁଲ ସହିତ ୫ ୮। ୩ ଡଜନ ନେଲେ ୧ଗୋଟି ଅସଲି ସିଲ୍ଭର ହାଣ୍ଟିଂ ରାଉଣ୍ଡଦାର ଓଷ୍ଟାଚ ସହ ଉପହାରରେ ମାସୁଲ ସହିତ ୫ ୧୨୷୦ ।



## ହେମପ୍ରଭା ତୈଳ ।

ଏହି ତୈଳ ନାନାବିଧ ଗାଛର ରସର ଉପାଦାନରେ ପ୍ରସ୍ତୁତ । ଏହାର ଶୀତଳ ଏବଂ ସୁଗନ୍ଧରେ ମାନବମାନଙ୍କ କେଶ ତୈଳ ଏହା ଉତ୍କୃଷ୍ଟ ପରିଚିତ ହୋଇଅଛି । ଏହି ହେମପ୍ରଭା ତୈଳ ଲଗାଇଲେ କେଶର ମୂଳ ଦୃଢ଼ ହୁଏ, କେଶ କଳା ହୁଏ ଏବଂ ଚିକ୍କଣ ହୁଏ । କେଶ ଉଠିଯିବା ଦୋଷ ଦୂର ହୋଇ କେଶ ବୃଦ୍ଧି ହୁଏ, କେଶରାଶି ଭ୍ରମରର ତୁଲ୍ୟ ହୁଏ । ଆମ୍ଭେମାନେ ଏକଥର ଲଗାଇଲେ ହିଁ ଏହାର ପରୀକ୍ଷା ଶୀତଳତାରେ ଜାଣି ପାରିବେ, ଅଥଚ ମୂଲ୍ୟ ଅତି ସୁଲଭ ଅଟେ ଏକଥର ମାତ୍ର ପରୀକ୍ଷା କରି ଦେଖନ୍ତୁ । ମୂଲ୍ୟ ଏକଶିଶି ୫ ୧ ଟଙ୍କା ଡାକମାସୁଲ ୫ ୦।୵ । ତିନିଶିଶି ହେମପ୍ରଭା ତୈଳ ନେଲେ ଗୋଟିଏ ଚିରୁଣି ଉପହାର ଓ ମାସୁଲ ସହିତ ୫ ୩୷୦ । ୬ ଶିଶି ହେମପ୍ରଭା ତୈଳ ନେଲେ ଗୋଟିଏ ୫ଂ ଘରର ଓଷ୍ଟାଚ ଉପହାର ଓ ମାସୁଲ ସହିତ ୫ ୬୷୦ । ୧୨ ଶିଶି ହେମପ୍ରଭା ତୈଳ ନେଲେ ଗୋଟିଏ ଉପଯୁକ୍ତ ଟେବୁଲ ଲ୍ୟାମ୍ପ ଓ ଏକଗୋଟି ରୋଷ୍ଟକଟ ମାସୁଲ ସହିତ ୫ ୧୧ ଟଙ୍କା । ୨୪ ଶିଶି ହେମପ୍ରଭା ତୈଳ ନେଲେ ଗୋଟିଏ ମେଟାଲକେସ ହାଣ୍ଟିଂ (ରାଉଣ୍ଡଦାର) ଓଷ୍ଟାଚ ସହ ଉପହାର ଓ ମାସୁଲ ସହିତ ୫ ୧୪ ଟଙ୍କା ।

ପତ୍ରାଦି ଲେଖିବାର ଠିକଣା

ମ୍ୟାନେଜର ଏସ୍, ଏନ୍, ଦାସ୍ ।

ନଂ ୧୯୭।୨ ବନମାଳୀ ସରକାର ଷ୍ଟ୍ରୀଟ

ଠାକୁରପଡ଼ା, ପୋଃ ହାଟଖୋଲା,—କଲିକତା

Split by PDF Splitter

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

CUTTACK SATURDAY THE 19th March 1910.

ଚୈତ୍ର ୫ ୭ ଦିନ ସନ ୧୩୧୭ ସାଲ ଶନିବାର

ସହର କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ଼ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

ଖଣ୍ଡ ୪୫ ଶ | ସଂଖ୍ୟା ୧୨

ଅଗ୍ରିମ ୪ ୩ | ନଗଦ ମୂଲ୍ୟ | ପ୍ରତିଖଣ୍ଡର ୫ ୦ /

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା— ପ୍ରଥମବାର ସକାଶେ ଧାଡ଼ିପ୍ରତି ୫୦ । ଓ ଅର୍ଦ୍ଧମୂଲ୍ୟ ୫୦ ପୁର୍ଣ୍ଣ ଏବଂ ମୂଲ୍ୟ ୨୫ସ ମାତ୍ର । କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେହେଁ ଚାରିର ଦର ୫ ୦ କମ ଲିଆ ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ତେହା ଓ ହରଣ୍ଡି ଯଥାକ୍ରମେ ହେବ । ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରେ ବିଜ୍ଞାପନର ଦର ବିଜ୍ଞାପନର ସଙ୍ଗରେ ପଠାଇବାକୁ ହେବ ।

## ବିଜ୍ଞାପନ ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କର

## ନୂତନପଞ୍ଜିକା ।।

ଶକାବ୍ଦା ୧୮୩୨ ସନ ୧୩୧୭ ଓ ୧୩୧୮ ସାଲ ଇଂରାଜୀ ସନ ୧୯୧୦ । ୧୯୧୧ ସସୀବାର ପୁସ୍ତକଟି ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏହି ପଞ୍ଜିକା ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରାଚୀନ, ବୃହତ୍, ଉତ୍ତମ କାଗଜରେ ମୁଦ୍ରିତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଉତ୍କଳ ଏହି ପଞ୍ଜିକାର ଅଧିକତର ଆଦର ଏବଂ ଅଧିକତର ଗ୍ରାହକ ଏହାର ବହୁଳତା ସମ୍ବନ୍ଧେ ଅଧିକ କହିବା ବାହୁଲ୍ୟ ଅଟେ ।

ବଡ଼ପଞ୍ଜିକା ୫ ୦ ।

ଛୋଟପଞ୍ଜିକା ୬ ୦ ୧ ୭

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିଶନ ପାଇବେ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ ।

## ଓରିୟେଣ୍ଟାଲ ଗଭର୍ଣ୍ଣମେଣ୍ଟ ସିକିଉରିଟି ଲାଇଫ୍ ଏସିଓରେନ୍ସ କୋମ୍ପାନି ଲେମିଟେଡ

ବେଉଅଫିସ ବମ୍ବେ, ୧୮୭୪ ସାଲରେ ସ୍ଥାପିତ

ଏହି ଜୀବନ ବୀମା କୋମ୍ପାନୀ ଅତୁଳନୀୟ, ଏହି କୋମ୍ପାନୀ ସବୁ ସମୟରେ ଅତି ସୁଲଭରେ ଏବଂ ସହଜ ପ୍ରଣାଳୀ ଅନୁସାରେ ଦେବାକୁ ପ୍ରସ୍ତୁତ ।

ଭାରତବର୍ଷର ପ୍ରଧାନ ଏଜେନ୍ସି ଦପ୍ତର

କଲିକତା ବ୍ରାଞ୍ଚ ଅଫିସ
ନଂ ୨୮ ନମ୍ବର ଡେଲହାଉସି ସ୍କୋୟାର
ଚକଲର ସେକ୍ରେଟେରୀ ...
...ଷେକ୍ରେଟେରୀ

ବାବୁ ... କଟକ
ଏଜେଣ୍ଟ ... ପ୍ରସାଦ ଘୋଷ

## THE BHARAT INSURANCE COMPANY, LIMITED.

HEAD OFFICE:—

Bharat Buildings, Lahore.
(THE PIONEER SWADESHI OFFICE)

Branches :—Lahore, Rawalpindi, Sukkur, Nagpore, Ajmere, Ahmedabad, Madras, Hyderabad Deccan.

Chief Agencies :—Calcutta & Bombay.

Chairman :—The Honourable Mr. Harkishna Lal Bar-at-law Lahore

Yearly Income :—Over 400,000.

Issues all kinds of Life, Endowment, Industrial, Marriage and Education, Annuity and Pension and Rupee policies without Medical Examination,

1. Policies non-forfeiable.
2. Surrender Values fixed.
3. Policy holders may participate in the profits of the Co.
4. Prompt Payment of claims.
5. All kinds of facilities are offered.

RATES LOWEST COMPATIBLE WITH SECURITY.

Patronised by all classes in India. *Canvassers & Introducers of business always encouraged.*

For full particulars apply to:—
Lajpat Rai Sahni,
Manager.

Digitized by srujanika@gmail.com

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଦର୍ପଣ କୋର୍ଟ ଅଫ୍ ଓ୍ୱାର୍ଡ଼ସ ଷ୍ଟେଟରେ ଯେ କୌଣସି ଆମ, ଶାଳ ବା ଜଙ୍ଗଲ ପ୍ରଜା ଖଣ୍ଡା ଜମିର ସବୁଜ ବୃକ୍ଷ ଅବଶ୍ୟ ବନ୍ଦୋବସ୍ତ କରିବାକୁ ଇଚ୍ଛା କରନ୍ତି ସେ ପ୍ରଥମେ ଜମିଦାର ଅର୍ଥାତ୍ କୋର୍ଟ ଅଫ୍ ଓ୍ୱାର୍ଡ଼ସ ମାନେଜରଙ୍କ ଅନୁମତି ନେଇ କାଟିବା ଦରକାର ନଚେତ୍ ସେ ହସ୍ତାନ୍ତରକରଣ ଅଗ୍ରାହ୍ୟ ହୋଇ କେତେକ ନାମ ସିରସ୍ତା କାଗଜରେ ଦରଜ ହୋଇ ପାରିବ ନାହିଁ କିମ୍ବା କେତା ସେମାନ ଜମିରୁ ଦଖଲ କରି ପାରିବେ ନାହିଁ ।

Cuttack
The 1st March
1910

K. C. Nund.
*Manager,*
Darpan Wards Estate,

ଏତଦ୍ଵାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନୟାଗଡ଼ ଷ୍ଟେଟର ନିମ୍ନଲିଖିତ ଅବକାରୀ ଦୋକାନ ଓ ତମାଖୁ ଲାଇସେନ୍ସ ସନ ୧୯୧୦—୧୧ ମସିହା ଏକ ବର୍ଷ ଅବଧି ମାର୍ଚ୍ଚମାସ ତା ୨୨ ତାରିଖରେ ନୟାଗଡ଼ ଅଫିସରେ ନିଲାମ କରାଯିବ । ଯାହାଙ୍କର ଡାକ ସର୍ବୋଚ୍ଚ ହେବ କୌଣସି ଆପତ୍ତି ନ ଥିଲେ ନିୟମାନୁସାରେ ତାଙ୍କ ନାମରେ ଲାଇସେନ୍ସ ଦିଆଯିବ

ତା।୨।୧୦

| | | |
|---|---|---|
| ୧ ଅଫିମ | ୨ ଗଞ୍ଜା | ୩ ଦେଶୀମଦ |
| ୧ ନୟାଗଡ଼ | ୧ ନୟାଗଡ଼ | ୧ ଇଟମାଟି |
| ୨ ଇଟାମାଟି | ୨ ଇଟାମାଟି | ୨ କେନ୍ଦୁଝର |
| ୩ ଗୋଡ଼ିପଡ଼ା | ୩ ଗୋଡ଼ିପଡ଼ା | ୩ ଶିଂଘପୁର |
| ୪ ଶରଣକୂଳ | ୪ ଶରଣକୂଳ | ୪ କୋମନ୍ଦ |
| ୫ ଓଡ଼ଗାଁ | ୫ ଓଡ଼ଗାଁ | ୫ ମହୀପୁର |
| ୬ ଦୁର୍ଗା | ୬ ଦୁର୍ଗା | ୬ ବେଲଗଡ଼ |
| ୭ ବାହାଡ଼ାଖୋଲ | ୭ ବାହାଡ଼ାଖୋଲ | ୭ ବାହାଡ଼ା-ଖୋଲ |
| ୮ ମହୁଲପାଲି | ୮ ମହୁଲପାଲି | ୯ ରାଉ |
| | | ୮ ମହୁଲପାଲି |
| | | ୧୦ ଚନ୍ଦ୍ରପୁର |

G. S. Mahanti
Superintendent
Nayagarh State,

ପୁଣି ଅନୁବାଦର ଅବକାଶ ସୁଯୋଗ ।
ଶୀଘ୍ର କ୍ରୟ କରନ୍ତୁ ।

## ବିଚିତ୍ର ହରିବଂଶ ।

ଡିମାଇ ଆଠପେଜି ୬୭୯ ପୃଷ୍ଠା ।
ଭକ୍ତଙ୍କ କୃପାରୁ ସର୍ବବେଦ ପର୍ଯ୍ୟନ୍ତ
ନାନାପ୍ରକାର ଛନ୍ଦରେ ରଚିତ ।
ଅଗ୍ରିମ ଗ୍ରାହକ ସଙ୍ଖ୍ୟାନ୍ତ (ଏପ୍ରେଲ ୧୩ ତାରିଖ) ପର୍ଯ୍ୟନ୍ତ ୮ ୵୵ ଟଙ୍କା ମୂଲ୍ୟର ଏହି ବୃହତ୍ ପୁସ୍ତକ ୫ ୧୯ ଟଙ୍କା ମୂଲ୍ୟରେ ବିକ୍ରୟ କରାଯିବ ଡାକ ମାସୁଲ ଓ ଭି: ପି: ଖରଚ ୮ ୵ ମାତ୍ର ।
ପ୍ରାପ୍ତି ସ୍ଥାନ—ଉତ୍କଳ ସାହିତ୍ୟ ପ୍ରେସ, ପୋ: ଅ: ମୁନସିପାଲିଟି, କଟକ ।

ଅକାଳ ବାର୍ଦ୍ଧକ୍ୟ ଅବସାଦ, ସର୍ବ ପ୍ରକାର ସ୍ନାୟୁବିକ ଦୁର୍ବଳତାର ମହୌଷଧ ।
ଡାକ୍ତର ସି, ସି, ଦାସଙ୍କର

## ଓଭେରିନ୍

ଏହି ପ୍ରତ୍ୟକ୍ଷ ଫଳପ୍ରଦ ଧାତୁ ପୁଷ୍ଟିକର ମହୌଷଧ ସେବନ କଲେ ଦୁର୍ବଳତା, ଉତ୍ତେଜନା ଅଭାବ, ଅଜୀର୍ଣ୍ଣତା, ଶିରପୀଡ଼ା, କଟିପୀଡ଼ା ଓ ଅଙ୍ଗରେ ବେଦନା ପ୍ରଭୃତି ସାଂଘାତିକ ଉପଦ୍ରବ ଦୂରୀଭୂତ ହୁଏ ଏବଂ ରକ୍ତ ଓ ଶରୀରସ୍ଥ ବଳବୃଦ୍ଧି ହୋଇ ସନ୍ତାନ ଉତ୍ପାଦନ ଶକ୍ତି ଜନ୍ମେ ।

ଏହି ମହୌଷଧ ଭାରତର ସୁବିଖ୍ୟାତ ପ୍ରଧାନ ପ୍ରଧାନ ଡାକ୍ତରମାନେ ବ୍ୟବସ୍ଥା କରିଥାନ୍ତି ।

ପ୍ରଶଂସା ପତ୍ର

ପାଟଣାର ଡାକ୍ତର ଏମ୍ ଏଲ୍ ଏମ୍, ଏ, ଏସ୍, ବି, (ଏଡିନବରା ଓ ମେଡିକାଲ କଲେଜ) ଲେଖନ୍ତି ପ୍ରବଳ ଓ ଅନ୍ୟାନ୍ୟ ରୋଗରେ × × × × ଡାକ୍ତର ଦାସଙ୍କ "ଓଭେରିନ୍" ଅବ୍ୟର୍ଥ ମହୌଷଧ ।

ଆହମଦାବାଦର ମେଡ଼ିକାଲ ହସ୍ପିଟାଲର ଡାକ୍ତର ଏଲ୍ ଏମ୍ ଭାଣ୍ଡାରେ ଏମ, ଏସ୍, ଏମ୍, ଡି, × × × × ଓଭେରିନ୍ ବ୍ୟବହାର କରି କଷ୍ଟକର ରୋଗରୁ ଉପଯୋଗୀ ଆରୋଗ୍ୟ ଲାଭ କରୁଅଛନ୍ତି

ବମ୍ବେର ସିଭିଲ ସର୍ଜନ × × × × ଅଜୀର୍ଣ୍ଣ ଇନ୍ଦ୍ରିୟ ଦୌର୍ବଲ୍ୟ ରୋଗରୁ ଏହା ବେଶୀ ଆରୋଗ୍ୟ ଲାଭ କରୁଅଛି ।

ମୂଲ୍ୟ ପ୍ରତିଶିଶି ୮ ୵ ଡାକ ଖର୍ଚ୍ଚ ୮ ୬ ୯

ହୋଲ ଏଜେଣ୍ଟସ୍;——
ଡାକ୍ତର ଏଣ୍ଡ କୋଂ କାଲିଘାଟ କଲିକତା
ଟେଲିଗ୍ରାଫିକ୍ ଅଡ୍ରେସ
"ଓଭେରିନ୍" ।

## ଚିକିତ୍ସାରତ୍ନ

(ଅଦ୍ୟାପ ସପ୍ତମ—ଦ୍ୱାଦଶ ଖୋଳସ୍ତ୍ରୀ)

ଏପରି ପୁସ୍ତକ ବଙ୍ଗଳା ବା ଓଡ଼ିଆ ଭାଷାରେ ଏଯାବତ୍ ପ୍ରକାଶିତ ହୋଇ ନ ଥିଲା । ଏଥିରେ ଯାବତୀୟ ରୋଗର ସ୍ୱରୂପ ଲକ୍ଷଣ, ନିଦାନ ଏବଂ ପ୍ରସିଦ୍ଧ ଓ ପରୀକ୍ଷିତ ଔଷଧମାନ ସରଳ ଓ ସୁନ୍ଦର ଭାଷାରେ ଲିଖିତ ହୋଇଅଛି । ଦୂରନ ପଲ୍ଲୀ ଅଥବା ମଫସଲରେ ଯେଉଁମାନଙ୍କୁ ଚିକିତ୍ସକ ଲୋଡ଼ିବାକୁ ପଡ଼େ ସେମାନଙ୍କ ପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ସହାୟ ହେବ । ଏଥିରେ ସକଳ ରୋଗର ଔଷଧ ଓ ନିଜ ହାତରେ କରିବା ପ୍ରଣାଳୀ ଲିଖିତ ହୋଇଥିବାରୁ ଏହାଦ୍ୱାରା ସାଧାରଣ ଲୋକ ଉପକାରିତା ଲାଭ କରି ପାରିବେ ଡାକ୍ତର ବୈଦ୍ୟ ଡାକିବାର ଦରକାର ହେବ ନାହିଁ । ବୃନ୍ଦାବନ ଚିକିତ୍ସାଳୟ ସହାୟତା ଲାଭ ହେବ । ପୁସ୍ତକ ଥିବା ଘରେ ବୈଦ୍ୟ ଡାକିବାକୁ ହେବ ନାହିଁ ଏହି ପୁସ୍ତକରୁ ଏପରି ସାହାଯ୍ୟ ମିଳିପାରେ ଯାହା ଅନ୍ୟତ୍ର ମିଳେ । ବାସ୍ତବ କଲେ ଏହା ଯଥାର୍ଥ ହେବ ନାହିଁ । ଆୟୁର୍ବେଦ, ହୋମିଓପାଥି, ଯନ୍ତ୍ର, ସବୁ ପ୍ରଣାଳୀର ଏହି ପୁସ୍ତକ ଅଟେ ପ୍ରତ୍ୟେକ ଗୃହସ୍ଥ ଏହି ପୁସ୍ତକ ରଖିବା ଉଚିତ । ଏକଖଣ୍ଡ ମାତ୍ର ଦାମ ମାଶୁଲ ୧ ୵ ଟଙ୍କା ।

ଶ୍ରୀ ଶ୍ରୀ ... ଉତ୍କଳ ଦୋକାନ ଓ ... ହରି ... ଅନୁବାଦକ ... ବାବୁ ... ... କଟକ

## ବିଶେଷ ଦ୍ରଷ୍ଟବ୍ୟ ।

## ଜାମ୍ବୀର ।

ଅଜୀର୍ଣ୍ଣ, ଅମ୍ଳ, ଦମ୍ଭକା ଢେକୁ, କଣ୍ଠ, ବଦ ହଜମ, ପେଟବ୍ୟଥା, ପେଟ ଫାମ୍ପିବା, ପେଟ କଳକଳ ଗୁଡ଼ଗୁଡ଼ କରିବା, ସବୁ ପ୍ରକାର ଉଦରାମୟର ବହୁ ପରୀକ୍ଷିତ ଓ ପ୍ରଶଂସିତ ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

ଅଜୀର୍ଣ୍ଣ, ଅମ୍ଳ ଓ ଉଦରାମୟ ମହୌଷଧ । ଏହା ସେବନ କଲେ ଶୀଘ୍ର କ୍ଷୁଧା, ଗଳା ଜଳିବା, ଅରୁଚି ଓ ଛାତି ଜଳା ହେବା, ଅରୁଚି କରିବା, ବଦହଜମ, ସେମନେର ଖାଦ୍ୟ ହେବା, ଓ ସକଳ ରୋଗର ଅତି ଫଳପ୍ରଦ ମହୌଷଧ ଅବଶ୍ୟ ଭୋଜନ କଲା ପରେ ଏକମାତ୍ର ଏହି ଔଷଧ ସେବନ କଲେ ଭୁକ୍ତ ଦ୍ରବ୍ୟ ଶୀଘ୍ର ହଜମ ହୋଇଯାଏ ପୁଣି ସେବନ ଦ୍ୱାରା ସୁସ୍ଥ ହେଲେ ଏହାର ଗୁଣ ନଷ୍ଟ ହୁଏ ନାହିଁ । ଏହା ଗୃହସ୍ଥର ଘରେ ରଖିବା ଉଚିତ । ମୂଲ୍ୟ ଏକଶିଶି ୫.୦ ଡାକମାଶୁଲ ୫୦ ୵ ଚଉଶିଶି ଏକ ସଙ୍ଗରେ ନିଅ ।

ବାତାରି ତୈଳ

ଏହି ତୈଳ ମର୍ଦ୍ଦନ କଲେ ସବୁ ପ୍ରକାର ବାତ ଏବଂ ଆଘାତ ଓ ପତନ ଜନିତ ବେଦନା, ଅଣ୍ଡର ବେଦନା, ହାତ ଗୋଡ଼ର ବେଦନା, ଗଣ୍ଠିର ବେଦନା, କୋମରର ବେଦନା, ସନ୍ଧିସ୍ଥାନର ବେଦନା, ହିଁ ହିଁ ବାତ, ଗଣ୍ଠିଆ ବାତ, ସନ୍ଧିଗତ ବାତ, ଅସ୍ଥି ଓ ମାଂସଗତ ବାତ ପ୍ରଭୃତି ସମସ୍ତ ରୋଗ ଆରୋଗ୍ୟ ହୁଏ ମୂଲ୍ୟ ଏକଶିଶି ଏକ ଟଙ୍କା । ଡା: ମା: ସ୍ୱତନ୍ତ୍ର ।

ଶିର ପୀଡ଼ାର ତୈଳ ।

ମସ୍ତକ ଘୂରିବା, ମସ୍ତକରେ ବେଦନା ଓ ଅନ୍ୟାନ୍ୟ ଶିରରୋଗ ଗ୍ରସ୍ତ ବହୁ ଲୋକ ଆମ୍ଭର ପରୀକ୍ଷିତ ତୈଳ ବ୍ୟବହାର କଲେ ସେ ପ୍ରକାର ଓ ସେପରି କଠିନ ପୀଡ଼ା ହେଉ ନିଶ୍ଚୟ ଆରୋଗ୍ୟ ହେବ । ଶିର ରୋଗର ଯନ୍ତ୍ରଣାରେ ଯେବେ ସକଳ ଦ୍ରବ୍ୟ ବ୍ୟବହାର କରନ୍ତି । ଏହାଦ୍ୱାରା ସବୁପ୍ରକାର ମସ୍ତକ ରୋଗ ଭଲ ହୁଏ । ଅର୍ଥାତ୍ ମସ୍ତ ଘୂରିବା, ମସ୍ତ ଜଳିବା, ମସ୍ତ ଝିମ ଝିମ କରିବା, ଅଧକପାଳି ପ୍ରଭୃତି ରୋଗମାନ ସହଜରେ ଓ ଶୀଘ୍ର ଆରାମ ହୁଅନ୍ତି । ଏଥିରେ ମସ୍ତ ଶୀତଳ ହୋଇ ସ୍ମୃତି ବୃଦ୍ଧି ହୁଏ । ଏକ ବୋତଲ ଏକଶିଶି ତୈଳର ମୂଲ୍ୟ ୫୵ ଡାକମାଶୁଲ ସ୍ୱତନ୍ତ୍ର ।

ସ୍ତ୍ରୀ କଲ୍ୟାଣ ଘୃତ ।

ସବୁ ପ୍ରକାର ସ୍ତ୍ରୀରୋଗର ଅବ୍ୟର୍ଥ ମହୌଷଧ ।

ଏହା ସେବନ କଲେ ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ଅନିୟମିତ ରଜ ସ୍ରାବ ଜରାୟୁ ସ୍ରାବ, ନାଭିଦୋଷ, ଗର୍ଭଦୋଷ, ଗର୍ଭପାତ, ଜରାୟୁ ଦୋଷ ଓ ବେଦନା, ସନ୍ତାନହୀନ ଋତୁ ଦୋଷ, ଅକାଳ ଗର୍ଭପାତ, ପ୍ରଭୃତି କଷ୍ଟଦାୟକ ଓ ଭୟଜନକ ରୋଗ, ନିଶ୍ଚୟ ଆରୋଗ୍ୟ ହେବ ଓ ସନ୍ତାନ ଉତ୍ପାଦନ ଶକ୍ତି ଜନ୍ମିବ ।

ଏହି ଘୃତ ବ୍ୟବହାର ଦ୍ୱାରା ନାନାପ୍ରକାର ଜରାୟୁଗତ ରୋଗଗ୍ରସ୍ତ ରମଣୀ ଜନ୍ମାଇବାର ପରେ ରୋଗ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କରି ଯୌବନ କାନ୍ତି ପୁଷ୍ଟି ବର୍ଣ୍ଣ ଓ ସୌନ୍ଦର୍ଯ୍ୟ ପୁନଃ ପ୍ରାପ୍ତ ହୋଇ ଥାଆନ୍ତି ।

ଯେଉଁ ସ୍ତ୍ରୀଲୋକର ବନ୍ଧ୍ୟାତ୍ୱ ଧାତୁ ଦୋଷ, ମୃତ ବତ୍ସା, ଗର୍ଭ ହୋଇ ନଷ୍ଟ ହେଉଥାଏ, ଋତୁ ଠିକ ସମୟରେ ହେଉନଥାଏ, ମାସମାସକ ମଧ୍ୟ ଓ ଦୁର୍ବିଷହ ହେଉଥାଏ ସେମାନଙ୍କ ପକ୍ଷରେ ଏହା ଅମୋଘ ଔଷଧ । ମୂଲ୍ୟ ଏକଶିଶି ୫ ୧ ଡାକମାଶୁଲ ସ୍ୱତନ୍ତ୍ର ।

ସର୍ବଶ୍ରେଷ୍ଠ ଶେଷ ଉଦ୍ୟୋଗ ମାପ୍ରାପ୍ତ
ଦେବରାଜ ଶ୍ରୀ ସୁରେନ୍ଦ୍ରନାଥ ଚକ୍ରବର୍ତ୍ତୀ
ବରାହନଗର ପୋ: ଅ: କଲିକତା ।
Barahanagar P. O. Calcutta.

Split by PDF Splitter



completion of the new Mahomedan hostel and Rs. 4,200 for the construction of seven model maktabs. It is understood that a new Physical Laboratory for the Presidency College will also be constructed during the ensuing year.

We note with satisfaction that the Political Agent, Orissa Feudatory States will be provided with an Elephant at a cost of Rs 2,500. The Hon'ble Mr. M. S. Das urged the appointment of a Professor of History at the Ravenshaw College. Several representations had been made ere this for the appointment of a Professor of History and Mr. James while he came here on inspection held out hopes to the persons who saw him on the subject. Honourable Mr. Das in a humorous speech quoted Mr. James as saying last year that the proposal should have come early—just as a person wanting to catch a train comes into the platform before the train arrives. Mr. Das complained that he arrived early enough on the platform this time; but the Hon'ble Mr. Kuchler informed him that no booking was allowed. We are glad that the effort of the Hon'ble Mr. Das has been crowned with success. This proposal was seconded by the Hon'ble Raja of Kanika. It appears that provisions have been made for the construction of the Civil Court buildings at Cuttack and in all probability the work will be taken in hand next year.

---

ବଙ୍ଗଦେଶୀୟ କାୟସ୍ଥ ସଭାର ବାର୍ଷିକ ଅଧିବେଶନ ଗତ ମାର୍ଚ୍ଚ ମାସ ତା ୨୭ । ୨୮ ଦିନରେ ବହରମପୁର ( ମୁର୍ଶିଦାବାଦ ) ଠାରେ ହେବାର ସ୍ଥିର ହୋଇଅଛି । ମୋଫସଲର ଯେଉଁ କାୟସ୍ଥମାନେ ସଭାରେ ଯୋଗଦାନ କରିବାକୁ ଯିବେ ସେମାନଙ୍କ ଅଭ୍ୟର୍ଥନା କରିବା କାରଣ ଗୋଟିଏ ଅଭ୍ୟର୍ଥନା କମିଟି ସ୍ଥାପିତ ହୋଇଅଛି । ସୁତରାଂ ବାସସ୍ଥାନ ଓ ଆହାରର ଅସୁବିଧା ହେବ ନାହିଁ । ଏ ବ୍ୟବସ୍ଥା ଭଲ ।

---

ଏ ନଗରର ଶ୍ରୀ ରାଧିକା ପ୍ରସାଦ କାବ୍ୟତୀର୍ଥ କଟକରୁ ଏକ ଶିଶି ସୁଗନ୍ଧ କେଶରଞ୍ଜନ ତୈଳ ଉପହାର ସ୍ୱରୂପ ପାଇଥିବାର ସ୍ୱୀକାର କରୁଅଛୁଁ । କବିରାଜ ମହାଶୟ ଜଣେ ଦକ୍ଷ ଚିକିତ୍ସକ ବୋଲି ସାଧାରଣରେ ପରିଚିତ। ଏହାଙ୍କ ସୁଗନ୍ଧ ତୈଳକୁ ଆମ୍ଭେମାନେ ବ୍ୟବହାର କରି ଦେଖିଅଛୁଁ ଯେ ଏହାର ଗନ୍ଧ ଅତି ମନୋହର ଏବଂ ଶୀତଳତାଗୁଣବିଶିଷ୍ଟ, ରଙ୍ଗ ମଧ୍ୟ ଅତି ମନୋହର । ସର୍ବସାଧାରଣରେ ଏହି ତୈଳର ଆଦର ହେବାର ଭରସା କରୁଁ ।

---

ବଙ୍ଗପ୍ରଦେଶର ମାନ୍ୟବର ଲେଫ୍ଟେନାଣ୍ଟ ଗଭର୍ଣ୍ଣର ଗତ ଶନିବାର ତା ୧୯ ରିଖ ଅବଧି ଗେଜେଟଦ୍ୱାରା ଘୋଷଣା କରିଅଛନ୍ତି ଯେ ଯେଉଁ ଖୋଲର ଖଣ୍ଡରେ "ମାତୃ ବିଦାୟ" (Farewell mother) ନାମକ ବଙ୍ଗଳା କବିତା ଲେଖାଥିବ ତାହା ନୂତନ ମୁଦ୍ରାଯନ୍ତ୍ର ଆଇନର ଧା ୪ ରା ମତେ ରାଜଦ୍ରୋହସୂଚକ ଦସ୍ତାବିଜ ବୋଲି ଗଣ୍ୟ ହେବ ଏବଂ ସେମାନ୍ତ ଖୋଲମାନ ଗୋର୍ଣ୍ଣମେଣ୍ଟ-ଠାରେ ବାଜ୍ୟାପ୍ତ ହେବ ଏବଂ ଖଣ୍ଡରେ ବଙ୍ଗଳା ଇଂରାଜୀ ବା ଅନ୍ୟ ଯେଉଁ ଭାଷାରେ ତାହା ଲେଖାଥିବ ସେମାନ ଜବତ ହେବ । ଦେଶ-ଲୋକେ ଯେମନ୍ତ ସେପରି ଝଉର ଲୁଗା ନ କିଣନ୍ତି ଓ ବ୍ୟବହାର ନ କରନ୍ତି ଏଥିସକାଶେ ଆମ୍ଭେ-ମାନେ ତାଙ୍କୁ ସାବଧାନ କରିଦେଉଅଛୁଁ । ଉକ୍ତ ମଧ୍ୟରେ କଲିକତାର ଜ ୨ ଣ ଲୋକଙ୍କ ଘରେ ଏହି ଖଣ୍ଡିଆ ଲୁଗା ଥିବା ସନ୍ଦେହରେ ପୁଲିସ ଖାନାତଲାସି କରିଥିଲେ ମାତ୍ର କିଛି ପାଇଲେ ନାହିଁ

※—※

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଶୁଣିଲୁଁ ଯେ ଡାକ୍ତର ଗସ୍ତ ଅବସର ବୋଷ ବାହାଦୁରଙ୍କୁ ଅନୁଗ୍ରହ ଦୁଇବର୍ଷ ଏ ନଗରର ଛାତ୍ର-ମାନଙ୍କରେ କାର୍ଯ୍ୟ କରିବାର ଅନୁମତି ଦିଆଯାଇ-ଅଛି । ବାସ୍ତବିକ ଗସ୍ତ ମହାଶୟଙ୍କଦ୍ୱାରା କଟକ ନାହିଁକି କଟକ ଛଳ ତଥା ଓଡ଼ିଶାର ଯଥେଷ୍ଟ ଉପକାର ହୋଇଅଛି ସୁତରାଂ ତାହାଙ୍କର ଅତ୍ୟଧିକ କାଳ ନ ହେଲେ ଏହି ସ୍ଥାନରେ ରହିବାହେତୁ ଓଡ଼ିଶାବାସୀଏ ସନ୍ତୁଷ୍ଟ ହେବେ ଏଥିରେ ସନ୍ଦେହ ନାହିଁ । ଉକ୍ତ ସ୍କୁଲର ଅନ୍ୟ ଏକ ଶିକ୍ଷକ ଅସିଷ୍ଟାଣ୍ଟ ସର୍ଜନ ଶରତ୍‌ଚନ୍ଦ୍ର ସୂର ମଧ୍ୟ ଅନୁଗ୍ରହ ବ ୨ ର୍ଷ ଏଠାରେ ରହିବାର ଅନୁମତି ପାଇଅଛନ୍ତି । ଯୋଗ୍ୟ ଡାକ୍ତରମାନଙ୍କୁ ଅନ୍ତର କରି ନ ଦେବା ସରକାରଙ୍କ ସୁବିବେଚନାର କାର୍ଯ୍ୟ ଅଟେ ।

※※※

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହକାରେ ଅବଗତ ହେଲୁଁ ଯେ ମାନ୍ଦ୍ରାଜର ଗବର୍ଣ୍ଣର ବୋଦଲର ମହାରାଜାଙ୍କୁ ଆପଣା କାର୍ଯ୍ୟକାରୀ ସଭା ( Executive Council ) ର ସଭ୍ୟ-ସ୍ୱରୂପ ନିଯୁକ୍ତ କରିଅଛନ୍ତି । ମହାରାଜାଙ୍କ ବୟସ ୪୫ ଉମେଦାର ଅଛି ଏବଂ ସେ ତାହା ଉତ୍ତମରୂପେ ଶାସନ କରନ୍ତି । ଏ ମହାଶୟ ଅନେକ ଥର ଜମିଦାରଙ୍କ ପକ୍ଷରୁ ବ୍ୟବସ୍ଥାପକ ସଭାରେ ନିଯୁକ୍ତ ହୋଇଥିଲେ ଏବଂ ଥରେ ଇଂଲଣ୍ଡକୁ ମଧ୍ୟ ଯାଇ ଥିଲେ । ଏହାଙ୍କ ନିଯୁକ୍ତରେ ଜମିଦାର ଓ ସାଧାରଣଙ୍କ ଶିକ୍ଷା ପ୍ରତି ଯେ ବିଶେଷ ମନ ଦେବେ ଏଥିରେ ସନ୍ଦେହ ନାହିଁ ଏବଂ ଆମ୍ଭେମାନେ ଗବର୍ଣ୍ଣର ମହୋଦୟଙ୍କୁ ଏଥି ନିମିତ୍ତ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

—※—

ଢେଙ୍କାନାଳ ନିବାସୀ ବାବୁ ଶାରଙ୍ଗଧର ଦାସ ଆମେରିକାରୁ ପଠାଇଥିବା ପତ୍ର ସ୍ଥାନାନ୍ତରରେ ପ୍ରକାଶ କରି ଉତ୍କଳର ଜନସାଧାରଣ ବିଶେଷତଃ ଉତ୍କଳ ଧନୀଲୋକଙ୍କୁ ତାହା ପାଠ କରିବାକାରଣ ଅନୁରୋଧ କରୁଅଛୁଁ । ସେ ବିଦ୍ୟାଳୟରେ ସାହସପୂର୍ବକ ବିଦେଶକୁ ଯାଇ କଷ୍ଟଭୋଗ କରୁଅଛନ୍ତି ଅତ୍ୟନ୍ତ ଦୁଃଖର ବିଷୟ ଅଟେ । ଏହା ତାହାଙ୍କର ଅସାଧାରଣ ଦକ୍ଷତାର ଫଳ ହୋଇଥାରେ ମାତ୍ର ଯେତେବେଳେ ବିଦେଶ ହୋଇ ସ୍ୱଦେଶୀୟଙ୍କର ସାହାଯ୍ୟ ଲୋଡ଼ୁଅଛନ୍ତି ସେତେବେଳେ ଆମ୍ଭ-ମାନଙ୍କର ନିର୍ବନ୍ଧ ରହିବା ମନୁଷ୍ୟତା ହେବକି ? ଏହାଙ୍କ ସାହାଯ୍ୟ କରିବା ଏକାନ୍ତ ଆବଶ୍ୟକ ଓ ତାହା ଶୀଘ୍ର କରିବା ଉଚିତ ।ଆମ୍ଭେମାନେ ଭରସା କରୁଁ ଯେ ଯାହା ଦାନ କରିବାକୁ ଇଚ୍ଛା କରନ୍ତି ଶୀଘ୍ର ପଠାଇବେ ଓ ସେ ହୁଏ ଆମ୍ଭମାନଙ୍କ ନିକଟକୁ କିଛି ପଠାଇଲେ ତାହାଙ୍କ ନିକଟକୁ ପଠାଇ-ଦେବୁଁ ।

---

ପୁଷାଠାରେ ଫଳ ବୃକ୍ଷର ଉଦ୍ୟାନ ତତ୍ତ୍ୱ-ବିତ୍ ଜ୍ୟାକିଦ୍ ବେଷ୍ଟ ଆଲବର୍ଟ ହାବାର୍ଡ ସାହେବ ଯେଉଁ ରପୋର୍ଟ ପ୍ରକାଶ କରିଅଛନ୍ତି ତହିଁରେ ଲେଖାଅଛି ଯେ ଅଧିକାଂଶ ଫଳଗଛମାନଙ୍କ ମୂଳରେ ଘାସ ଥିଲେ ଫଳ ଭଲ ହୁଏ ନାହିଁ । ପିଜୁଳି, ଲେମ୍ବୁ, କାଗଜି, ଚୋଳ, ଆତ, ପଣସ ଓ ଅନ୍ୟ ଇତ୍ୟାଦି ଗଛମାନ ଘାସ ଥିବା ସ୍ଥାନରେ ବଢ଼ି ପାରେ ନାହିଁ । ଅକ୍ଷାତ୍ୟ ଜ୍ୟାକିଦ୍ ବେଷ୍ଟ ସଙ୍ଗେ ଏ ମତ ମିଳୁଅଛି ଏବଂ ଆମ୍ଭେ-ମାନେ ପାଠକମାନଙ୍କର ଦୃଷ୍ଟି ଏଥିପ୍ରତି ଆକର୍ଷଣ କରୁଅଛୁଁ । ଘାସଗଛମାନ ଭୂମିର ରସ ଟାଣି ନେବାହେତୁ ଗଛମାନ ଉଚ୍ଚ ନ ପାଇ-ବାର ସାଧାରଣତଃ ଦେଖାଯାଏ ଏବଂ ଏଠା ଲୋକେ ତୋଟାମାନ ସଫା ରଖିବା ଦ୍ୱାରା ଗଛମାନ କରୁଥିବା ସତେଜ ରହିବ ତହିଁ ପ୍ରତି ଦୃଷ୍ଟି ରଖନ୍ତି ନାହିଁ । ବରଂ ଅନେକ ସ୍ଥାନରେ ଚରିବା ସ୍ଥାନ ଅଭାବରୁ ଲୋକେ ତୋଟମାନଙ୍କରେ ଘାସ ବଢ଼ାଇ ଗୋରୁ ଚରାନ୍ତି । ଏଥିର ଫଳ ସ୍ୱରୂପ ଆମ୍ଭେମାନେ ସୁସ୍ୱାଦୁ ସତେଜ ଫଳ ଦେଖି-ବାକୁ ନ ପାଉଁ । ଭରସା କରୁଁ ଉଦ୍ୟାନର ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ରଖିବେ ।

—※—

ଜନିର ସାର ସମ୍ବନ୍ଧରେ ଇଣ୍ଡିଆନ ରିଭ୍ୟୁ ନାମକ ପତ୍ରିକାରେ ଲେଖାଅଛି ହାଡ଼, ପିଣ୍ଡିଆ, ମାଛଖାତ ଇତ୍ୟାଦି ସାରରୂପେ ବ୍ୟବହୃତ ହେଲେ ଭଲ ଫସଲ ହୁଏ ମାତ୍ର ମାନ୍ଦ୍ରାଜ ଅଞ୍ଚଳରୁ ୧୯୦୭-୮ ବର୍ଷରେ ୪'୩ ଲକ୍ଷ ଟଙ୍କାର ହାଡ଼, ୭½ଲକ୍ଷ ଟଙ୍କାର ମାଛଖାତ ଏବଂ ୧୫ଲକ୍ଷ ଟଙ୍କାର ପିଣ୍ଡିଆ ସାର ଓ ଅନ୍ୟ ଖାଦ୍ୟ ସହିତ

Split by PDF Splitter



୨୮ ଲକ୍ଷ ଟଙ୍କାର ଚିଉଡ଼ା ରପ୍ତାନୀ ହୋଇଥିଲା । ବିଦେଶରୁ ଏ ଦେଶରେ ଆମଦାନୀ ହୋଇଥିବା ଧାନର ମୂଲ୍ୟ ନ୍ୟୂନକଳ୍ପ ଶୁଭସ୍ୱପର ଘଟେ ଲାଖ । ଏଥିରୁ ଦେଖାଯାଏ ଯେ ଅମ୍ଭମାନଙ୍କ ଦେଶରୁ ବହୁତ ଟଙ୍କାର ସାର ବାହାର ଯାଉଅଛି । ସେହି ମଣିମାନଙ୍କରୁ କେବଳ କହାଣେ ସେହିବର୍ଷ ୧୬୧ ଲକ୍ଷ ଟଙ୍କାର ସେଟର ନଷ୍ଟି ବିଦେଶକୁ ରପ୍ତାନୀ ହୋଇଥିଲା ଏବଂ କେବଳ ମହିର ଚିଉଡ଼ା ବିଦେଶରେ ରହିଲା । ଏଥିରୁ ଚିନ୍ତାଶୀଳ ବ୍ୟକ୍ତିମାନେ ଦେଖନ୍ତୁ ଯେ ଅମ୍ଭେମାନେ ପ୍ରତିବର୍ଷ କେତେ ଟଙ୍କାର ସାର ହରାଉଅଛୁଁ । ଏପରି ଅବସ୍ଥାରେ ଅଧିକା ଫସଲ ଲାଭର ଆଶା କରିବା ମଣି ନୁହେଁ । ଏଣୁ ବିଦେଶକୁ ରପ୍ତାନୀ ନ କରି ହେମୋଣରେ ଏଠାରେ ବ୍ୟବହୃତ ହେଲେ ଅବଶ୍ୟ ଅଧିକ ଲାଭ ହୁଅନ୍ତା । କଟକର ମାଇଲ ଦୂରରେ ଥାଇ ଅଷ୍ଟ୍ରେଲିଆ ଓ ଜାପାନ ଏ ଦେଶରୁ ହାଡ଼ର ଖଣ୍ଡ ନେଇ ସାର ବୋଲି କେଇ ଲାଭ କରୁଥିବାସ୍ଥଳେ ଅମ୍ଭେମାନେ ତାହା ନିଜ ଦେଶରେ ସାର ବ୍ୟବହାର କରି ନ ପାରୁ ଯେ ଲାଭ କଲି ପାରିବୁ ଏହା କଦାପି ବୋଲି ଯାଇ ନ ପାରେ । ଦେଶଲୋକଙ୍କୁ ଧୀରଭାବରେ ଏ ବିଷୟ ବିଚାର କରିବା କାରଣ ଅମ୍ଭେମାନେ ଅନୁରୋଧ କରୁଅଛୁଁ ।

---

କଲିକତାର ବାବୁ ଧୀରେନ୍ଦ୍ର ଚନ୍ଦ୍ର ବସୁ ନାମକ ଜଣେ ବାବୁଙ୍କ ସ୍ତ୍ରୀ "ବେଙ୍ଗଲୀ" କାଗଜରେ କବିତା ପଢ଼ିବା ଶୁଣି ଅତ୍ୟନ୍ତ ଲଜ୍ଜା ହେବାରୁ ସ୍ୱାମୀ ନିକଟ ଏଠାରୁ ଅନ୍ୟ ସ୍ଥଳେ ଯାଇ ଦୁର୍ଭାଗ୍ୟଜନିତ କର ହେବାର ତାଙ୍କର ମାନବଲୀଳା ସମ୍ବରଣ ହେଲା । ସ୍ୱାମୀ ଯୋଗଦେଇ ହୋଇ ରହିଲ ସକାଶେ ଏଠାରୁ କେତେକ ବାବୁମାନଙ୍କ ଅଣ୍ଡୁ କେଉଁବାଟୁ ସେମାନେ ବେଙ୍ଗଲୀର ଲେଖ ସମ୍ପାଦକ ଥିବାର ଜାଣି ସ୍ତ୍ରୀ ପାଖରେ ଦୋଷୀ କଲେ ଏବଂ ସେହି ଯାଇ ଯଥାବିହିତ ଅଭିଯୋଗ କଲେ । ଧୀରେନ୍ଦ୍ର ବାବୁ ଏମାନଙ୍କୁ ଲଭ ନିଷ୍ଠୁର ତିରସ୍କାର ଯଥାବିଧି ସନ୍ତାପ କରିଥିବାର ଅବଗତ ହୋଇ ଅମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ । ବିଦେଶୀ ଲୋକ ବିପଦରେ ପଡ଼ି ଏଠାରୁ ଅଧି ଏ ଭଳି ଅବସ୍ଥାରେ ପଡ଼ିବାର ଦେଖି ଅପରିଚିତ ଥିଲେ ସୁଦ୍ଧା ଯେଉଁ ଭଦ୍ରଲୋକମାନେ କର୍ତ୍ତବ୍ୟକର୍ମ କରିବାରେ ପଶ୍ଚାତ୍ପଦ ହୋଇ ନାହାନ୍ତି ସେମାନେ ସର୍ବସାଧାରଣଙ୍କର ଅଶେଷ ଧନ୍ୟବାଦର ପାତ୍ର । ମାତ୍ର ଯେ ଏମନ୍ତ ସମୟରେ ସହାୟ ହେଉ ଏହା ପରମ ଧର୍ମ ।—ଶ୍ରୀକୃଷ୍ଣ କହିଅଛନ୍ତି "ରାଜଦ୍ୱାରେ ଶ୍ମଶାନେ ଚ ଯସ୍ତିଷ୍ଠତି ସ ବାନ୍ଧବଃ ।" ଫଳରୁ ଏହା ଉକ୍ତି ଧର୍ମକାର୍ଯ୍ୟ ଯୋଗର ପରଗଣିତ । ବଡ଼ ବଡ଼ ଅଫିସ୍ର ଲୋକମାନେ ଏମନ୍ତ କାର୍ଯ୍ୟରେ ଅଗ୍ରସର ହେବାର ଦେଖାଯାଏ ନାହିଁ ଗଲେହେଁ ତାହା ଅନୁମୋଦନୀୟ ହେଉ ଏବଂ ସେ ଜାତିରୁ ମଧ୍ୟ ଯେଉଁମାନେ କର୍ତ୍ତବ୍ୟ କର୍ମରେ ଅଗ୍ରସର ସେମାନେ ଧନ୍ୟ କହିବା ଉଚିତ କଥା । ଅମ୍ଭେମାନେ ଏ ସମ୍ବନ୍ଧରେ ଗୋ ୨ ଖଣ୍ଡି ପ୍ରେରିତପତ୍ର ପାଇଅଛୁଁ ମାତ୍ର ତାହା ପ୍ରକାଶ କରିବା ଉଚିତ ଜ୍ଞାନ କରୁନାହୁଁ କାରଣ ଏ କଥା ବାବୁମାନଙ୍କରେ ପଡ଼ିଲେ ସହଜରେ ଛାଡ଼ିବ । କେବେ ଅମ୍ଭେମାନେ ଏତକ କହିବୁ ଯେ ଧର୍ମ ମନରେ ରଖି କାର୍ଯ୍ୟ କଲେ କ୍ଷୁଦ୍ରୋନ୍ନର୍ତ୍ତ ଷଡ଼ ବଦଳା ' ଚିତାର ସକଳ ଲୀଳା ଶେଷରେ ଥିବାସ୍ଥଳେ ଙ୍କ, ଉକ୍ତ ଯୋଗ ଅପର ବ୍ୟବହାର ଯେମନ୍ତ ଅଭିମାନପୂର୍ବକ କେମନ୍ତ ଅସୁବିଧା ଜନକ । ଯେବେ କାଉଁରୁ ସଜ୍ଜିତ ଷଡ଼ବଡ଼ନାର୍ଥ ଷଡ଼ଯନ୍ତ୍ର ବ୍ୟବହାର ଚଳାଇ ଦେଇ ସବୁ ଘଟଣାର ପରଷାର ପରିଚୟ କରି ଉପଯୁକ୍ତ ଅବସ୍ଥାରେ ନେବାର ନିୟମ କରନ୍ତୁ ତାହା ହେଲେ ତାହାରି ବଡ଼ ସୁବିଧା ରହିବ ନାହିଁ ।

---

ଗତ ନବମ୍ବର କିସ୍ତିରେ ଯେଉଁ ଜମିଦାରମାନେ ସ୍ୱଳ୍ପ ଟଙ୍କା ଅଛି ବା ସମୁଦାୟ ବାକି ରଖିଥିଲେ ତାଙ୍କର ଜମିଦାରୀ ନିଲାମ ସକାଶେ ଚଳିତ ମାସ ତା ୧୪ ରଖ ଧାର୍ଯ୍ୟ ଥିଲା । ଅମ୍ଭମାନଙ୍କର କଲେକ୍ଟର ସାହେବ ଦୟା ପରବଶ ହୋଇ ଅର୍ଥ ଦଣ୍ଡ ଉପରେ ବାକି ଟଙ୍କା ନେବାର ଆଦେଶ କରିବାରୁ ପ୍ରାୟ ଶ୍ରେଷ୍ଠତ ସମସ୍ତଙ୍କୁ ଅଧିକାଂଶ ସେହି କରିଲେ କେହି ଅବା ଦରଖାସ୍ତ କରି ଉପଯୁକ୍ତ କାରଣ ଦେଖାଇ ପୂର୍ବ ବା ଅଳିତ ଅର୍ଥ ଦଣ୍ଡରୁ ଅବ୍ୟାହତି ପାଇ ଟଙ୍କା ଦାଖଲ କଲେ । ଅନେକେ ନିଲାମରେ ଦରଖାସ୍ତ ବା ଟଙ୍କା ଦାଖଲ କରିବାରୁ ଶତକଡ଼ା ଟ ୨୫ କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ଦେଇ ଜମିଦାରୀ ନିଲାମ ଦାୟରୁ ବଞ୍ଚିଗଲେ । ସୋମବାର ଠାରୁ ନିଲାମ ଆରମ୍ଭ ହୋଇ ଗତ ଶୁକ୍ରବାର ପର୍ଯ୍ୟନ୍ତ ଲାଗି ରହି ଥିଲା ଏବଂ ନିଲାମରେ ଅର୍ପି ଥିବା ସମୁଦାୟ ଜମିଦାରୀ ମଧ୍ୟରୁ କେବଳ ଗୋ ୫୨ ଟି ନିଲାମ ହୋଇଅଛି ଏବଂ ନିଲାମରେ ଏକା ଜମିଦାରୀ ସଦର ଜମାର ପ୍ରାୟ ୫୦ ଗୁଣାରେ ଯାଇଅଛି । ଗତ ଦୁଇବର୍ଷ ଅକାଳର ଯୋଗେ ରାଜସ୍ୱ ଆଦାୟ ବନ୍ଦ ଥିବାହେତୁ ଏଥର ଏତେ ଅଧିକ ଜମିଦାରୀ ନିଲାମରେ ଅର୍ପିଥିଲା । କେତେକ ତାହାର ହୋଇ ଟଙ୍କା ଦାଖଲ କରିବାରୁ ନ ଥିବା ଏଥିରୁ ଉତ୍ତମ ରୂପେ ଜଣାଯାଏ । ଏମନ୍ତ ସ୍ଥଳେ ଜମିଦାରର ନିର୍ଣ୍ଣ ମତେ ଅଧିକ ହେବ, ଅମ୍ଭେମାନେ ଅନୁମୋଦନ କରି ପାରୁନାହୁଁ । ଫଳରୁ କେତେ ନିଲାମ ଅଧିକରେ ଜମିଦାର ଜମିଦାରୀ ହଜିବା ନ ଥିବାରୁ ଏହା ଅପରିଷ୍କାର ଥିବାର ଅମ୍ଭେମାନେ କହି ନ ପାରୁଁ । ଯେବେ କଲେକ୍ଟର ସାହେବ ଦୟା କଲେ ସେ ଦୟା ସମ୍ପୂର୍ଣ୍ଣ ହେବା ଉଚିତ । ଅଧିକନ୍ତୁ ଚିରସ୍ଥାୟୀ ବନ୍ଦୋବସ୍ତ ମହାଲ ବଙ୍ଗଦେଶ ସଙ୍ଗେ ଅପର ସ୍ଥାୟୀ ବନ୍ଦୋବସ୍ତ ଯୁକ୍ତ ଓଡ଼ିଶା ଏହା ଅପେକ୍ଷା ଭିନ୍ନ ହୋଇଅଛି । ବଙ୍ଗଳାର ଜମିଦାରମାନଙ୍କର ଆୟ ଅଧିକ ଥିବାରୁ ବର୍ଷେ ଦୁଇବର୍ଷ ଘୋର ମନ୍ଦାରେ ତାଙ୍କର କେତେ କଷ୍ଟ ନାହିଁ ଏବଂ ସେମାନେ ପ୍ରାପ୍ୟ ରାଜସ୍ୱ ବାକି ରଖନ୍ତି ନାହିଁ । ଓଡ଼ିଶାର ଜମିଦାରଙ୍କ ଅସ୍ଥ ଗତ ବନ୍ଦୋବସ୍ତରୁ ଅନେକ ଗୁଣ ହୋଇ ଯାଇ ଅଛି ଏବଂ ତହିଁ ସଙ୍ଗେ ଘୋର ମନ୍ଦାର ବାଧା ହେଲେ ଜମିଦାରମାନେ ଆଉ ରାଜସ୍ୱ ଦେବା ପାଇଁ ପୋଷିବା ସକାଶେ ନୂତନ ଦାର ଦେଇ ବସନ୍ତି । ଏମନ୍ତ ଅବସ୍ଥାରେ କଲେକ୍ଟର ସାହେବ ଦୟା କରି ସେମାନଙ୍କ ଜମିଦାରୀ ନିଲାମ ନ କରିବା ସମ୍ପୂର୍ଣ୍ଣ ନୀତିସଙ୍ଗତ । ମାତ୍ର ତହିଁରୁ ନିଲାମ ସକାଶ ୧୧ ଅପରାହ୍ନ ଏ ଦେଖାଯାଇ ନ ଥିବାର ଉତ୍ତମରୂପେ ଜଣାଯାଏ । ଅମ୍ଭମାନଙ୍କ ବିବେଚନାରେ ସେ ଆଇନ୍ଟି ଓଡ଼ିଶା ପକ୍ଷେ ପରିବର୍ତ୍ତିତ ହେବା ବାଞ୍ଛନୀୟ । ସେ ୨ ଜମିଦାରୀ ମାନ ପ୍ରାପ୍ୟ ଅଧିକ ମୂଲ୍ୟରେ ନିଲାମ ହୁଅଇ ଏବଂ ଲୋକେ ଅନ୍ୟ ପ୍ରକାରେ ଟଙ୍କା ଲଗାଇବାର ଉପାୟ ନ ଦେଖି ଜମିଦାର ହୋଇ ବସୁଅଛନ୍ତି ।

---

## ବଙ୍ଗପ୍ରଦେଶର ବଜେଟ ।

ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଗତ ଶନିବାର ଦିନ ବଙ୍ଗପ୍ରଦେଶର ଆଗାମୀ ବର୍ଷର ଆୟ ବ୍ୟୟ ସମ୍ବନ୍ଧୀୟ ବଜେଟ ଅର୍ପଣ ହୋଇଥିଲା । ତହିଁରୁ ପ୍ରକାଶ ହେଲା ଯେ ଗଭର୍ଣ୍ଣମେଣ୍ଟ ଟ ୩୦୪୨୦୦ କା ଦାନ କରିଥିବାରୁ ଚଳିତବର୍ଷ ଶେଷରେ ଟ ୩୭୩୭୦୦୦ କା ଉଦ୍ବୃତ୍ତ ରହିବ । ଗତବର୍ଷ ଶେଷଭାଗରେ ଟ. ୫୮୪୩୦୦୦ କା ଜମା ଥିଲା । ଚଳିତବର୍ଷର ଆୟ ଟ ୫୭୭୪୨୦୦୦ କା ଓ ବ୍ୟୟ ଟ ୫୪୮୫୫୦୦୦ କା ସ୍ଥଳେ ଆଗାମୀ ବର୍ଷର ଆୟ ଟ ୫୫୮୦୦୦୦୦ କା ଓ ବ୍ୟୟ ଟ ୫୭୫୪୦୦୦୦ ଇଷ୍ଟିମେଟ ହୋଇଅଛି । ସୁତରାଂ ଆୟରୁ ବ୍ୟୟ ବଢ଼ଯାଇଅଛି ଏବଂ ଅଭାବ ଟଙ୍କା ଗଭର୍ଣ୍ଣମେଣ୍ଟଙ୍କ ଦାନରୁ ପୂରଣ ହେବ । ଏଥି ମଧ୍ୟରେ କୈବିସୃତିଷ୍ଟିର ଇଡେନ୍ ହ୍ଲର ନିର୍ମାଣ, ଗୁରୁଟ୍ରେନିଂ ବିଦ୍ୟାଳୟ ନିର୍ମାଣ, ଗୋ ୭ ଟି ଅପର୍ଣ୍ଣ ନକ୍ତକ ନିର୍ମାଣ, ପ୍ରେସିଡେନ୍ସି କଲେଜରେ ପଦାର୍ଥବିଦ୍ୟାର ଘରାଳୟ ଏବଂ ରାଞ୍ଚି, ସ୍କୁଲ୍ସ ଓ ଡାରଜିଲିଂର ବିଦ୍ୟାଳୟର ଉନ୍ନତ ନିମିତ୍ତ ଖର୍ଚ୍ଚ ଅଧିକ ହୋଇଅଛି । ଜେଲଖାନାରେ ଅଧିକା ଦଣ୍ଡ ହୋଇଥିବା ହେତୁ

Digitized by srujanika@gmail.com

ଉନ୍ନ ସହାୟେ ଅଥବା ଗୃହ ନିର୍ମାଣ ଓ ମରମତ, ଦପ୍ତର ଏବଂ ଡିଷ୍ଟ୍ରିକ୍ଟଠାରେ ଦେୱାନୀ ଅଦାଲତ-ଘର ନିର୍ମାଣ ନିମନ୍ତେ ଟଙ୍କା ଖଞ୍ଜାଯାଇଅଛି । ଜଳ ସେଚ ଜଳରୁ ଅଧିକ ସାହାଯ୍ୟ ହେବାକାରଣ ଲେଫଟେନାଣ୍ଟ ମହୋଦୟ ଚଳିତବର୍ଷର ଅଧଲକ୍ଷ ସ୍ଥଳେ ଆଗାମୀ ବର୍ଷରୁ ଏକଲକ୍ଷ ଟଙ୍କା ଦାନରେ ଉକ୍ତ ବିଭାଗୀୟ କମିଶନରମାନଙ୍କ ଟ ୭୫୦୦୦ ଙ୍କା ସ୍ଥଳେ ଏକଲକ୍ଷ ଟଙ୍କା ପ୍ରାଦେଶିକ ସାହାଯ୍ୟ ସହାୟେ ହେଉଅଛନ୍ତି । ସିଂହୋଟାଗର ଉଣିବାଦକାରେ ଦୁଇଲକ୍ଷ ଟଙ୍କା ଧରାଯାଇଅଛି । ସମ୍ବଲପୁର ନିକଟ ବାହୁଡ଼ଠାରେ ନୂତ ବିଦ୍ୟାଳୟ ସ୍ଥାପିତ ହୋଇଅଛି ଏବଂ ସେଠାରେ ଉଲ୍ଲିଖ କର୍ମଚାରୀ ନିଯୁକ୍ତ ହୋଇଅଛନ୍ତି । ବାଙ୍କିପୁର, ଭାଗଲପୁର (ମାରୁତ), ତଳସୁଖ ଏବଂ ବହରେ ଅପର୍ଣ୍ଣ ବୃତ୍ତିଶେଷ ସ୍ଥାପିତ ହୋଇଅଛି । ଏଥିସହାୟେ ଟଙ୍କା ଖଞ୍ଜାଯାଇ ଅର୍ଥାଭାବରୁ ସମ୍ବ ଓ ବହରମପୁରଠାରେ ବନ୍ଧୁ ହସଯାଇ ପାରନାହିଁ । ଅବକାରୀରୁ ଆୟ ଆଗାମୀ ବର୍ଷରୁ ୧୬୦୫ ଲକ୍ଷ ଧରାଯାଇଅଛି । ସନ ୧୮୯୩ ମସିହାରେ ଅବକାରୀ ଆୟ ୧୧୩୫ ଲକ୍ଷ ଥିବାସ୍ଥଳେ ଏଥି ମଧ୍ୟରେ କ୍ରମାଗତ ଏତାଦୃଶ ବୃଦ୍ଧି ହେବାପକ୍ଷେ ଶୁଭସୂଚକ ନୁହଇ । ଚଳିତ ବର୍ଷର ଆୟ ଦୁର୍ଭିକ୍ଷାଦରେ ଊଣା ହୋଇଥିଲା ମାତ୍ର ଆଗାମୀ ବର୍ଷ ଲାଭ ଅଧିକ ହେବ । ଦେଶୀ ମଦରୁ ଦଶଲକ୍ଷ, ଗଞ୍ଜାରୁ ୨୯୫ ଲକ୍ଷ, ଅଫିମରୁ ୧୬ ଲକ୍ଷ, ତାଡ଼ିରୁ ୮୨ ଲକ୍ଷ, ପଚୁଇ ବା ହାଣ୍ଡିଆରୁ ୬ ଲକ୍ଷ ଏବଂ ବିଦେଶୀ ମଦରୁ ୪୫ ଲକ୍ଷ ଆମଦାନୀ ହେବାର ଉଲ୍ଲିଖିତ ହୋଇଅଛି ଏବଂ ଷ୍ଟାମ୍ପର ଉଦ୍ଦିଷ୍ଟ ୮୫ ଲକ୍ଷ ବାକିଠାରେ କେଲଖାନା ହେବାସହାୟେ ଟଙ୍କା ଖଞ୍ଜା ଯାଇଅଛି । ଏହି ବଜେଟସମ୍ବନ୍ଧୀୟ ବୈଠକ ସମୟରେ ଏକ ତର୍କ ମଧ୍ୟ ହୋଇଯାଇଅଛି ଏବଂ ଆମ୍ଭମାନଙ୍କର ଶ୍ରଦ୍ଧେୟ ମାନ୍ୟବର ମଧୁସୂଦନ ଦାସ ସି ଆଇ ଇ ଙ୍କ ପ୍ରସ୍ତାବମତେ କଟକ କଲେଜରେ ଇତିହାସ ପଢ଼ାଇବାକାରଣ ଜଣେ ଅଧ୍ୟାପକ ନିଯୁକ୍ତ ହେବାର ଧାର୍ଯ୍ୟ ହୋଇଅଛି । ବଜେଟର ସରକାରଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାର ଦେଖାଯାଏ । ଏମନ୍ତ ସ୍ଥଳେ ଶିକ୍ଷା ବିଭାଗରୁ ଅଭାଗଳ୍ପ ପରଦର୍ଦେ କର୍ମଚାରୀ ବାହାର କରଦେବା ସଙ୍ଗେ ବନ୍ଦୋବସ୍ତ ମନ୍ଦଲୁମା ଅନ୍ତତଃ ବର୍ତ୍ତମାନ ଉଠାଇ ଦେଲେ ଗବର୍ଣ୍ଣମେଣ୍ଟଙ୍କର ଟଙ୍କା ବେଶୀ ରହିଯିବା ସଙ୍ଗେ ଦେଶର ଅନେକ ଉନ୍ନତ ସୂଚକ କାର୍ଯ୍ୟ ହୋଇ ପାରନ୍ତା ।

---

ରେଭେନ୍‌ସା ହନ୍ଦୂବାନଦା ବିଦ୍ୟାଳୟ ।

ଗତ ବୁଧବାର ଅପରାହ୍ନ ସମୟରେ ଶୀର୍ଷଲିଖିତ ବିଦ୍ୟାଳୟର ପୁରସ୍କାର ବିତରଣ ସଭା ହୋଇଥିଲା । ସଭାସ୍ଥଳଟି ସୁନ୍ଦର ଚନ୍ଦ୍ରାତପ, ତୋରଣ, ଫୁଲ ଓ ପତ୍ରମାଳ ଏବଂ ଆଲୋକରେ ସୁସଜ୍ଜିତ ହୋଇଥିଲା । ଦେଶୀୟ ଏବଂ ଇଂରେଜ ବହୁସଂଖ୍ୟକ ଭଦ୍ରଲୋକ ଓ ମହିଳାମାନେ ସଭାସ୍ଥଳ ଅଲଂକୃତ କରିଥିଲେ । ଆମ୍ଭମାନଙ୍କର ମାନନୀୟ କମିଶନର ସାହେବ ମହୋଦୟ ସ୍ୱପତ୍ନୀ ସମଭିବ୍ୟାହାରେ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ବିଦ୍ୟାଳୟର ଛାତ୍ର ଓ ଛାତ୍ରୀମାନଙ୍କର କଣ୍ଠସ୍ଥ ପାଠ ଆବୃତ୍ତି ପ୍ରଦର୍ଶନୀ ନିମିତ୍ତ ପୃଥକ୍ ସୁସଜ୍ଜିତ ବେଦୀ କଳ୍ପିତ ହୋଇଥିଲା । ଏରୂପେ ସଭାସ୍ଥଳଟି ପ୍ରକୃତରେ ବେଶ ସନ୍ତୋଷ ପ୍ରଣିଧାନ ହୋଇଥିଲା । ୫.୫ ଘଣ୍ଟା ସମୟରେ ସଭା ଆରମ୍ଭ ହୋଇଥିଲେହେଁ ଆଗନ୍ତୁକ ଲୋକେ ଅଣି ଆସନ ଗ୍ରହଣ କରିବାର ଗୋଳମାଳ ହେଲୁ କିଛି ପରେ କାର୍ଯ୍ୟାରମ୍ଭ ହେଲା । ପ୍ରଥମତଃ ଛାତ୍ର ଓ ଛାତ୍ରୀମାନେ ଓଡ଼ିଆ, ବଙ୍ଗଳା, ସଂସ୍କୃତ ଏବଂ ଇଂରାଜୀ ଗୀତ ବାଦ୍ୟସହକାରେ ଅଭିନୟ ସହିତ ଗାଇ ସଭ୍ୟମାନଙ୍କର ଚିତ୍ତ ବିନୋଦନ କରିଥିଲେ ଏବଂ ସେ ସବୁ ଦେଖିବାକୁ ଓ ଶୁଣିବାକୁ ରମଣୀୟ ମଧ୍ୟ ସେମାନଙ୍କର ବେଶ ଭୂଷା ହୃଦୟଗ୍ରାହୀ ହୋଇଥିଲା । ଅତଃପର ମାନ୍ୟବର କନିକାର ରାଜା ମହୋଦୟ ଗତବର୍ଷର ରିପୋର୍ଟ ପାଠ କଲେ । ତହିଁରୁ ପ୍ରକାଶ ପାଇଲା ଯେ ସନ ୧୯୦୮ ମସିହାରୁ ବିଦ୍ୟାଳୟଟି ଉଚ୍ଚ ଶ୍ରେଣୀରେ ପରିଣତ ହୋଇଅଛି । ସେହି ବର୍ଷ ଫେବୃୟାରୀ ମାସରେ ୬୪୮ ଜଣ ଛାତ୍ରୀ ଥିବାସ୍ଥଳେ ଗତ ବର୍ଷର ଶେଷ ଭାଗରେ ସେମାନଙ୍କର ସଂଖ୍ୟା ୬୭୧ ଣ ହୋଇଥିଲା ଏବଂ ଦୈନିକ ଉପସ୍ଥିତ ହାରହାର ୩୦ ସ୍ଥଳେ ଗତବର୍ଷ ୧୬୦ ହୋଇଥିଲା । ଏମାନଙ୍କ ମଧ୍ୟରେ ଅଳ୍ପ ସଂଖ୍ୟକ ବାଳକ ଥିଲେ । ମୋଟ ଛାତ୍ର ଓ ଛାତ୍ରୀମାନଙ୍କ ମଧ୍ୟରୁ ୨୧୫ ଜଣ ହିନ୍ଦୁ, ୩୬ ଜଣ ଖ୍ରୀଷ୍ଟିୟାନ, ଜଣେ ବ୍ରାହ୍ମ ଏବଂ ୮ ଣ ମୁସଲମାନ ପୁଣି ସେମାନଙ୍କ ମଧ୍ୟରୁ ୧୧୬ ଓଡ଼ିଆ, ୬୮ ଏ ଦେଶୀୟ ବଙ୍ଗାଳୀ ଏବଂ ୬୬ ବଙ୍ଗଦେଶୀୟ ଅଟନ୍ତି । ବର୍ଷ ମଧ୍ୟରେ ମୋଟ ୨ଟି ଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇ ଦୁହେଁ ଉତ୍ତୀର୍ଣ୍ଣ ହେଲେ ଏବଂ ତହିଁ ମଧ୍ୟରୁ କୁମାରୀ ନର୍ମଦା କର ଟ ୧୦ ଙ୍କା ମୂଲ୍ୟର ସରକାରୀ ବୃତ୍ତି ପାଇ ବେଥୁନ କଲେଜରେ ପଢ଼ୁଅଛି । ଉଚ୍ଚପ୍ରାଇମେରୀ ପରୀକ୍ଷାରେ କୁମାରୀ ସୁରଥଣୀ ନାୟକ ଉତ୍କଳର ସମସ୍ତ ପରୀକ୍ଷୋତ୍ତୀର୍ଣ୍ଣ ବାଳକ ବାଳିକାଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ବାଳିକାବିଦ୍ୟାଳୟର ନୂତନ ନିୟମାନୁଯାୟୀ ଏହି ବିଦ୍ୟାଳୟ ବିଶ୍ୱବିଦ୍ୟାଳୟଭୁକ୍ତ ହୋଇଅଛି । ଏହି ବିଦ୍ୟାଳୟ ସଂଲଗ୍ନ ଗୋଟିଏ ଛାତ୍ରାବାସ ଅଛି । ତହିଁରେ ଥିବା ୨୬ ଣୀ ଛାତ୍ରୀଙ୍କ ମଧ୍ୟରୁ ଗାଲଭେଦରୁ ୬ * ଣ ଅପେ ଶାସ୍ତ୍ରୀ ହେବା ସହାୟେ ଇହ ଅଧ୍ୟୟନ କରୁଅଛନ୍ତି ଏବଂ ତାଙ୍କମଧ୍ୟରୁ ଜଣେ ବିବାହିତା । କାର୍ଯ୍ୟ ନିର୍ବାହ ସହାୟେ ବିଦ୍ୟାଳୟର ଗୋଟିଏ ସାଧାରଣ ଏବଂ ଅନ୍ୟ ଗୋଟିଏ କାର୍ଯ୍ୟକାରୀ କମିଟି ଅଛି ଏବଂ ବିଦ୍ୟାଳୟର ସଂରକ୍ଷଣ ସହାୟେ କୁମାରୀ ଶୈଳବାଳା ଦାସ, କନିକାର ରାଜା ଏବଂ ବାବୁ ଗଗନଶଙ୍କର ଗସ୍ତ ଦାୟିତ୍ୱ ନେଇ ଦେଉଅଛନ୍ତି । ସ୍ୱର୍ଗୀୟ ସେଟଲମେଣ୍ଟ ମହୋଦୟ, ଭୂତପୂର୍ବ କମିଶନର ଉଡ଼୍‌ନ ସାହେବ, ବର୍ତ୍ତମାନ କମିଶନର ଲେଭଞ୍ଜ ସାହେବ, କଲେକ୍ଟର ବର୍ଲ ସାହେବ ଏବଂ ଭୂତପୂର୍ବ ଓ ବର୍ତ୍ତମାନ ଡାଇରେକ୍ଟର ସାହେବ ପ୍ରଭୃତି ଏହି ବିଦ୍ୟାଳୟ ପରିଦର୍ଶନ କରି ଭଲ ମନ୍ତବ୍ୟ ଲେଖି ଯାଇଅଛନ୍ତି । ବିଦ୍ୟାଳୟର କେବଳ ବର୍ଷମଧ୍ୟରେ ଟ ୧୬୩୫/୯ ଅଦାୟ ହୋଇଥିଲା । ଏଥିର ମାସିକ ଚାନ୍ଦା ଟ ୭୧୮ ଅଛି ଏବଂ ୧୯୦୯ ମସିହା ଫେବୃୟାରୀ ମାସଠାରୁ ବର୍ଷଶେଷ ପର୍ଯ୍ୟନ୍ତ ଟ ୫୧୧୮ ଅଦାୟ ହୋଇ ୫ ୧୫୧୫ ବାକି ଥିଲା । ବିଦ୍ୟାଳୟର ଉନ୍ନତି ସହାୟେ ସାଧାରଣଙ୍କଠାରୁ ଟ ୧୫୧୫ ଙ୍କା ଏକକାଳୀନ ଦାନସ୍ୱରୂପ ମିଳିଅଛି । ଗତବର୍ଷ ଆରମ୍ଭରୁ ସରକାରୀ ସାହାଯ୍ୟ ମାସିକ ଟ ୫୦୦ ଙ୍କା ହୋଇଅଛି ଏବଂ ବିଦ୍ୟାଳୟର ମାସିକ ବ୍ୟୟ ଟ ୧୪୦୦ ଙ୍କା ପଡ଼ୁଥିବାରୁ ସରକାରୀ ସାହାଯ୍ୟ ଆରମ୍ଭରୁ ମାସିକ ୫୬୫୦୯ ହେବାର ଆଶା ଅଛି । ବିଦ୍ୟାଳୟର ଗୋ ୩ ଟି ବଡ଼ଗାଡ଼ି ଓ ଗୋଟିଏ ସାଧାରଣ ଗାଡ଼ି ଅଛି । ଗୋଟିଏ ବଡ଼ଗାଡ଼ି ଓ ଗୋ ୨ ଟି ଘୋଡ଼ା କନିକାର ମୁଣ୍ଡଘଣ୍ଟା ଦେଇଥିଲେ । ସରକାରଙ୍କରୁ ଗୋ ୪ ଟି ଘୋଡ଼ା ମିଳିଅଛି ମାତ୍ର ଆହୁରି ଗୋ୨ଟି ଘୋଡ଼ା ଓ ଗୋଟିଏ ଗାଡ଼ି ପ୍ରୟୋଜନ । ବିଦ୍ୟାଳୟର ଘର ନୂଆ ତିଆରି ହେବା ଆବଶ୍ୟକ ହୋଇଅଛି । ଅବଶେଷରେ ସନ୍ଦର୍ଶାଧାରଣ ତଥା କମିଟିର ଦ୍ୱିତୀୟଙ୍କି ଧନ୍ୟବାଦ ଦେଇ ରାଜା ମହୋଦୟ ରିପୋର୍ଟ ପାଠ ଶେଷ କଲେ । କମିଶନର ମହୋଦୟଙ୍କ ପତ୍ନୀ ମହୋଦୟା ସ୍ୱହସ୍ତରେ ପ୍ରତ୍ୟେକ ଉତ୍ତରେ ଉପଯୁକ୍ତ ଛାତ୍ରୀ ଓ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କଲେ ଏବଂ ଲୋକର ଅନ୍ତ ବସ୍ତ୍ର କେଶ ଅନ୍ୟ ଛାତ୍ରୀଙ୍କି ଝଡଙ୍କ ପୁରସ୍କାର ବାଣ୍ଟିଲେ । ଦେବସଙ୍ଗରେ ଲଜ୍ୟାଣୀ କୁଳ ଶେଷ ଧାରଣ କର କମିଶନର ସାହେବଙ୍କ ପତ୍ନୀମହୋଦୟା ପୁରସ୍କାର ବଣ୍ଟନ କରି ସମସ୍ତଙ୍କ ଚିତ୍ତରଞ୍ଜନ କରିଥିଲେହେଁ ତାଙ୍କ କେତେ ପ୍ରୀତିପୂର୍ଣ୍ଣ ମନରେ କ୍ଷଣମାତ୍ର ଅବସର ନ ଦେଇ ଅନ୍ତତଃ ପୁରସ୍କାର ବଣ୍ଟନ କରିବାର କ୍ରିୟା ଦେଖିବାକୁ ବଡ ମନୋହର ହୋଇଥିଲା ଏବଂ ସେ ସେ ଦେବତାମାନେ

Split by PDF Splitter
Digitized by srujanika@gmail.com

ଅଧିକନ୍ତୁ ହେଲେ ତାହା ଦେଖିବା ଲୋକେ ଭୁଲି ପାରିବେ ନାହିଁ । ପରିଶେଷରେ ଉତ୍ସବ-ସମ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଅନ୍ତ୍ୟନ୍ତ ଉତ୍ସାହ ସହ ବିଦ୍ୟାଳୟର ଏକମାତ୍ର ଉନ୍ନତି ଉଦ୍ଦେଶ୍ୟ କରୁଥିବାହେତୁ ଲୋକଙ୍କ ଶୈଳବାଳା ଦାସ ତଥା ତାଙ୍କ ସଙ୍ଗେ କାର୍ଯ୍ୟ କରୁଥିବା ବାଳିକାମାନ ଲୋକଙ୍କୁ ଧନ୍ୟବାଦ ଦେଇ କହିଲେ ବିଦ୍ୟାଳୟର ଅନେକ ଦୁର୍ଦ୍ଦଶା ଯୁକ୍ତ ପରିଯାଇଅଛି ଯାହା ସେ ହେତୁ ଭୁଲିଯିବା କଥା । ବିଦ୍ୟାଳୟର ସୁନ୍ଦର ଉଦ୍ଦେଶ୍ୟ ସମ୍ବୋଧନ ଅତ୍ୟନ୍ତ ଅଗ୍ରସର ହେବେ ଏବଂ ଉତ୍ସବର ମଧ୍ୟ ସମ୍ପୋଷିତ ସାହାଯ୍ୟ କରିବେ । ଶେଷରେ ସଭା ରଜନୀ ଓ ସମସ୍ତ କାର୍ଯ୍ୟ ଦେଖି ଚିତ୍ତରେ ହୋଇଥିବାରୁ ସେ ଲୋକଙ୍କ ଶୈଳବାଳା ଦାସ ଓ ତାଙ୍କ ସହାଯ୍ୟକାରୀ ଧନ୍ୟବାଦ ଦେଇ ଅପରନ୍ତୁ ତାଙ୍କୁ ବିଦ୍ୟାଳୟ ହେତୁ ତଙ୍କରର ଅଧ୍ୟକ୍ଷ ଏ ସାହେବ ମହୋଦୟ ଉତ୍ସବର ଓ ତାଙ୍କ ଉତ୍-ଧର୍ମଶୀଳି ଧନ୍ୟବାଦ ପ୍ରଦାନ କଲେ । ଅନନ୍ତର ଉକ୍ତା ପ୍ରାୟ ଘ ୭ ଟା ସମୟରେ ସଭା ଭଙ୍ଗ ହେଲା । — ଏ ଦିନର କାର୍ଯ୍ୟ ଏମନ୍ତ ପ୍ରୀତି-କର ହୋଇଥିଲା ଯେ ତାହା ଏଠା କହିବାର ଅନୁପଯୁକ୍ତ । ଉକ୍ତ ନୋଟର ବାଳିକାମାନଙ୍କ ପର୍ଯ୍ୟନ୍ତ ବାହାରେ ଥିବେ ମଧ୍ୟ ଅଣମାତ୍ର ଭୁଲି ଦେଖିଲୁ ନାହିଁ । ଏ ସମସ୍ତ ଏବଂ ବିଦ୍ୟାଳୟର ଅଧ୍ୟାପକ ଉନ୍ନତି ଲୋକଙ୍କ ଶୈଳବାଳା ବାଳିକାଙ୍କ ଯେ ଅତ୍ୟନ୍ତ ଉତ୍ସାହ ଏବଂ ପରିଶ୍ରମ ପର ଏଥିରେ ବିନ୍ଦୁଟି ନାହିଁ । ବାଳକମାନଙ୍କ ଏବଂ ବାଳିକା ଶିକ୍ଷଣ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବା ତଥା ସମ୍ବାଦରେ ଉଚ୍ଚତା ଦ୍ୱାରା ସମ୍ପୂର୍ଣ୍ଣ ଉନ୍ନତିର ଦୃଷ୍ଟାନ୍ତ ଶୈଳବାଳା ଦାସଙ୍କ ପ୍ରତି ବିଶେଷ ଧନ୍ୟବାଦ ଅନ୍ତ୍ୟନ୍ତ ଧନ୍ୟବାଦ ପ୍ରଦାନ କରୁଅଛୁ । ଅନନ୍ତର ଈଶ୍ୱରଙ୍କ ନିକଟରେ ଏହାକୁ ପ୍ରାର୍ଥନା କରୁଅଛୁ ଯେ ସେ ଏହାଙ୍କୁ ସ୍ୱାସ୍ଥ୍ୟ ଏବଂ ଦୀର୍ଘଜୀବନ ପ୍ରଦାନ କରି ଉତ୍କଳର ଉନ୍ନତିର ଉନ୍ନତର ମୂଳ ହିତରେ ଉତ୍କଳଜନନୀ ପ୍ରସୂତ କରନ୍ତୁ । ପରିଶେଷରେ ସଭା ମହାସଭା ଓ ସ୍ୱଜାତୀ ବିଦ୍ୟାଳୟ ଛାତ୍ରୀ ଉନ୍ନତିର ପଥୀ ହୋଇଥିବା ଅନେକ ବ୍ୟକ୍ତି ପୁରସ୍କାର ପ୍ରଦାନ ଉଦ୍ଦେଶ୍ୟ ସତ୍ପ୍ରବୃତ୍ତି ଦେଖାଇ ଥିବାରୁ ସେମାନଙ୍କ ମଣ୍ଡଳୀରେ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ୍ ।

କୁଣ୍ଡିରେ ଥିବା ଡେ: ମାଃ ଓ ଡେ: କଲେକ୍ଟର ବାବୁ ଗୋପାଳ ଚନ୍ଦ୍ର ଦାସ ମେଦିନୀପୁର ଜଲର ସବଡି ଭିଜନମାନରେ ସ୍ଥାନାନ୍ତରିତ ହେଲେ ।

କଟକ ଦରଘବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି।


---

## WANTED.

Two Sub-Inspectors and one Head constable for the Nilgiri state Police on salaries of Rs 25, 20 and 12 per month respectively. Uria candidates with fair knowledge of English and experience in Police work will have preference. Applications with testimonials of respectability and good moral character will be received by the undersigned up to 10th proximo.

Nilgiri Raj office
Dated 22nd
March 1910.

Braja Ballabha Roy.
*Sheristadar*
*For Rajah*

---

## NOTICE.

Is hereby given that a veterinary scholarship of Rs. 12 per month is to be awarded to a student desirous of prosecuting his studies in the Bengal Veterinary College. The candidate must be above 18 and between 26 years of age and should apply with certificates as to his age, good morals and education to the undersigned before the 31st March 1910.

Cuttack
1-3-10.

G. N. Chowdhury,
Vice Chairman.

---


# ଉତ୍କଳ ଦୀପିକା।


## THE CONVOCATION.

On the 12th instant, the very day on which the Bengal Budget was presented and discussed at the Bengal Council, came off the annual Convocation of the Calcutta University. His Excellency, the Chanceller presided. The main speech of the day was delivered by the Vice-Chanceller, Mr. Justice Mookerjee. He re iterated the warning he has so often given against the students and their teachers taking part in politics. He urged with great force the necessity of providing colleges and schools with adequate and well-managed places of residence for students. He appealed to Government for a liberal grant. He said—"The problem is by no means easy of solution, but there are I venture to think, two powerful and effective remedies at our disposal. In the first place a systematic extension of the residential system is immediately needed; in the second place, a well-planned and determined effort must be made to impart moral instruction to our boys in schools and to our youngmen in colleges at every stage of their career. I make no secret of my conviction that without a liberal grant-in-aid from State, continued for many years, and supplemented by private effort on an equally extensive scale, it is impossible to provide colleges and schools with adequate and well managed places of residence for their students".

As to imparting of moral training he is of opinion that no practical or permanent good can be gained if students are made merely to commit to memory ethical rules and formulas selected from great writers of the past The mere examination too of the primary grounds of moral obligations will not have the desired effect. He maintains that special arrangements ought to be made to present regularly to youthful minds concrete instances of noble and virtuous life. He said—"For more than half a century we have taken the risks inseparable from an exclusive expansion of the intellectual faculties of our students, and it is not a day too soon to undertake the develop ment of the moral side of their nature." The well being of the students depend to a great extent on the hearty co-operation of the teachers and professors and the Vice-Chanceller was glad to declare that the teachers as a whole were heartily co-operating with the central authorities in combating the present crisis. There can not be any doubt that in sounding the alarm against students and teachers taking part in politics the Vice-Chanceller echoed the sentiments of parents and guardians and a large section of educated men.

---

ଗତ ତା ୨୩ ରିଖରେ ଶେଷ ହେଲା। ପଞ୍ଜାବ, ପୂର୍ବବଙ୍ଗ ଓ ଦକ୍ଷିଣଭାରତରେ ବୃଷ୍ଟି ହୋଇଥିଲା। ଚେରାପୁଞ୍ଜିରେ ବୃଷ୍ଟିର ପରିମାଣ ଏକ ଇଞ୍ଚ ୫୭ ଭାଗ ହୋଇଥିଲା। ପୂର୍ବବଙ୍ଗ ଓ ଆସାମରେ ଏକ ସ୍ଥାନରେ ଏକ ଇଞ୍ଚରୁ ଅଧିକ ଏବଂ ଦକ୍ଷିଣଭାରତରେ ଅର୍ଦ୍ଧ ଇଞ୍ଚ ଥିଲା।

—※—

ଏହିକ ଅଷ୍ଟ୍ରେଲିଆ ଜାହାଜ ହେଉ ସମ୍ପୂର୍ଣ୍ଣ ଭାବରେ କରୁଅଛି। ସପ୍ତାହରେ ଗୋ ୧୪ ମାଇଲ ଲୋହିଯାଉ ଗାଡ଼ି ଧାଡ଼ି ଜାରି ହେଉଅଛି। ଏଥିମଧ୍ୟରୁ ପ୍ରଧାନ ଗାଡ଼ିଧାରର ଘୋଡ଼ା ପ୍ର ୨୦ଟ ଗାଡ଼ିର ଓ ପ୍ର ୧୨୦୦ ଯାତ୍ରୀରେ ବହୁ ଦୂରପର୍ଯ୍ୟନ୍ତ ଚାଲିଯାଉଅଛି। ଲୋକେ ଗ୍ରାମ ହୋଇ ପଳାୟନ କରୁଅଛନ୍ତି ଏବଂ ଗୃହଭୂମିମାନ ନଷ୍ଟ ହେଉଅଛି।

—※—

Split by PDF Splitter



କଟକ ବାଲେଶ୍ୱର ଓ ପୁରୀଜିଲ୍ଲାରେ ଦେଶୀ ମଦର ମାସୁଲ ଗ୍ୟାଲନପ୍ରତି ୮ ୨୪ ଲେଖାଏ ଥିଲା। ମାନ୍ୟବର ବଙ୍ଗର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଘୋଷଣା ପ୍ରଚାର କରିଅଛନ୍ତି କି ଏହି ଅପ୍ରେଲ-ମାସ ଆରମ୍ଭରୁ କଟକ ବାଲେଶ୍ୱର ଏବଂ ପୁରୀ ମିଉନିସିପାଲିଟିର ସୀମାମଧ୍ୟରେ ମଦର ମାସୁଲ ଗ୍ୟାଲନପ୍ରତି ଟ ୨୮ ସ୍ଥଳରେ ଟ ୩ ୮ ଓ ସେହି ଜିଲାର ଅନ୍ୟ ସକଳସ୍ଥାନରେ ୮ ୨୪ ଲେଖାଏ ଧାର୍ଯ୍ୟ ହେବ। ସୁତରାଂ କେବଳ ମିଉନିସିପାଲିଟି-ମଧ୍ୟରେ ଗ୍ୟାଲନପ୍ରତି ଦଶଅଣା ବୃଦ୍ଧି ହେଲା। ସହରରେ ଲୋକଙ୍କର ରୋଜଗାର ଅଧିକବୋଲି ମାସୁଲ ବଢିଲା କି? ସବୁବେଳେ ମାସୁଲ ବଢିବା ଉଚିତ।

—ঃ—ঃ—

ଓଡ଼ିଶାର ନାନା ଜିଲ୍ଲାର ଗତ ଜାନୁୟାରୀ ମାସର ଜନ୍ମ ମୃତ୍ୟୁ ବିବରଣ ଯଥା:—

| | ଜନ୍ମ | ମୃତ୍ୟୁ |
|---|---|---|
| କଟକ | ୫୨୮୫ | ୪୩୩୬ |
| ବାଲେଶ୍ୱର | ୩୦୨୮ | ୨୩୦୨ |
| ପୁରୀ | ୨୪୩୫ | ୨୬୦୫ |
| ସମ୍ବଲପୁର | ୨୬୫୩ | ୧୪୯୫ |

ଏଥିମଧ୍ୟରେ କେବଳ ପୁରୀରେ ଓଲାଉଠାରେ ୧୦୬ ଓ ବାଲେଶ୍ୱରରେ ବସନ୍ତ ରୋଗରେ ୨୬ ମୃତ୍ୟୁ ହୋଇଥିଲା। କଟକ ଜିଲାରେ ଓଲା-ଉଠା ଏବଂ ସମ୍ବଲପୁରରେ ଓଲାଉଠା ଓ ବସନ୍ତ ଅଧିକ ନଥିଲା। ଅନ୍ୟ ଦୁଇଜିଲାରେ ଉକ୍ତ ରୋଗ ସାମାନ୍ୟ ଥିଲା। ଜନ୍ମପ୍ରତି ମୃତ୍ୟୁ ଊଣା-ହାର ସ୍ୱାସ୍ଥ୍ୟ ଭଲଥିବାର ପ୍ରକାଶ।

—※—

ହିମାଳୟ ପ୍ରଦେଶାନ୍ତର୍ଗତ ଭୂଟାନରାଜ୍ୟର ମହାରାଜାଙ୍କ ସହିତ ଭାରତ ଗବର୍ଣ୍ଣମେଣ୍ଟଙ୍କର ନୂତନ ସନ୍ଧିପତ୍ର ସମ୍ପାଦନ ହୋଇଅଛି। ଭୂଟାନ-ର ମହାରାଜା ଏପର୍ଯ୍ୟନ୍ତ ସରକାରରୁ ପଚାଶ ଟଙ୍କା ବରଷ ପାଉଥିଲେ ମାତ୍ର ଚଳିତ ୧୯୧୦ ମସିହା ଜନୁଆରୀମାସରୁ ତାହା ଏକଲକ୍ଷ ଟଙ୍କା-ହିସାବେ ପାଇବାର ନିୟମ ହୋଇଅଛି। ମହା-ରାଜାଙ୍କ ରାଜ୍ୟର ଆଭ୍ୟନ୍ତରୀଣ ଶାସନରେ ସର-କାର ହସ୍ତକ୍ଷେପଣ କରିବେ ନାହିଁ ମାତ୍ର ରାଜା ସରକାରବାହାଦୁରଙ୍କ ପରାମର୍ଶ ଅନୁଯାୟୀ ବହିଃ-ସମ୍ବନ୍ଧୀୟ ଶାସନ ଚଳାଇବେ। ସିକିମ ଏବଂ କୁଚବିହାର ସଙ୍ଗେ ସରହଦ ସୀମାସମ୍ପର୍କରେ ବିବାଦ ଉପସ୍ଥିତ ହେଲେ ସରକାରବାହାଦୁରଙ୍କ ମଧ୍ୟସ୍ଥତାରେ ନିଷ୍ପତ୍ତି ହେବାର ସ୍ଥିର ହୋଇଅଛି।

—○|○—

କଟକ ଟ୍ରେନିଂସ୍କୁଲର ଛାତ୍ରମାନଙ୍କର ବାର୍ଷିକ ସଭା ଗତ ସୋମବାର ହୋଇଥିଲା। ସନ ୧୯୦୯ ସାଲ ଅଗଷ୍ଟ ମାସରେ ଶେଷ ହେବା ବର୍ଷର ହିସାବ ଗୃହୀତ ହୋଇ ସେ ବର୍ଷର କାର୍ଯ୍ୟର ସୁଫଳ ଦୃଷ୍ଟିରେ ଅଂଶିଗଣ ଶତକଡ଼ା ୮ ୩୦ ଟଙ୍କା ଲେଖାଏଁ ଡିଭିଡେଣ୍ଡ ବା ଲାଭ ପାଇ-ବାର ଧାର୍ଯ୍ୟ ହୋଇଅଛି। ଏଥିପୂର୍ବେ କେବଳ ବର୍ଷ ଶତକଡ଼ା ୮ ୨୪ ୧ ଟଙ୍କା ଲେଖାଏଁ ଲାଭ ପାଉଥିଲେ ଏବଂ ଏକ ବର୍ଷ ୮ ୩୨ ଟଙ୍କା ଦିଆ ଯାଇଥିଲା। ଏହି କମ୍ପାନୀ ବ ୪୪ ବର୍ଷ ହେଲା ସ୍ଥାପିତ ହୋଇ କମାଗତ ସୁଫଳ ଦେଖାଉଥିବା ପ୍ରତ୍ୟକ୍ଷେ କେବଳ ଗତବର୍ଷ ଉତ୍କଳ ଟ୍ୟାନେରୀ ଛଡ଼ା ଏ ଜିଲାରେ ଅନ୍ୟ କୌଣସି ଜଏଣ୍ଟଷ୍ଟକ କମ୍ପାନୀ ସ୍ଥାପିତ ନ ହେବା ବଡ଼ ଦୁଃଖର ବିଷୟ ଅଟେ।

———

ନୂତନ ପ୍ରେସ ଆଇନ ଅନୁସାରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଘୋଷଣା ପ୍ରଚାର କରିଅଛନ୍ତି କି 'ସ୍ୱାଧୀନଭାରତ' ଏବଂ 'ହିନ୍ଦୁସ୍ଥାନ ସଙ୍ଘ' ନାମରେ ଯେଉଁ ଦୁଇଖଣ୍ଡ ଛାପାକାଗଜ ପ୍ରଚାରିତ ହୋଇଅଛି ସେ ସମସ୍ତ ଅନିଷ୍ଟକର ବଳପ୍ରୟୋଗର ପ୍ରବର୍ତ୍ତକ ଏବଂ ରାଜବିଦ୍ୱେଷଭାବର ଉତ୍ତେଜକ ଅଟେ। ଅତଏବ ସେହି କାଗଜମାନ ବଙ୍ଗଳା, ଇଂରାଜୀ ଅଥବା ଅନ୍ୟ କୌଣସି ଭାଷାରେ ଛପା ହୋଇ ଯେଉଁଠାରେ ପାଆଯିବ ସରକାରବାହା-ଦୁର ଜବତ କରିବେ। କେତେକଣ ଦୁଷ୍ଟଲୋକ ଏପରି କାଗଜମାନ ଛପା କରି ବାଣ୍ଟି କେବଳ ନିଜର କୁପ୍ରବୃତ୍ତି ଚରିତାର୍ଥ କରିବା ଅନ୍ୟ କିଛି ସୁଖ ପାଉନାହାନ୍ତି ଅଥଚ ସେମାନଙ୍କର ଦୁଷ୍କ୍ରିୟା ଯୋଗେ ଶତ ଶତ ନିରପରାଧ ବ୍ୟକ୍ତି ଅକାରଣ କଷ୍ଟ ଭୋଗ କରୁଅଛନ୍ତି ଓ ପୁଲିସ କଡ଼ା ନଜର ବନ୍ଦ ହେଉନାହିଁ। ଭଗବାନ କେବେ ଏମାନଙ୍କୁ ସୁବୁଦ୍ଧି ପ୍ରଦାନ କରିବେ।

———

ଢେଙ୍କାନାଳର ଅନେକ ସରବରାହକାର ବାକି ଖଜଣା ଆଦାୟ ସକାଶେ ବାକି ଦାର ଅନେକ-ଙ୍କର ସମ୍ପତ୍ତି ନିଲାମ କରାଇବା ପ୍ରତ୍ୟକ୍ଷେ ବାକି ଆଦାୟ କରି ନ ପାରିବା କାରଣ ରଜା ସେମାନଙ୍କୁ ଅନ୍ୟ କୌଣସି ଦଣ୍ଡ ନ ଦେଇ କେବଳ ବରଖାସ୍ତ କରିଥିବାରୁ କେହିକେହି ଗଡ଼ଜାତବାସିନୀ ରଜାଙ୍କ ଅନ୍ତ-ରର ଦୟାର ପ୍ରଶଂସା କରିଅଛନ୍ତି। ସହଯୋଗିଙ୍କ ଲେଖାରୁ ବୋଧ ହୁଏ ସରବରାହକାରମାନେ ଗରିବ ଅଟନ୍ତି। ତାହା ହେଲେ ସରବାରାହକାର ଉଣା ମଜୁରିଠାରୁ ଆଦାୟ କରି ନିଜେ ଆତ୍ମସାତ କରିବା ଗୁରୁତର ଦୋଷ ଏବଂ ଉତ୍ପୀଡ଼ନ କରିବା-ଯାକୁ ଦଣ୍ଡ ନଦେଇ ସମସ୍ତଙ୍କୁ କେବଳ ଛଡ଼ାଇ ଦେବା ଅନ୍ୟଥା ଦୟା ବୋଲିବାକୁ ହେବ। ଏହା ସୁଶାସନ ସଙ୍ଗତ ବୋଲଯିବ କି? ବରଂ ଏତେ ସରବରାହକାର କ କାରଣ ବାକିଦାର ହେଲେ ଏବଂ ସେମାନଙ୍କଠାରୁ ପାଉଣା ଟଙ୍କା କିପରି ଆଦାୟ ହେବ ଅଥବା ଛାଡ଼ ଦିଆଯିବ ତାହା ସରକାରଙ୍କ ସହଯୋଗ ପ୍ରକାଶ କରିଥିଲେ ଭଲ ହୋଇଥାନ୍ତା।

—○—○—

ବୋମ୍ବାଇ ହାଇକୋର୍ଟରେ ଅଳ୍ପଦିନ ତଳେ ପଞ୍ଚାଳ ଏବଂ ଢକାରଜାତିମଧ୍ୟରେ ବିବାହ ବୈଧ ସିଦ୍ଧ ଥିବାର ଧାର୍ଯ୍ୟ ହୋଇଯାଇଅଛି। ପଞ୍ଚାଳ-ଜାତି କମାର ଏବଂ ଢକାରଜାତି ମେଷପାଳକ ଅଟନ୍ତି। ଉଭୟେ ଶୂଦ୍ର, ସୁତରାଂ ଶୂଦ୍ରମାନଙ୍କ ମଧ୍ୟରେ ଭିନ୍ନଭିନ୍ନ ଜାତି ବା ଶ୍ରେଣୀର ଅନ୍ତର୍ଗତ ବିବାହଶାସ୍ତ୍ରରେ ନିଷିଦ୍ଧ ନାହିଁ। ବିଚାରପତି ସ୍କଟ ଓ ବାଚେଲର ମହୋଦୟମାନେ ପ୍ରିଭିକାଉନସିଲର ନଜିର (13 M. I. A. 141) ଉପରେ ନିର୍ଭର କରି ରାୟ ଦେଇଅଛନ୍ତି। ଆମ୍ଭମାନଙ୍କ ମତରେ ଏ ବିଚାର ଠିକ୍ ହୋଇଅଛି। ଶୂଦ୍ରମାନେ ଯେତେ ଜାତି ବା ଶ୍ରେଣୀରେ ବିଭକ୍ତ ହେଲେ ସୁଦ୍ଧା ସେମାନେ ଶୂଦ୍ର ଏବଂ ଏକ ଶୂଦ୍ର-ପୁରୁଷ ଅପର ଶୂଦ୍ରା ସ୍ତ୍ରୀକି ବିବାହ କଲେ ଶାସ୍ତ୍ରାନୁଯାୟୀ କୌଣସି ଦୋଷ ନାହିଁ। ଭରସା-କରୁଁ ସମାଜସଂସ୍କାରକମାନେ ଏଥିସାହାଯ୍ୟରେ ସମଧିକ ପରିମାଣରେ ଜାତିବାଧା ଅତିକ୍ରମପୂର୍ବକ ବିବାହ ସମ୍ପାଦନ କରିପାରିବେ। ପ୍ରାଚୀନକାଳରୁ ପ୍ରଚଳିତ ବେଦବହିର୍ଭୂତ ବର୍ଣ୍ଣ ବିଭାଗ ରକ୍ଷା ସାମାଜିକ କିମ୍ବା ବ୍ୟବହାର ନିର୍ଦ୍ଦେଶ ସର୍ବଥା ସମୁଚିତ ଅଟଇ।

—ঃ※ঃ—

ଲଙ୍ଗଳଠାରେ ଯେଉଁ ଡକାଏତି ହୋଇ-ଥିଲା ତହିଁ ସମ୍ବନ୍ଧେ ଧୃତ ହୋଇଥିବା ଅସାମୀ-ମାନଙ୍କର ବିଚାର ନୂତନ ଆଇନ ଅନୁଯାୟୀ ହାଇକୋର୍ଟର ବିଶେଷ ଅଧିବେଶନରେ ହୋଇ-ଥିଲା। ଜଣେ ଅସାମୀ ଏକରାର କରିବାରୁ ତାହାକୁ କ୍ଷମା ଦିଆଯାଇ ସରକାର ପକ୍ଷରୁ ସାକ୍ଷୀ କରାଯାଇଥିଲା। ସେ ସାକ୍ଷୀ ହାଇକୋର୍ଟର ଏଜଲାସରେ ତାହାକୁ ମୃତ ଖାଁ ବାହାଦୁର ସମସୁଲ-ଆଲମ, ପୁଲିସ ଇନସ୍ପେକ୍ଟର ଭୂପେନ୍ଦ୍ରନାଥ ଦାସ ଗୁପ୍ତ ଏବଂ ବାବୁ ଶରତ ଘୋଷ ଶିଖାଇଥିବାରୁ ସେ ପୂର୍ବେ ଏକରାର କରି ଯାହା କହିଥିଲା ସେ ସବୁ ମିଥ୍ୟା ବୋଲି ପ୍ରକାଶ କଲା। ଏଥି ହେତୁରୁ ମୋକଦ୍ଦମା ଅଚଳ ହେବାରୁ ଅସାମିମାନେ ମୁକ୍ତି ଲାଭ କଲେ। କ୍ଷମା ପ୍ରାପ୍ତ ଅସାମୀ ମିଥ୍ୟାକଥା କହିବାରୁ ଫୌଜଦାରୀ ସୁପର୍ଦ୍ଦ ହୋଇଅଛି ଏବଂ ଅସାମି-ମାନେ ମୁକ୍ତି ଲାଭ କଲେହେଁ ସେମାନଙ୍କ ନାମରେ ଅନ୍ୟ ମୋକଦ୍ଦମାରେ ଧୃତ ହୋଇ-ଅଛନ୍ତି। ଏପରି କଥାରେ ଯେମନ୍ତ ସନ୍ଦେହ ଜନକ ସେମନ୍ତ ଜଣେ ଉପରେ ନିର୍ଭର କରିବା, ଲୋକଙ୍କର ଅକର୍ମଣ୍ୟତା ପ୍ରତିପାଦକ।

———

Digitized by srujanika@gmail.com

ଗତ ତା ୧୮ ଦିନର ମାନ୍ଦ୍ରାଜ ସମାଚାରରେ ପ୍ରକାଶିତ ଛାତ୍ରଦ୍ରୋହ ପ୍ରବନ୍ଧ ପଢ଼ିବାକାରଣ ପାଠକମାନଙ୍କୁ ଅନୁରୋଧ କରୁଅଛୁଁ । ଛାତ୍ରଦ୍ରୋହ ଘଟଣା ଏ ପ୍ରଦେଶରେ ବଡ଼ ପ୍ରବଳ ଏବଂ ଉଦ୍ବେଗ ଅନେକ ସାଧାରଣ ଅନିଷ୍ଟ ହେଉଅଛି । ଲେଖକ ଯାହ କହୁ ଅଛନ୍ତି ନ "ଶୋଷରେ ସନ୍ଧ୍ୟା ନା ପ୍ରାତଃ" କଥାଟା ବର୍ତ୍ତମାନକୁ ଖଟାଇ ହୋଇ "ଉନ୍ନ ହେଲା ଘର ପଡ଼ିଆ ପଣକୁ ଯୋଗ୍ୟ ନୁହେ" ପ୍ରବାଦଟା ସାର୍ଥକ ହୋଇଅଛି ତାହା ଅସଙ୍ଗତ ନୁହେ । ସେ ଯଥାର୍ଥ କହୁଅଛନ୍ତି ଯେ ଶିକ୍ଷକମାନଙ୍କ ଓ ସ୍କୁଲ୍ମାନ୍ ଛାତ୍ରମାନଙ୍କ ମଧ୍ୟରେ ଶ୍ରଦ୍ଧା ଓ ସ୍ନେହ ପରସ୍ପର ଓ ସମାଜ ପକ୍ଷରେ ସାମାନ୍ୟ କ୍ଷତିକର ନୁହେ । ଏଥିରେ ସମସ୍ତର ଅପକାର୍ଯ୍ୟକାର ହୁଏ, ବୁଦ୍ଧିବୃତ୍ତି ଜାତ ଓ ପ୍ରବଳହୁଏ, ନୈତିକ ଓ ସ୍ୱୋପାର୍ଜିତ ସମ୍ପତ୍ତି ହୁଏ, ଗୃହର ସ୍ୱପ୍ରକଥାମାନ ଦାଣ୍ଡରେ ପଡ଼େ, ବଂଶ ଗୌରବ ନଷ୍ଟ ହୁଏ, ଲୋକମାନେ ପରବାରର ବଳାବଳ ଜାଣିବା ଦରପାରନ୍ତି, ଶତ୍ରୁମାନଙ୍କ ସ୍ୱାର୍ଥସାଧନର ସୁଯୋଗ ମିଳେ, ଅନେକ ଦୁଷ୍ଟ ଦଳ ଶତ୍ରୁଙ୍କ ସଙ୍ଗ କରି ସେମାନଙ୍କ କଥାରେ ବିଶ୍ୱାସ କରିବାକୁ ପଛେଇ ଉଦ୍ୟାନ । ଏ ବିଷୟ ଏହାନ୍ତ ଚିନ୍ତା ଓ ପ୍ରତୀକାର ଚେଷ୍ଟା କରିବା ଦେଶହିତୈଷିମାନଙ୍କର କର୍ତ୍ତବ୍ୟ ଅଟେ ।

—※—

କାଶୀ ଧାମରେ ସ୍ଥାପିତ ହୋଇଥିବା କାପଡ଼ କାରଖାନାର ଡାଇରେକ୍ଟରମାନଙ୍କର ଗତବର୍ଷର ରିପୋର୍ଟ ଆମ୍ଭମାନଙ୍କର ହସ୍ତଗତ ହୋଇଅଛି । ଏହାର ମୂଳଧନ ଦୁଇଲକ୍ଷ ଟଙ୍କା ପ୍ରତିଅଂଶ ୧୦୦ ଟଙ୍କା ଧାର୍ଯ୍ୟ ହୋଇ ୨୦୦୦ ଅଂଶରେ ବିଭକ୍ତ ହୋଇଅଛି ଏବଂ ଗୁରୁତ ୧୯୦୮ ମସିହା ଜୁଲାଇମାସ ତା ୪ ଦିନରୁ ରେଜେଷ୍ଟ୍ରୀ ହୋଇଥିଲେହେଁ ଗତ ଡିସେମ୍ବରମାସ ଶେଷପର୍ଯ୍ୟନ୍ତ କେବଳ ୧୪୩ ଅଂଶ ବିକ୍ରୟ ହୋଇଥିଲା । ଗୃହନିର୍ମାଣକାର୍ଯ୍ୟ ଗତ ଫେବ୍ରୁଏରୀମାସରୁ ଶେଷ ହୋଇଅଛି । ଏଣିକି କାର୍ଯ୍ୟ ଚାଲିବ, ମାତ୍ର ଅଂଶ ବିକ୍ରୀ ତାହା ସନ୍ତୋଷଜନକ ହୋଇ ନ ପାରିବା ଦୁଃଖର ବିଷୟ । ଯଦି ପ୍ରସ୍ତାବିତ ଅଂଶମାନ ସମସ୍ତ ବିକ୍ରୟ ହୋଇଯାଏ ତାହା ହେଲେ କାର୍ଯ୍ୟ ଚଳିବାରେ ବାଧା ହେବ ନାହିଁ । ମାତ୍ର ଆମ୍ଭମାନଙ୍କ ଦେଶର ଲୋକମାନେ ବ୍ୟବସାୟ ଚଳାଇବାରେ ଅବଧି ଅଗ୍ରସର ହୋଇନାହାନ୍ତି । ଦେଶରେ ଯେ ଦୁଇଚାରି ଲୋକ ଧନବନ୍ତ, ଉଚ୍ଚାକାଙ୍କ୍ଷୀ ନାହାନ୍ତି ଏହା ହୋଇଯାଇ ନ ପାରେ ମାତ୍ର ଚେଷ୍ଟା ଓ ଉଦ୍ୟମର ଅଭାବ ଆମ୍ଭମାନଙ୍କୁ ଅକର୍ମଣ୍ୟ କରି ରଖିଅଛି । ଦେଶଲୋକେ ଏହି ଭୂମିକାର ଅଂଶ କିଣିବାକୁ ଅଗ୍ରସର ହେଲେ ଆମ୍ଭେମାନେ ସୁଖୀ ହେବୁଁ । କାଶିମବଜାରର ମାନ୍ୟବର ମହାରାଜାମହୋଦୟ ଏଥିର ଜଣେ ଡାଇରେକ୍ଟର ଅଟନ୍ତି ।

———

ଲକ୍ଷ୍ମୌରଠାରେ ପଚିଶ ଲକ୍ଷଟଙ୍କା ମୂଳଧନରେ ଗୋଟିଏ ଲୁଗାକାରଖାନା ସ୍ଥାପନ କରିବା ବିଷୟରେ ଶୁଣିଏ ଅନେକ୍ଷ କଥା ପାଉଅଛୁଁ । ଏଥିର ପ୍ରତ୍ୟେକ ଅଂଶର ମୂଲ୍ୟ ଏକଶତ ଟଙ୍କା । ଦେଶୀଲୁଗାର ଯେପରି ଅଭାବ ଘଟିଅଛି ତହିଁରେ ଏପରି କାରଖାନା ପ୍ରତିଷ୍ଠା କରିବାର ପ୍ରୟୋଜନୀୟତା ସକଳରେ ସମ୍ପାଦିତ ହେଉଅଛି । ଭରସା କରୁ ଦେଶଲୋକେ ଏଥିରେ ଟଙ୍କା ଲଗାଇ ଦେଶର ଉନ୍ନତିସଙ୍ଗେ ଆପଣାର ଲାଭର ବାଟ ଫିଟାଇବେ । ମାତ୍ର ସାହସ କରି ଟଙ୍କା ନ ଲଗାଇଲେ କେବଳ ସ୍ୱଦେଶୀ ଚିତ୍କାରରେ କିଛି ଫଳ ହେବ ନାହିଁ । ଭାରତରେ ଅନେକ ଲୁଗାକଳ ବସିଅଛି ଓ ବହୁତ ଲୁଗା ପ୍ରସ୍ତୁତ ହେଉଅଛି ତଥାପି ଏ ଦେଶର ଚାହିଦା ନ ପୂରିବାହେତୁ ବିଦେଶରୁ ଅନେକଟଙ୍କାର ଲୁଗା ଆମଦାନି ହେଉଅଛି । ସୁତରାଂ ଆହୁରି ଅନେକ ଲୁଗାକଳ ବସିଲେ ସେ ସମସ୍ତରେ ପ୍ରସ୍ତୁତ ହେବା ଲୁଗା ଅନାୟାସରେ ବିକ୍ରୟ ହୋଇ ଲାଭ ହେବ । ମାତ୍ର ଅପେ କରିବୁ ଟଙ୍କା ନ ଲଗାଇଲେ ଲାଭ କାହୁଁ ଆସିବ ? ଆମ୍ଭମାନଙ୍କର ସାହସ ନାହିଁ ବୋଲି ବିଦେଶୀମାନେ ଏ ଦେଶରେ ବ୍ୟବସାୟ କରି ଲାଭ ନେଇ ଯାଉଅଛନ୍ତି ଏବଂ ଆମ୍ଭେମାନେ ପ୍ରକୃତ ପୁରୁଷକାର୍ଯ୍ୟ କାର୍ଯ୍ୟ ନ କରି କେବଳ ଈର୍ଷା ଓ ମନସ୍ତାପରେ ପୋଡ଼ି ମରୁଅଛୁଁ ।

———

ଡକାଅର ଫୁଲ ଗଛ ଏ ଅଞ୍ଚଳରେ ବହୁତ ହୁଏ । ଏହା ଗୋଟିଏ ଜଙ୍ଗଲି ଗଛ କହିଲେ ଅତ୍ୟୁକ୍ତି ହେବ ନାହିଁ । କୌଣସିଠାରେ ଗୋଟିଏ ଗଛ ହେଲେ ତହିଁ ଚଉ ଗୁରୁଅନେକ୍ତ ମାଡ଼ିଯାଏ । ପୁଣି ଗବାଦିର ଅଖାଦ୍ୟ ବୋଲି ବାଡ଼ରୂପେ ଲୋକେ ଲଗାଇ ଫଉଲ ରକ୍ଷା କରନ୍ତି ଏବଂ ପୂଜାଦିରେ ଫୁଲ ବ୍ୟବହାର କରନ୍ତି । ଫୁଲ ସୁନ୍ଦର ଓ ସୁଗନ୍ଧଯୁକ୍ତ । ଏହାର ଫଳ ବିଷାକ୍ତ ବୋଲି ପୂର୍ବେ ଜଣା ନ ଥିଲା । ଦୁଇ ତିନିବର୍ଷ ହେଲା କେତେକ ଲୋକ ଏହି ଫଳ ବାଟି ଖାଇ ଆତ୍ମହତ୍ୟା କରିବାର ଦେଖି କେନ୍ଦ୍ରାପଡ଼ା ସବଡିଭିଜନ ଦାକ୍ତର ଆପଣା ଏଲାକା ମଧ୍ୟରେ ଏହି ବୃକ୍ଷମାନ କଟାଇବାର ଆଦେଶ ଗ୍ରାମ୍ୟ ପ୍ରେସିଡେଣ୍ଟମାନଙ୍କ ନିକଟକୁ ପଠାଇବାରେ ଚୌକିଆ ଓ ଧୋବାମାନେ ଏହି ଗଛମାନ ତହିଁ ଗଛ ଚାଟି ହେଉଅଛନ୍ତି । ତଥାପି ଜମିର ଗଛ କାଟିବାରେ ଆପତ୍ତି ନାହିଁ । ମାତ୍ର ବାଡ଼ କାଟିବା ଯେ କ୍ଷତିକର ଏହା କୋହିବା ଅଧିକ । ମୂଳ ଶୋଇ ନ ପକାଇଲେ କାଟିବାଦ୍ୱାରା ଏ ଗଛ ସହଜରେ ନଷ୍ଟ ହୁଏ ନାହିଁ କିମ୍ବା ଜନ୍ମି ନ ପାରେ ଏହାର ବଂଶ ଲୋପହେବା ଅସମ୍ଭବ । ସବୁ ସମୟରେ ଫଳ ହୁଏ ନାହିଁ । ଯେବେ ସବ୍‌ଡିଭିଜନ ଦାକ୍ତରଙ୍କ ଆଦେଶ ଥାଇ ସମୟ ହୁଏ ଅନ୍ତତଃ ତାହାଙ୍କର ଅବହେଳାରେ ସନ୍ଦେହ ନାହିଁ ତେବେ ଫଳ ସମୟରେ ଛିଣ୍ଡାଇବାର ବ୍ୟବସ୍ଥା କଲେ ତାହାର ଭୟ ହେବ ନାହିଁ । ଆପୁ ହୋଇଲେ ପ୍ରତ୍ୟେକ ସହଜଲଭ୍ୟ ବିଷ ଅନେକ ଅଛି । ଆତ୍ମହତ୍ୟାର ଉପାୟ ଦମନ କରିବା ଅପେକ୍ଷା ତହିଁର କାରଣ ଅନୁସନ୍ଧାନ ଓ ନିବାରଣର ଉପାୟ କରିବା ଶ୍ରେଷ୍ଠ କାର୍ଯ୍ୟ ଅଟେ ।

—※—

ବେଲଗାଛିଅଠାରେ ପ୍ରତିଷ୍ଠିତ ଥିବା ବଙ୍ଗୀୟ ପଶୁଚିକିତ୍ସା କଲେଜର ପୁରସ୍କାର ବିତରଣ ସଭାରେ ଗତ ମାସ ତା ୧୫ ଦିନରେ କଲେଜ ଗୃହରେ ଗୋଟିଏ ସଭା ହୋଇଥିଲା, ଏ ସଭାରେ ଦେଶୀୟ ଏବଂ ୟୁରୋପୀୟ ଅନେକ ଭଦ୍ରଲୋକ ଓ ମହିଳାମାନେ ସମୁପସ୍ଥିତ ହୋଇଥିଲେ ଏବଂ ମାନ୍ୟବର ମିଲର ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାପତିଙ୍କ ସହଧର୍ମିଣୀ ସ୍ୱହସ୍ତରେ ପୁରସ୍କାର ବିତରଣ କରିବା ଦେଖିବାକୁ ଅତୀବ ମନୋହର ହୋଇଥିଲା । ସେହିନ ଉକ୍ତ କଲେଜର ଅଧ୍ୟକ୍ଷ କର୍ଣ୍ଣେଲ ରେମଣ୍ଡ ସାହେବ ମହୋଦୟ ଜେଉଁ ରିପୋର୍ଟ ପାଠ କଲେ ତହିଁରୁ ପ୍ରକାଶ ହେଲା ଯେ ବର୍ଷାରମ୍ଭରେ ନ ୧୬୨ ଜଣ ଛାତ୍ର ଥିଲେହେଁ ବର୍ଷ ଶେଷକୁ କେବଳ ୧୩୨ ଜଣ ରହିଯାଇଥିଲେ, ଏମାନଙ୍କ ମଧ୍ୟରୁ ନ ୬୪ ଜଣ ହିନ୍ଦୁ, ୪୫ ଜଣ ମୁସଲମାନ, ନ ୫ ଜଣ ଖ୍ରୀଷ୍ଟିୟାନ ଏବଂ ନ ୩ ଜଣ ବୌଦ୍ଧ ଧର୍ମାବଲମ୍ବୀ ଅଟନ୍ତି । ବଙ୍ଗ, ପୂର୍ବ ବଙ୍ଗ, ଆସାମ, ଆଗ୍ରା, ଅଯୋଧ୍ୟା, ମାନ୍ଦ୍ରାଜ, ପଞ୍ଜାବ, ବ୍ରହ୍ମଦେଶ, ନେପାଳରଦରବାର ଓ ବେହାରର ଛାତ୍ରମାନଙ୍କ ଛଡ଼ା, ଓଡ଼ିଶାର ନ ୩ ଜଣ ଏଥିରେ ଅଧ୍ୟୟନ କରୁଅଛନ୍ତି । ଏହି କଲେଜରେ ପଢ଼ିବାର ବନ୍ଦୋବସ୍ତ ସଙ୍ଗେ ଛାତ୍ରମାନଙ୍କ ଚିକିତ୍ସା ସକାଶେ ହସ୍ପିଟାଲ ମଧ୍ୟ ସଂଯୁକ୍ତ ଅଛି । ସଭାପତି ମହାଶୟ ପୁରସ୍କାର ବିତରଣ ପରେ ଯେଉଁ ବକ୍ତୃତା କଲେ ତହିଁରେ ସେ କହିଲେ ଯେ ପଶୁ ଚିକିତ୍ସାଳୟଦ୍ୱାରା ଅନେକ ଘୋଡ଼ାମାନେ ଉପକୃତ ହେଉଥିଲେ ମାତ୍ର ଏଣିକି ବହୁତ ଗୋରୁ ଗାଈଙ୍କର ଚିକିତ୍ସା ହେଉଅଛି ଏବଂ ଏତଦ୍ୱାରା କଲେଜର ପ୍ରୟୋଜନୀୟତା ସକଳ ରୂପେ ପ୍ରତିପନ୍ନ ହେଉଅଛି । କଲେଜର ଅଧ୍ୟକ୍ଷ ମହାଶୟଙ୍କ ରିପୋର୍ଟରୁ ଅଟା

ସ୍ତବ ଯୋଗୁଁ ଏ ସ୍ଥିର ବିଶେଷ ଉନ୍ନତି ହେଉ ନ ଥିବାର ଆମ୍ଭେମାନେ ଅବଗତ ହୋଇ ଦୁଃଖିତ ହେଲୁଁ । ଏହି କଲେଜର ପ୍ରୟୋଜନୀୟତା ହେତୁ ଦଶ ଅଧିକରର ପତ୍ରିକାମାନ ହେଉଥିବା ବିଷୟ ସମ୍ବନ୍ଧ ମନ୍ତବ୍ୟ ଯାହା କହୁଲେ ତାହା ସତ୍ୟ । ଅଟେ ଏଣୁ ତାହା ବିଷୟ ଅନେକ ଲୋକଙ୍କ ହେତୁ ଜଣାଥିଲା ମାତ୍ର ଶିକ୍ଷାର ଅଭାବରୁ ବର୍ତ୍ତମାନ ଏଣୁ ଉତ୍କଳ ଦେଶରେ ତାହା ହୋଇନେ ଉନ୍ନତି ହେବ ନାହିଁ । ଏମନ୍ତ ସ୍ଥଳେ ଏହି କଲେଜଦ୍ୱାରା ଯେ ଦେଶର ପ୍ରଭୂତ ଉପକାର ହେଉଅଛି ଏହା ସମସ୍ତେ ସ୍ୱୀକାର କରିବେ । ଏଣୁ ଡାକ୍ତରମାନଙ୍କର କାର୍ଯ୍ୟକାରିତା ଦେଖି ଏବେ ଲୋକେ ଡାକ୍ତରଙ୍କ କଥାରେ ବିଶ୍ୱାସ ନ କରି ଅଥଚ ବୈଦ୍ୟ ପଣ୍ଡିତଙ୍କ ପଶୁ ଚିକିତ୍ସାଳୟକୁ ନେଇ ଯାଉଅଛନ୍ତି ମଧ୍ୟ ଥିଲା ଲୋକେ ଡାକ୍ତରଙ୍କ ଫିସ୍ ଦେଇ ଘରକୁ ଆଣି ଚିକିତ୍ସା କରି ସୁଫଳ ପାଉଅଛନ୍ତି । ଏମନ୍ତ ଅବସ୍ଥାରେ ଗବର୍ଣ୍ଣମେଣ୍ଟ ତଥା ଜିଲ୍ଲା ବୋର୍ଡମାନ ଏହି କଲେଜକୁ ଯଥେଷ୍ଟ ଅର୍ଥ ସାହାଯ୍ୟ କରିବା ସଙ୍ଗେ ଅନ୍ତତଃ ପ୍ରତ୍ୟେକ ସବଡିଭିଜନରେ କୋଟିଏ ଲେଖାଏଁ ପଶୁ ଚିକିତ୍ସାଳୟ ସ୍ଥାପନ କରିବା ପ୍ରତି ମନୋଯୋଗୀ ହେଲେ ଆମ୍ଭେମାନେ ସୁଖୀ ହେବୁଁ ।

---

ମୁରଶିଦାବାଦର ନବାବ ବାହାଦୁର ପ୍ରବଳ ପ୍ରତାପ ପ୍ରଜାରଞ୍ଜକ ସମ୍ରାଟଙ୍କଠାରୁ ଜେ. ସି, ଏସ ଆଇ ଉପାଧି ପାଇଥିବାରୁ ତଦୁପଲକ୍ଷେ ମୁରଶିଦାବାଦଠାରେ ଗତମାସ ତା ୨୧ ରଖ ସୋମବାରଠାରୁ ତା ୨୪ ରଖ ଗୁରୁବାର ପର୍ଯ୍ୟନ୍ତ ଏକ ବୃହତ ମହୋତ୍ସବ ହୋଇଥିଲା । ମୁରଶିଦାବାଦର ଲୋକମାନେ ମାନ୍ୟବର ବାବୁ ବୈକୁଣ୍ଠନାଥ ସେନଙ୍କ ସଭାପତିତ୍ୱରେ ଏଥିର ସୁସମ୍ପାଦନ କରୁ କୋଟିଏ କାର୍ଯ୍ୟକାରୀ କମିଟି ଗଢ଼ିଥିଲେ ତହିଁରେ ରାଜା ବିଜୟ ସିଂହ ଦୁଧୁରିଆ ସମ୍ପାଦକ ହୋଇଥିଲେ । ସହରର ପ୍ରଧାନ ସଡ଼କ ଫଟକ ଇତ୍ୟାଦିଦ୍ୱାରା ସୁସଜ୍ଜିତ ହୋଇଥିଲା ଓ କୋଟିଏ ସ୍ଥାନରେ ସଜମାଣ ଓ ଦୀପାଳିର ଏବଂ ପୁଷ୍ପ ଚନ୍ଦ୍ରାତପରେ ସୁଶୋଭିତ ହୋଇଥିଲା । ନବାବ ବାହାଦୁରଙ୍କୁ ଅଭିନନ୍ଦନ ପତ୍ର ଦେବାକାରଣ କୋଟିଏ, ବିଚିତ୍ର ସଭା ନିର୍ମିତ ହୋଇଥିଲା । ପ୍ରଥମଦିନ ସମାରୋହରେ ନବାବ ବାହାଦୁର ନଗର ଭ୍ରମଣ କରି ସଭାମଣ୍ଡପରେ ସମାସୀନ ହେଲାରୁ ତାଙ୍କୁ ଜିଲ୍ଲାବୋର୍ଡ଼, ମିଉନିସିପାଲିଟି, ବଙ୍ଗୀୟ ମୁସଲମାନସଭା, ଜୈନସଭା, ମୁସଲମାନ ବାଳକ ସଭା ଏବଂ ଲାଲବାଗର ଲୋକମାନଙ୍କତରଫରୁ ଏକୁଣ ୭ ଗୋଟି ଅଭିନନ୍ଦନପତ୍ର ରୌପ୍ୟାଧାରରେ ଦିଆଗଲା ପରେ ରାଜା ବିଜୟ ସିଂହ ନବାବଙ୍କ ଗଳଦେଶରେ ସୁନ୍ଦର ପୁଷ୍ପମାଳ ଲମ୍ବାଇ ଦେଲେ । ନବାବ ବାହାଦୁର ଅତ୍ୟନ୍ତ କଥାମଧ୍ୟରେ ଏହି ଉତ୍ସବରେ ଯେ ହିନ୍ଦୁ ମୁସଲମାନ ଜୈନ ଇତ୍ୟାଦି ସମସ୍ତ ଶ୍ରେଣୀର ଲୋକମାନେ ମେଳ ମିଶି କାର୍ଯ୍ୟ କରୁଥିବାହେତୁ ଆନନ୍ଦପ୍ରକାଶ କରି ଈଶ୍ୱରଙ୍କ ନିକଟରେ ସମସ୍ତ ଶ୍ରେଣୀର ଲୋକେ ଏକତ୍ର ମିଳି ଏହିରୂପ କାର୍ଯ୍ୟ କଲେ ଅନେକର ବିଷୟ ହେବା ଓ ସମସ୍ତେ ମିଳି ଗବର୍ଣ୍ଣମେଣ୍ଟ ଯେତେ ଶକ୍ତିମାନ୍ ହେଲେ ପ୍ରଜା ଅସନ୍ତୋଷ ଦମନ କରିବାକାରଣ ସାହାଯ୍ୟ ପ୍ରଦାନ କରିବା ସମ୍ଭବ ଥିବାର ପ୍ରକାଶପୂର୍ବକ ଏହି ଉତ୍ସବ ସ୍ମରଣାର୍ଥ ସେ ମୁରଶିଦାବାଦଠାରେ ଦରିଦ୍ର ଲୋକମାନଙ୍କ ସକାଶେ ଗୋଟିଏ ଅନାଥ ଗୃହ ପ୍ରତିଷ୍ଠା କରିବାକାରଣ ପ୍ରତିଶ୍ରୁତ ହେଲେ । ଆମ୍ଭେମାନେ ଏ ଉତ୍ସବର ବିବରଣ ପଢ଼ି ଯଥାର୍ଥରେ ଆନନ୍ଦସାଗରରେ ମଗ୍ନ ହୋଇଅଛୁ କାରଣ ଏହିଁ ବଳ ହିନ୍ଦୁ ଓ ମୁସଲମାନଙ୍କର ଏକ ଯୋଗରେ କାର୍ଯ୍ୟ କରିବାର ପ୍ରମାଣ ଦେଖାଯାଇ ନ ପାରେ । ଈଶ୍ୱର କରନ୍ତୁ ସମସ୍ତ ଭାରତ ମଣି ଭାରତ ମାତାର ହିନ୍ଦୁ ଓ ମୁସଲମାନ ସନ୍ତାନମାନେ ଏକମେଳରେ କାର୍ଯ୍ୟ କରନ୍ତୁ ଏବଂ ସେମାନଙ୍କର ପରସ୍ପର ମନକୁ ଫଟାଇବା କାରଣ କେହି କେବେ କୌଣସି ଘଟଣା ନ ଘଟାନ୍ତୁ । ଉତ୍ସବର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଦିନମାନଙ୍କରେ ବିଦ୍ୟାଳୟର ବାଳକମାନଙ୍କର କ୍ରୀଡ଼ା ଓ ଭୋଜନ, ଦରିଦ୍ର ସେବା ଏବଂ ଉଦ୍ୟାନ ମିଳନ ସଙ୍ଗେ ବାୟସ୍କୋପ, ଥିଏଟର ଏବଂ ଯାତ୍ରାଦି ଯଥାବିଧି ଅନୁଷ୍ଠିତ ହୋଇଥିଲା ।

---

## ପୁରୀ-ଦୋଳଯାତ୍ରା ।

ଗତ ଚତୁର୍ଦ୍ଦଶୀ ଗୁରୁବାର ରାତ୍ରରେ ଅଗ୍ନ୍ୟୁତ୍ସବ ( ମେଣ୍ଢା ଘର ପୋଡ଼ା ) ଶେଷ କରି ଶ୍ରୀଦୋଳଗୋବିନ୍ଦ ଜିଉ ପ୍ରଭୃତି ଠାକୁରମାନେ ପରଦିନ ଶୁକ୍ରବାର ଦୋଳପୂର୍ଣ୍ଣିମା ଦିନ ଘ ୧୧ ଟା ସମୟରେ ଦୋଳ ମଣ୍ଡପରେ ବିଜେ ହୋଇ ଥିଲେ । କିଛିକ୍ଷଣ ପରେ ମାହାଣ ମେଲା ଦର୍ଶନ ଆରମ୍ଭ ହେବାରୁ ଯାତ୍ରୀମାନେ ପ୍ରଭୁଙ୍କର ଦର୍ଶନ, ଶ୍ରୀଅଙ୍ଗ ସ୍ପର୍ଶ, ଅବିର ବୃଷ୍ଟି ଏବଂ ଅମ୍ବ କଷି ଓ ସାଧ୍ୟମତେ ଭୋଗ ପ୍ରଦାନ କରି ଚରିତାର୍ଥ ବୋଧ କରିଥିଲେ । ଏ ଦିନ ସନ୍ଧ୍ୟାପର୍ଯ୍ୟନ୍ତ ମେଘ ଘୋଡ଼ାଇଥିବାରୁ ଏବଂ ପ୍ରବଳ ବସନ୍ତ ପବନ ସ୍ପର୍ଶେ ଯାତ୍ରୀମାନେ ରୌଦ୍ର ଜନିତ କଷ୍ଟ ଅନୁଭବ କରି ନ ଥିଲେ । ବିଶେଷତଃ ମନ୍ଦିର ମେନେଜର ମହୋଦୟଙ୍କର ସୁବ୍ୟବସ୍ଥାଯୋଗୁଁ ଦର୍ଶନର ସୁବିଧା ସେମାନଙ୍କ ପକ୍ଷେ ଅତିଶୟ ସୁଖକର ହୋଇଥିଲା । ରାତ୍ରି ପ୍ରାୟ ଘ ୧୧ ଟାଠାରେ ଠାକୁରମାନେ ଶ୍ରୀମନ୍ଦିରକୁ ପ୍ରତ୍ୟାଗମନ କରିଥିଲେ ଶ୍ରୀମନ୍ଦିରରେ ମଧ୍ୟ ଏ ଦିନ ବିଶେଷ ଭିଡ଼ଯୋଗୁଁ କୀର୍ତ୍ତନ ଚକଡ଼ାରେ ବୁଲପାର୍ଶ୍ୱକୁ ହାତ ବଢ଼ାଇ ଅନେକ କଷ ଯାତ୍ରୀମାନଙ୍କୁ ଭିତରକୁ ଛାଡ଼ିବାକାରଣ କାହାର ବିଚ୍ଛ କଷ୍ଟ ହୋଇ ନ ଥିଲା ।

ପୂର୍ଣ୍ଣିମା ଦିନ ୪ ଦିନ ପୂର୍ବରୁ ନିୟମିତ ସମସ୍ତ ଗାଡ଼ି ପ୍ରତ୍ୟେକ ଦୁଇ ତିନି ବାର ସ୍ପେଶଲ ଟ୍ରେନ ଆସିଥିଲା ଯାତ୍ରୀ ସଂଖ୍ୟା ୩୦ । ୪୦ ହଜାର ହୋଇଥିଲା । ବଙ୍ଗାଳୀ ଓ ପଶ୍ଚିମା ଯାତ୍ରୀ ଅଧିକ ଥିଲେ । ପ୍ରଥମ ଦୁଇ ଏକ ଦିନ ପ୍ରତ୍ୟେକ ଯାତ୍ରୀ ସକାଶେ ଲଜିଂହାଉସ ଘରଭଡ଼ା ସାଧାରଣରେ ଦେଢ଼ଟଙ୍କା ହୋଇଥିଲା କିନ୍ତୁ ପରକୁ ଏପରି ହେଲା ଯେ ଜଣପ୍ରତି ଦୁଇ ଛଅ ଅଣାରେ ମଧ୍ୟ ଲୋକ ମିଳିଲେ ନାହିଁ । କେତେକ ଘରବାଲା ଅଧିକ ପାଇବା ଆଶାରେ ଘର ଖାଲି ରଖି ଗୃହ କରିଥିଲେ ସେ ସବୁ ଘର ଖାଲି ରହିଗଲା । ସ୍ୱାସ୍ଥ୍ୟ ଭଲ ଥିଲା । ସମସ୍ତ ଯାତ୍ରୀ ପ୍ରସ୍ଥାନ କରିଅଛନ୍ତି ।

---

## ଭୁବନେଶ୍ୱରରେ ଘରପୋଡ଼ା ।

ଏହି ବିଷୟର ଅଗ୍ନିକାଣ୍ଡ ସମ୍ବନ୍ଧରେ ନିମ୍ନଲିଖିତ ସମ୍ବାଦ ପାଇଅଛୁଁ ଯଥା ଗତ ଶନିବାର ଅପରାହ୍ନ ଘ ୧।୩୦ ମିନିଟ ଠାରେ ଅଗ୍ନି ସଞ୍ଚାର ହୋଇ ସମୁଦାୟ ବସତି ଅର୍ଥାତ୍ ଏଠାର ସେବକମାନଙ୍କର ଓ ସେବକେତର ଲୋକମାନଙ୍କର ଗୃହ ଏତଦ୍ଭିନ୍ନ ପୋଲିସଥାନା, ପୋଷ୍ଟଅଫିସ, ଡାକବଙ୍ଗଳା ଅଫିସ, କାଞ୍ଜିଆ ହାଉସ, ବାଳକାସ୍କୁଲ, ଶ୍ରୀ ଲିଙ୍ଗରାଜ ଦେବଙ୍କ ଧାନକୋଠି ପ୍ରଭୃତି ଅନ୍ୟୂନ ଏକ ହଜାର ଗୃହ ଭସ୍ମୀଭୂତ ହୋଇଅଛି । ଏପରି ଗୃହ ଦାହ ମୃତ୍ୟୁ ଓ ଆହତ । ଅଗ୍ନିର ପ୍ରଚାର ସଙ୍ଗେ ଲୋକମାନେ ସ୍ୱ ସ୍ୱ ଜୀବନ ରକ୍ଷାର୍ଥ ଦୂରକୁ ପଳାଯାଇଥିଲେ; ମାତ୍ର ଦୁର୍ଭାଗ୍ୟକ୍ରମେ ଜଣେ ସ୍ତ୍ରୀ ଘର ଭିତରେ ରହି ଅଗ୍ନିରେ ଧୂମ ଓ ଉତ୍ତାପ ସହ୍ୟ ନ କରି ପଞ୍ଚତ୍ୱ ପ୍ରାପ୍ତ ହୋଇଅଛନ୍ତି । ଦୂରସ୍ଥ ଗୃହର ଲୋକମାନେ ସେମାନଙ୍କର ଗୃହସବୁ ପୋଡ଼ି ଯିବ ବୋଲି ଜାଣି ନ ଥିଲେ; ଏଣୁ ସେମାନେ ସତର୍କ ନ ଥିବାରୁ ସେମାନଙ୍କର ଗୃହ ସୁଦ୍ଧା ପୋଡ଼ିଯାଇ ତଦ୍ଦ୍ୱାରା ଅନେକ ଜିନିଷ ଦଗ୍ଧହୋଇ ଯାଇଅଛି । ଅଗ୍ନିର ସଞ୍ଚାର ଓ ଗତିକୁ ବୋଧ ହୁଏ ସତେକି ହୁଗୁଳା ପାଲୁଗଣୀ ପ୍ରତ୍ୟକ୍ଷ ବିରାଜମାନ କରୁଅଛନ୍ତି । ପବନଦେବତାଙ୍କ ସାହାଯ୍ୟରେ ଅଗ୍ନିଶିଖା ଏତେ

Split by PDF Splitter

Digitized by srujanika@gmail.com

Split by PDF Splitter



ଦିଗକୁ ଉଠିଥିଲା ଯେ ଶାଲଙ୍ଗଗଳ ଦେବଙ୍କ ପତାକା ତାହା ଶିଖାଦ୍ୱାରା ଦଗ୍ଧୀଭୂତ ହୋଇ ଯାଇଅଛି । ବସ୍ତୁତଃ ସ୍ଥାନବାସିମାନେ ଉକ୍ତ ଘଟଣ ଓ ତତ୍ପୂର୍ବବର୍ତ୍ତୀ ଘଟଣାରେ ନାନା ପ୍ରକାର ମନ୍ଦ ଲକ୍ଷଣ ଦେଖିଥିବାର ପ୍ରକାଶ କରନ୍ତି । ଷ୍ଟିମରଟି ଆରମ୍ଭ ନ ହେଉଣୁ ଏପରି ବିପଦ ଘଟିଲେ "ଅପରେ କିଂ ଭବିଷ୍ୟତି" ତାହା ଭଗବାନ୍ ଜାଣନ୍ତି । ଏହା ଦୁର୍ଘଟନା ପରେ ଅର୍ଥାତ୍ ମଙ୍ଗଳବାର ଦିବା ସ ୧୨ ଘ ଠାରେ ଭୁବନେଶ୍ୱର ନିକଟବର୍ତ୍ତୀ କପିଳେଶ୍ୱରରେ ଅଗ୍ନି ଲାଗି ପ୍ରାୟ ୨୦୦ ବଖରା ଘର ପୋଡ଼ି ଯାଇଅଛି । ପୂର୍ବରୁ ସାବଧାନ ଥିବାରୁ ଲୋକମାନଙ୍କର ବିଶେଷ ଧନ ନଷ୍ଟ ହୋଇନାହିଁ । ଘଟଣାସ୍ଥଳେ ଦଗ୍ରାମୀୟ ଡିପିଟର ମିଷ୍ଟର ଲେଭଞ୍ଜ, ଖୋର୍ଦ୍ଧାର ସ: ଡ: ଅଫିସର ମିଷ୍ଟର ଦଣ୍ଡ ଓ ଦେନପ ସ ହେବ ଉପସ୍ଥିତ ଥାଇ ଲୋକମାନଙ୍କ ଅଗ୍ନି ଭାଙ୍ଗିବା ପାଇଁ ନିଷେଧ କରାଇ ଅଗ୍ନି ପ୍ରଶମନ ନିମିତ୍ତ ଯତ୍ନ କରିଥିଲେ ।

---

### ଖୁଦ୍ର ଶିଳ୍ପଶିକ୍ଷା ବୃତ୍ତି

ଉତ୍କଳ ସଭାର ଗତ ବୁଧବାର ଦିନର ଅଧିବେଶନରେ କଲିକତା ଶିଳ୍ପ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟରୁ ଆସିଥିବା ଖଣ୍ଡିଏ ପତ୍ର ପାଠ କରା ଯାଇଥିଲା । ତହିଁରୁ ପ୍ରକାଶ ହେଲା ଯେ ଏହି ବିଦ୍ୟାଳୟଟି ୧୮୭୪ ମସିହାରେ ସ୍ଥାପିତ ହୋଇଅଛି । ଏଥିରେ ଚିତ୍ରଠାରୁ ମାଟି ଓ କାଷ୍ଠ ପର୍ଯ୍ୟନ୍ତ କାରୁକାର୍ଯ୍ୟ ଶିକ୍ଷା ଦିଆଯାଏ । ଦୁଇବର୍ଷ କାଳ ସାଧାରଣ ଶିକ୍ଷା ଲାଭ କରି ବିଶେଷ ବିଭାଗରେ ପଢ଼ିବାକୁ ହୁଏ । ଏଥିରେ ଭାରତର ନାନାସ୍ଥାନର ଛାତ୍ର ପାଠ କରନ୍ତି ଏବଂ ସାଧାରଣ ଶିକ୍ଷାର୍ଥୀଙ୍କର ମାସିକ ବେତନ ୮ ଟଙ୍କା ଥିଲେହେଁ ଚିତ୍ରକର, ବଢ଼େଇ, କୁମ୍ଭାର ଇତ୍ୟାଦି କାରିଗରମାନଙ୍କର ପିଲାଙ୍କ ସକାଶେ କେବଳ ଏକ ଟଙ୍କା ଅଟେ । କାରିଗରମାନଙ୍କ ଜାତିଗତ କୌଶଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସେମାନେ ଅଳ୍ପ ଫିସ ଦେବା ସକାଶେ ଏରୂପ ନିୟମ ହୋଇଅଛି । ଅନେକ ଧନୀ ସ୍ଥାନୀୟଲୋକ ବା ସମ୍ପ୍ରଦାୟର ବୃତ୍ତି ଦେଇ ପଢ଼ନ୍ତି ଏବଂ ଉପଯୁକ୍ତ ଛାତ୍ରଙ୍କୁ ବୃତ୍ତି ତଥା ଦେଶର ଶିଳ୍ପ ବିଶେଷତଃ କାରିଗରଙ୍କ ପୁଅଙ୍କୁ ବିନା ବେତନରେ ପଢ଼ିବାକୁ ଦେବାର ନିୟମ ଅଛି । ସଭାରେ ସହକାରୀ ସମ୍ପାଦକ ବାବୁ ଜାନକୀ ନାଥ ବସୁ ଓଡ଼ିଶାରୁ କୌଣସି ଛାତ୍ର ସେହି ବିଦ୍ୟାଳୟରେ ପଢ଼ିବାକୁ ଗଲେ ସେ ଗୁରୁବର୍ଗ ସକାଶେ ମାସିକ ୮ ଟଙ୍କା ଦେବାକୁ ସମ୍ମତ ଥିବାର ପ୍ରକାଶ କଲେ । ବିଦ୍ୟାଳୟର ଅଧ୍ୟକ୍ଷଙ୍କ ପତ୍ରରୁ ଜଣାଗଲା ଯେ ମାସକୁ ଟ ୧୨ ଙ୍କା ହେଲେ ନିର୍ଦ୍ଦେଶ ଉପଯୁକ୍ତରୂପେ ଶିକ୍ଷାଲାଭ କରିପାରିବ । ଅବଶେଷରେ ଏଥିନିମିତ୍ତ ଅର୍ଥ ସଂଗ୍ରହ, ଛାତ୍ର ନିର୍ବାଚନ ଓ କେଉଁ ବିଷୟ ଶିକ୍ଷା କଲେ ଦେଶପକ୍ଷେ ହିତକର ହେବ ଏ ସମସ୍ତ ନିର୍ଣ୍ଣୟ କରିବା କାରଣ ସଭାପକ୍ଷରୁ ଗୋଟିଏ କମିଟି ନିଯୁକ୍ତ ହୋଇଅଛି । ଆମ୍ଭେମାନେ ଦେଶଲୋକଙ୍କର ଦୃଷ୍ଟି ଏଥିପ୍ରତି ଆକର୍ଷଣ କରୁଅଛୁଁ । ଉତ୍କଳ ସଭାର ଅପେକ୍ଷା ନ ରଖି କୌଣସି ଲୋକ ବା ସମ୍ପ୍ରଦାୟବିଶେଷ ଆପଣା ଇଚ୍ଛାରୁ ସାହାଯ୍ୟର ବ୍ୟବସ୍ଥା କରି ଛାତ୍ର ପଠାଇ ପାରନ୍ତି ଏବଂ ଯେତେ ଅଧିକ ଛାତ୍ର ଯାଇ ଶିକ୍ଷାଲାଭ କରି ପାରିବେ ସେତେ ଭଲ । ଏପର୍ଯ୍ୟନ୍ତ ଯେତେ ଛାତ୍ର ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ସେମାନେ ସମସ୍ତେ କାର୍ଯ୍ୟ ପାଇଅଛନ୍ତି । ଯାହାଙ୍କର ଏ ବିଷୟରେ ଅଧିକ ଜାଣିବାକୁ ଇଚ୍ଛା ଥାଏ ସେ ଉତ୍କଳ ସଭାର ସମ୍ପାଦକଙ୍କ ନିକଟକୁ ପତ୍ର ଲେଖିଲେ ସବିଶେଷ ଜାଣି ପାରିବେ ।

---

### ସତ୍ସଙ୍ଗ ।

ମୂର୍ଖ ମନୁଷ୍ୟ ପଶୁ ତୁଲ୍ୟ । ଶିକ୍ଷାହିନ ଜ୍ଞାନ, ଜ୍ଞାନ ବା ଉନ୍ନତି ନ ହେଲେ ମନୁଷ୍ୟତା ଲାଭ ହୁଏ ନାହିଁ । ଶିକ୍ଷାଲାଭର ଉପାୟ ତିନୋଟି ଯଥା ଘର, ବିଦ୍ୟାଳୟ ଓ ସତ୍ସଙ୍ଗ । ଅତି ଶୈଶବକାଳରୁ ପିତା ମାତା ବା ବଶୀୟ ଲୋକଙ୍କଠାରୁ ଯେ ଶିକ୍ଷା ଲାଭ ହୁଅଇ ତାହାକୁ ଆମ୍ଭେମାନେ ଘର ଶିକ୍ଷା କହୁଅଛୁ । ଭଲ ଘରର ପିଲା ଭଲରେ ବଢ଼ିଲେ ସୁଶିକ୍ଷା ଲାଭର ଯୋଗ୍ୟ ହେବ ଏବଂ ବିଦ୍ୟାଳୟରେ ବିବିଧ ଜ୍ଞାନାର୍ଜ୍ଜନଦ୍ୱାରା ତାହାର ମନ ଦୃଢ଼ ଏବଂ ଉନ୍ନତ ହେବ । ଏହି ଦୁଇ ଉପାୟରେ ତାହାର ଜୀବନର ୨୦।୨୫ ବର୍ଷ ପର୍ଯ୍ୟନ୍ତ ମନୁଷ୍ୟତା ଲାଭର ଯୋଗ୍ୟ ହେବ । ତହିଁ ଉତ୍ତାରୁ ସଂସାରରେ ପ୍ରବେଶ କରି ଯେବେ ସୁସଙ୍ଗରେ ରହି ଜୀବନ ଶେଷପର୍ଯ୍ୟନ୍ତ କ୍ରମାଗତ ଜ୍ଞାନ ବୃଦ୍ଧି କରିବ ଏବଂ ତଦନୁସାରେ କାର୍ଯ୍ୟ କରିବ ତେବେ ସେ ମନୁଷ୍ୟ ହେବ ନତୁବା କୁସଙ୍ଗରେ ପଡ଼ିଲେ ସମସ୍ତ ବ୍ୟର୍ଥ ହେବ ଅତଏବ ସତ୍ସଙ୍ଗ ମନୁଷ୍ୟ ହେବାର ଶ୍ରେଷ୍ଠ ଉପାୟ ଅଟେ । ସତ୍ସଙ୍ଗର ମହିମା ସକଳ ଶାସ୍ତ୍ରରେ କୀର୍ତ୍ତିତ ହୋଇଅଛି ତହିଁର ବର୍ଣ୍ଣନା ଆବଶ୍ୟକ ନାହିଁ । ପୁସ୍ତକାଦି ପାଠଦ୍ୱାରା ଅସାକ୍ଷାତ ବ୍ୟକ୍ତି ସଙ୍ଗେ ଏବଂ କଥୋପକଥନଦ୍ୱାରା ସାକ୍ଷାତ ବ୍ୟକ୍ତିର ସହବାସ ଲାଭ ଏଥିମଧ୍ୟରେ ଶେଷଟିର ଗୁଣ ଅଧିକ । ଯେମନ୍ତ ଉପଦେଶ ଅପେକ୍ଷା ଉଦାହରଣ ଅଧିକ କାର୍ଯ୍ୟକର । ସଙ୍ଗ ସମ୍ପତି ମଧ୍ୟ ବନ୍ଧୁଲୋକର ସତ୍ସଙ୍ଗ ତଦା ଅତ୍ୟନ୍ତ କହେ । ଏଥିପାଇଁ "ନ ଜାଣିଲା ପୁଅକୁ ସଭାରେ ଥୋ" ଢଗଟା ଏ ଦେଶରେ ପ୍ରଚଳିତ ଅଛି । ଯାହାଙ୍କର ବୁଦ୍ଧି ବିଦ୍ୟାର ଓ ଚରିତ୍ର ଉତ୍ତମ ସେମାନଙ୍କ ଏକତ୍ର ହୋଇ ମେଳରେ ସଭା କରନ୍ତି ଓ ସେମାନଙ୍କର କଥା ଶୁଣି ଅନ୍ୟମାନେ ଶିକ୍ଷା ଲଭନ୍ତି ଓ କ୍ରମେ ସଭାର ଯୋଗ୍ୟ ହୁଅନ୍ତି; ଫଳେ ଆପଣାଠାରୁ ବୁଦ୍ଧିମାନ୍ ଓ ଜ୍ଞାନବାନ୍ ବ୍ୟକ୍ତିର ସଙ୍ଗ କରିବାହିଁ ପ୍ରକୃତ ସତ୍ସଙ୍ଗ । ସମବୟସୀ, ସମ ବ୍ୟବସାୟୀ ବା ସମଅବସ୍ଥାପନ୍ନ ବ୍ୟକ୍ତି ସଙ୍ଗ ମିଳନ ସାମାନ୍ୟ ସଙ୍ଗ ଅଟେ । ତଦ୍ୱାରା କ୍ଷଣିକ ସଙ୍ଗ ସୁଖ ଲାଭ ହୁଏ ମାତ୍ର ଉନ୍ନତି ହୁଏ ନାହିଁ ବରଂ ଅବନତି ହୁଏ । ଅନ ତାଲ ଏହିପ୍ରକାର ସଙ୍ଗର ପ୍ରାଦୁର୍ଭାବ ଦେଖାଯାଏ ଏବଂ ସେହିହେତୁ ଶିକ୍ଷାବିସ୍ତାର ପ୍ରସ୍ତାବରେ ମନୁଷ୍ୟତା ବୃଦ୍ଧି ହେବାର ଯେତେ ଆଶା କରୁ ତାହା ସଫଳ ହେବ ନାହିଁ । ଉନ୍ନତ ବ୍ୟକ୍ତିର ଆଦର୍ଶ ଦେଖି ତାହାର ସଙ୍ଗ ଲୋଡ଼ିବ ଓ ସେ ଭାବ ଶିକ୍ଷା କରିବାକୁ ଯତ୍ନ କଲେହିଁ ମା ଉନ୍ନତ ହେବ । ଯେବେ ଅନ୍ୟ ଉନ୍ନତରେ ଈର୍ଷା ପୂଜାଇ ଆପଣା ମଧ୍ୟରେ ବସି ଦ୍ରୋହ କହି ଦେବୁଁ ଯେ ଆମ୍ଭେମାନେ ମନୁଷ୍ୟ ହୋଇଅଛୁଁ ଆଉ କେହି ଜାଣିବାର ବା ଅନ୍ୟ ସଙ୍ଗେ ମିଶିବାର ପ୍ରୟୋଜନ ନାହିଁ ତାହା ହେଲେ ଆଉ ଉନ୍ନତ କି ହେବା ? ବରଂ ଉନ୍ନତ ଲୋକମାନେ ପଶ୍ଚାତ୍‌ବାଇ ମନେ କରି ସେଠାରେ ସ୍ଥିର ରହି ନ ପାରି କ୍ରମେ ତଳକୁ ଖସି ଆସିବ । ସର୍ବଦା ସତ୍ସଙ୍ଗଦ୍ୱାରା ଉନ୍ନତିର ଚେଷ୍ଟା କରିବା ଉଚିତ ।

---

### ହୋଲି ଖେଳ ।

ଗତ ତା ୨୬ ରିଖର 'ବଙ୍ଗବାସୀ'ରେ ଶ୍ରୀଯୁକ୍ତ ଅତୁଲକୃଷ୍ଣ ଗୋସ୍ୱାମିଙ୍କ ଲିଖିତ 'ହୋଲ୍-ହେୟାସ୍ତେ' ଶୀର୍ଷକ ଗୋଟିଏ ପ୍ରବନ୍ଧ ବାହାରିଅଛି ଯେ ତହିଁରେ ହୋଲି ଖେଳ ପ୍ରସଙ୍ଗରେ ପୌରାଣିକ ବା ପ୍ରାଚୀନ ପୁସ୍ତକର କେତେ କଥା ଜଣାଇ ଦେଇଅଛନ୍ତି । ସେ କହୁଅଛନ୍ତି ଯେ ସ୍କନ୍ଦପୁରାଣାନ୍ତର୍ଗତ ଫାଲ୍‌ଗୁନ ମାହାତ୍ମ୍ୟ ଗ୍ରନ୍ଥରେ ନାନା କଥାମଧ୍ୟରେ ହୋଲିକା ରାକ୍ଷସୀର କଥା ବର୍ଣ୍ଣିତ ହୋଇଅଛି । ସେ ଗ୍ରନ୍ଥ ପଢ଼ିଲେ ପାଠକମାନେ ସବିଶେଷ ଜାଣିପାରିବେ । ଏହି ହୋଲିକା ରାକ୍ଷସୀ ନାମରୁ ଏ ପର୍ବର ନାମ ହୋଲି ବା ହୋରି ହୋଇଅଛି ଯେମନ୍ତ କ ମେଷ ଅସୁରର ବଧଜନ୍ୟାପରୁ ମେଣ୍ଢା ପୋଡ଼ି ବା ଶ୍ରୁତଅଗ୍ନି ଉତ୍ସବ ହୋଇଅଛି । ଅନ୍ୟାନ୍ୟ ଗ୍ରନ୍ଥମଧ୍ୟରେ ଶ୍ରୀଯୁକ୍ତ ଭି, ଗୋପାଳ ଅୟ୍ୟରଙ୍କ ଭାରତର ପ୍ରାଚୀନ ଇତିହାସ ( Chronology of Ancient India)ରେ ହୋଲିକା ରାକ୍ଷସୀ

Digitized by srujanika@gmail.com

ଚାମ୍ପାକ୍ଷେତ୍ରରେ ହୋଇଯାଇଥା ହେବାର ଲେଖା- ଅଛି ଯେ ତାହାଙ୍କ ପ୍ରତିଷ୍ଠିତ ଅଖାଡ଼ିଆ ଏହି ନ ହୋଇଥିବାରୁ ଏବ ସନ୍ନ୍ୟାସୀ ଏବ ସନ୍ତାନ ସଙ୍ଗରେ ଅତ୍ୟନ୍ତ ଉପଦ୍ରବ ହେଲା । ସନ୍ନ୍ୟାସୀଙ୍କୁ ଦୌର୍ଣସିମରେ ଦମନ କରି ନ ପାରି ଶିଷ୍ୟ ସେ ସନ୍ନ୍ୟାସୀ ଜଣେ ପ୍ରଜାକୁ ଖାଇବା ଦ୍ଵାରା ଅନ୍ୟମାନେ ଉପଦ୍ରବ ନ କରିବାର ସଙ୍କଳ୍ପ କଲେ । ଏହେ ଜଣେ ବୃଦ୍ଧାର ନାତୁଣୀର ପାଳି ପଡ଼ିଥିବାରୁ ବୁଢ଼ୀ କାନ୍ଦୁଥିଲା । ଜଣେ ମହାପୁରୁଷ ଦେଖାଇ ପଚାରି ବୁଢ଼ୀର କ୍ରନ୍ଦନରେ ବ୍ୟଥିତ ହୋଇ କାରଣ ପଚାରି ସମସ୍ତ ବୁଝି କହିଲେ କ ଷାହିକ ଦିନ ପିଲାଙ୍କୁ ଏକତ୍ର କରି କୁମର କାଉଣୀ ସଙ୍ଗେ ସନ୍ନ୍ୟାସୀ ନିକଟକୁ ପଠାଇ ଦିଅ ଓ ସେମାନଙ୍କୁ କହିଦିଅ ଯେ ସମସ୍ତେ ମିଳି ବିକୃତ ଅଙ୍ଗଭଙ୍ଗୀ ସହକାରେ ଅଶ୍ଳୀଳ ଗାଳି ଦେବେ, ଧୂଳା ମାଟି ଫିଙ୍ଗି ଉତ୍ପାତ କାହା ଦେହକୁ ପକାଇବେ । ଏଥିରେ ତାହାର ମୃତ୍ୟୁ ହେବ ବୋଲି ବିଧିର ଲେଖା ଅଛି । ସାଧୁଙ୍କ କଥାମତେ ପିଲାମାନେ କାର୍ଯ୍ୟ କଲେ ଓ ସନ୍ନ୍ୟାସୀ ନିଧନ ହେଲା । ସେହି ଅବଧିରୁ ସ୍ମରଣ ଏବ ପିଲା-ପିଲାଙ୍କର କଲ୍ୟାଣାର୍ଥେ ହୋଲି ପର୍ବରେ ଧୋଳିଣ୍ଡ ଖେଳ ଅନୁଷ୍ଠିତ ହୁଅଇ । ମହା କବି ଚନ୍ଦ ବରଦାୟୀକୃତ ପୃଥ୍ୱୀରାଜରାସୋ ଗ୍ରନ୍ଥରେ ଦୁଣ୍ଡିତ ସନ୍ନ୍ୟାସୀର ଏହି ମତ ଏହା କଥା ବର୍ଣ୍ଣିତ ହୋଇଅଛି । ସେ ଶତବର୍ଷ କାଶୀ ଧାମରେ ତପସ୍ୟା କରନ୍ତେ ଅନ୍ନପୂର୍ଣ୍ଣା ପ୍ରସନ୍ନ ହୋଇ କହିଲେ ବର ପ୍ରାର୍ଥନା କର । ତହୁଁ ସନ୍ନ୍ୟାସୀ ବର ମାଗିଲା ଯେ ଶିଶୁଠାରୁ ବୁଢ଼ା ପର୍ଯ୍ୟନ୍ତ ଯାହାକୁ ଇଚ୍ଛା ଅକାସ୍ମାତରେ ଖାଇ ପାରିବ । ଦେବୀ ଏ ପ୍ରାର୍ଥନାରେ ଚକିତ ହୋଇ ପାର୍ଶ୍ଵେଶ୍ଵର ଦଶେଶ୍ଵରଙ୍କୁ ପଚାରିବାରେ ସେ କହିଲେ ତ ବର ଯାଉଅଛି ଦିଅ ମାତ୍ର ଅଜଠାରୁ ଏହି ନିୟମ କର ଦିଅ କ ଫାଲ୍ଗୁନ ମାସରେ ଅନନ୍ତ ଚତୁର୍ଦ୍ଦଶ ଯେ ବ୍ୟକ୍ତି ଗାଳି ଦେବ, ହୋ ହୋ ଶବ୍ଦ କରିବ ବାୟୁସର ବଜାଇବ ଅବିର ଧୂଳ ଉତ୍ପାତ ଦେହରେ ବୋଳିବ ଓ ନାନା ଅଙ୍ଗଭଙ୍ଗୀ କରିବ ଦୁଣ୍ଡିକା ତାହା ପାଖ ମାଡ଼ିବ ନାହିଁ । ଶିବଙ୍କର ଏହି ଆଜ୍ଞା ଅନୁସାରେ ଲୋକଙ୍କର କଲ୍ୟାଣ ନିମନ୍ତେ ଏପରି ଖେଳର ବିଧାନ ଓ ଏହାର ନାମ ଢୁଣ୍ଡି ହୋଇଅଛି । ଖୋଜିଲେ ଆଉ କେଉଁ ଗ୍ରନ୍ଥରେ ଆଉ କିଛି ଥାଇ ପାରେ । ଫଳତଃ ହିନ୍ଦୁମାନଙ୍କରେ ଯେତେ ପର୍ବ ପର୍ବାଣୀ ଅଛି ସେ ସମସ୍ତର ବିଧାନ ପ୍ରାଚୀନ ଗ୍ରନ୍ଥରେ ଅଛି ଏବ ମନୁଷ୍ୟର କଲ୍ୟାଣ ସାଧନ ସେ ସମସ୍ତର ଉଦ୍ଦେଶ୍ୟ ଅଟେ । ବର୍ତ୍ତମାନ ସମାଜ ସ୍ୱାଧୀନ ଓ ଶିକ୍ଷା ଓ ସଭ୍ୟତା ପ୍ରଭାବରେ ଅସାର ବୋଧ ହୋଇ ଯାଉଅଛି । ସୁତରାଂ ଅସାର ବସ୍ତୁ ନିବାରଣାର୍ଥେ ଯେପରି କୁରୁଚି ଓ ଅଶ୍ଳୀଳଯୁକ୍ତ ଖେଳର ପ୍ରୟୋଜନ ନାହିଁ ମାତ୍ର ଧର୍ମ ସମ୍ବନ୍ଧର ପ୍ରାଦୁର୍ଭାବ ଦିନ ବଢ଼ୁଅଛି ଓ ତହିଁରୁ ରକ୍ଷା ପାଇବା ନିମନ୍ତେ ପ୍ରଭୁ ପରମେଶ୍ୱରଙ୍କର ଭଜନ ସାଧନ ଓ ତାହାଙ୍କର ପ୍ରିୟ କାର୍ଯ୍ୟ ସମ୍ପାଦନ କରିବା ମନୁଷ୍ୟର କର୍ତ୍ତବ୍ୟ ଅଟେ । ତାହାଙ୍କର ଦୟା ଗୁଣକୁ ଏକ ଧ୍ୟାନରେ ଚିନ୍ତା କରି ତାହାଙ୍କଠାରେ ସମସ୍ତ ଭକ୍ତି ଓ ପ୍ରୀତି ଅର୍ପଣ କରିବାକାରଣ ଭଗ ପର୍ବର ବିଧାନ କରି ମହାପୁରୁଷ କରି ଯାଇ-ଅଛନ୍ତି । ଆମ୍ଭେମାନେ ମୂଢ଼ତା ଓ ହେଳାରେ ପର୍ବପାଳନ୍ତି ବେଳେ ତହିଁର ଆଧାତ୍ମିକ ଭାବକୁ ପରିହାର ବା ନ ଲୋଡ଼ି ବୃଥା ଏ ଖେଳରେ ମତ୍ତ ହୋଇ ଧର୍ମ ପାଳୁଅଛୁଁ ବୋଲି ମନକୁ ମିଥ୍ୟା ପ୍ରବୋଧ ଦେଉ ଓ ସଙ୍ଗେ ତହିଁର ଅମଙ୍ଗଳ ଫଳ ଭୋଗ କରୁଅଛୁ । ଯେଉଁ ସାଧୁ ଭକ୍ତଙ୍କ ବୃନ୍ଦାବନରେ ବସାଇ ଗୁରେଶ୍ୱ କରି ଜନନୀ ଏବ ଦୋଳମଞ୍ଚରେ ଝୁଲାନ୍ତି ସେମାନେ କାହାର ପ୍ରତିମୂର୍ତ୍ତି ଓ ତାହାଙ୍କ ତାହାଙ୍କ ଏପରି କରନ୍ତି ସେ ବିଷୟ ପ୍ରତିବାଦରେ ତହିଁର ବିବରଣ କିଛି ଲେଖାଅଛି । ସ୍ଥାନାଭାବେ ତହିଁର ମର୍ମ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଧର୍ମରେ ଜ୍ଞାନ ଓ ଅନୁରାଗ ହେଲେ ମଙ୍ଗଳ ଅନୁଷ୍ଠାନ ହେବାର ଦେଖିବ ଓ କୁଚିନ୍ତା, କୁଭାବ ଅନ୍ତର ହୋଇଯିବ ।

## ପ୍ରାଥମିକ ଶିକ୍ଷା ।

ଲୋକସାଧାରଣଙ୍କ ଶିକ୍ଷାର୍ଥ ସରକାରବାହାଦୁର ପ୍ରାଥମିକଶିକ୍ଷାର ସୁଯୋଗ କରି ନାହିଁ ଏବ ଉଚ୍ଚଶ୍ରେଣୀ ବିଦ୍ୟାଳୟମାନ ସ୍ଥାପିତ କରିଅଛନ୍ତି ମାତ୍ର ତହିଁରେ ସାମାନ୍ୟ ବେତନ ଦେଇ ବେତନ ଦେଇ ପଢ଼ିବାକୁ ହୁଏ ଏବ ଦେହି ଇଚ୍ଛା କଲେ ପଢ଼ି ନ ପାରେ । ଗୁରୁ ବ୍ୟବସ୍ଥାପକସଭାର ଗତମାସ ତା ୧୮ ଦିନର ଅଧିବେଶନରେ ଉକ୍ତ ବିଦ୍ୟାଳୟମାନଙ୍କରୁ ବେତନ ଉଠାଇ ଦେଇ ସମସ୍ତ ପିଲାମାନଙ୍କ ପଢ଼ିବା କାରଣ ବାଧ୍ୟ କରିବା ମର୍ମରେ ମାନ୍ୟବର ଗୋଖଲେ ମହୋଦୟ ପ୍ରସ୍ତାବ ଅଣାଇ କରିଥିଲେ ମାନ୍ୟବର ମହାଶୟ ଭାରତର ବର୍ତ୍ତମାନ ଶିକ୍ଷାର ଅବସ୍ଥା ଦୃଷ୍ଟିରେ ବାଳକମାନଙ୍କ ପଢ଼ିବାକାରଣ ବାଧକ ନ ହେବାର କହି କେବଳ ବାଳକମାନଙ୍କ ସମ୍ବନ୍ଧରେ 'ପୃଥ୍ୱୀର ଅନ୍ୟାନ୍ୟ ଦେଶମାନଙ୍କରେ ବିଶେଷତଃ ଜାପାନ ଏବ ଭାରତର ବରୋଦା ରାଜ୍ୟରେ ଉତ୍ତମ ବ୍ୟବସ୍ଥା ହୋଇ ସୁଫଳ ଲାଭ ହେଉଥିବାର ଦେଖାଇ କହିଲେ ୧୮୮୨ ମସିହାରେ ଯେଉଁ ଶିକ୍ଷା କମିଶନ ବସିଥିଲା ତାଙ୍କ ଶବ୍ଦରେ ଦେଖାଗଲା ଯେ ଦେଶରେ ସେତେବେଳେ ୮୫୦୦୦ ପାଠଶାଳାଥାଇ ୨୫ ଲକ୍ଷ ପିଲା ପଢ଼ୁଥିଲେ । ଲୋକସଂଖ୍ୟା ଅନୁସାରରେ ତାହା ଶତକଡ଼ା ୧.୨ ଅଟେ । ବ ୨୫ ବର୍ଷ ଉତ୍ତାରୁ ୧୯୦୭ ରେ ଦେଖାଯାଏ ଯେ ପାଠଶାଳାର ସଂଖ୍ୟା ଲକ୍ଷେ ୧୩ ହଜାର ଏବ ପାଠୁଆ ପିଲାଙ୍କ ସଂଖ୍ୟା ୪୫ ଲକ୍ଷ ଅର୍ଥାତ୍ ଲୋକସଂଖ୍ୟାର ଅନୁପାତରେ ୨.୧୯ କୁ ଉଠିଅଛି ଅର୍ଥାତ୍ ଏହି ପଚିଶ ବର୍ଷ ମଧ୍ୟରେ ଏହା ଦୁଇ ଗୁଣହୋଇ ସରକାରଙ୍କ ଆୟ ୮ କୋଟି ଟଙ୍କା ସୈନିକଖର୍ଚ୍ଚ ୧୩ କୋଟି, ସାଧାରଣ ମଦ୍ଦଜୁମଲ ବ୍ୟୟ ୮ କୋଟି ଏବ ରେଳବାଇରେ ଲଗାଯିବା ୧୯ କୋଟିଟଙ୍କା ବଢ଼ିଥିବାସ୍ଥଳେ ପ୍ରାଥମିକ ଶିକ୍ଷାର୍ଥ ବ୍ୟୟ କେବଳ ୫୨ ଲକ୍ଷ ଟଙ୍କା ବଢ଼ିଅଛି । ଏହା ସୁନ୍ଦର ନୁହେ ଏବ ଏମନ୍ତ ଅବସ୍ଥାରେ ସାଧାରଣ ଶିକ୍ଷା ବିସ୍ତାର ବହୁକାଳରେ ସମ୍ପାଦିତ ହେବ । ସେ ଅଧିକ କହିଲେ ଯେ ସବୁ ଜିଲାବୋର୍ଡରେ କାଳକ୍ଷେପ ବାଧକରୁ ପାଥମିକ ଶିକ୍ଷା ଦେବାରେ ଅଥବା ସ୍କୁଲ ବୋର୍ଡ ଟଙ୍କା ଲାଗିବ ତହିଁସହାସେ ଅଥବା ଟିକସ ବସିଲେ ଦଶ ମାତ୍ର ଶିକ୍ଷା ବିସ୍ତାର ହେବ । ପ୍ରସ୍ତାବକ ମହାଶୟଙ୍କ ସଙ୍ଗ ବୋମ୍ବାଇର ମାନ୍ୟବର ଦାଦା ଭାଇ ଓ ମଧ୍ୟପ୍ରଦେଶର ମାନ୍ୟବର ଚିଟନବିସ ମହାଶୟମାନେ ସାହାଯ୍ୟ କଲୁ ବା କରିଥିଲେ । ପ୍ରଥମ ବକ୍ତା ଅନ୍ୟାନ୍ୟ କଥାମଧ୍ୟରେ କହିଲେ ଯେ ଶ୍ରମଜୀବୀଲୋକଙ୍କର ପୁଏ ସୁଖ ଉତ୍ପାଦ କାର୍ଯ୍ୟରେ ସେମାନଙ୍କର ପିତା ଓ ଅଭିଭାବକଙ୍କ ସାହାଯ୍ୟ କରୁଥିବାରୁ ପଢ଼ିବାକୁ ବାଧ୍ୟ କଲେ ସେମାନଙ୍କର ବିଶେଷ ଅସୁବିଧା ଓ କ୍ଷତି ହେବ । ତଥାପି ସାଧାରଣ ମଙ୍ଗଳପ୍ରତି ଦୃଷ୍ଟିପାତ କଲେ ଏ ଦେଶରୁ ପ୍ରସ୍ତାବ ପରତ୍ୟକ୍ତ ହେବା ଉଚିତ ନୁହେ । ଶେଷୋକ୍ତ ବକ୍ତାମହାଶୟ କହିଲେ ଯେ ସମସ୍ତେ ପାଠ ପଢ଼ିଲେ ମୂଲିଆ ମିଳିବା କଠିନ ହେବ କାରଣ ମଧ୍ୟପ୍ରଦେଶର ଯେଉଁ ସ୍ଥାନରେ ପିଲାମାନେ ପାଠ ପଢ଼ିବାକୁ ଯାଉଅଛନ୍ତି ସେମାନେ ମୂଲ ଲାଗିବାକୁ ଘୃଣା କରୁଅଛନ୍ତି, ସୁତରାଂ ମୂଲର ଦର ବଢ଼ି ଯାଉଅଛି । ଏ ବିଷୟରେ ସରକାରଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଥିବା କହି ସରକାରୀ ମେମ୍ବର ମାନ୍ୟବର ଅଭାଏଜ୍ ସାହେବ ମହୋଦୟ କହିଲେ ଯେ ପ୍ରସ୍ତାବଟି ଅନିର୍ଦ୍ଦିଷ୍ଟରୂପରେ ଆଗତ ହୋଇଥିବାରୁ କାର୍ଯ୍ୟକର ନୁହଇ । ବିଶେଷତଃ ଏଥିରେ ଯେ ବ୍ୟୟ ହେବ ତାହା ଲୋକାଲବୋର୍ଡମାନେ ଅଧିକ ଟିକସ କରିବାକୁ ହେବ ମାତ୍ର ସମସ୍ତ ଭାରତବାସିଙ୍କ ଉପରେ ଆଉ ଟିକସ ଲଦିବା ସହଜ ନୁହେ । ତଥାପି ଏ ପ୍ରସ୍ତାବ ଦେଶହିତକର ଏବ ଗବର୍ଣ୍ଣମେଣ୍ଟ ତହିଁପ୍ରତି ସହାନୁଭୂତି ରଖିଅଛନ୍ତି । ଗବର୍ଣ୍ଣମେଣ୍ଟରୁ ଏଥକ ଭରସା ପାଇ ମାନ୍ୟବର

Split by PDF Splitter
Digitized by srujanika@gmail.com

Split by PDF Splitter



ଗୋଖେଲ ମହାଶୟ ପ୍ରସ୍ତାବଟି ବର୍ତ୍ତମାନ ସକାଶେ ଉଠାଇ ନେଲେ । ଅସ୍ମେମାନେ ବୁଝିଅଛୁ ଯେ କେବଳ ଟଙ୍କାର ଅଭାବରେ ଅଛି ବ୍ୟଗ୍ରତାହେତୁ ଗୋଖେଲ ମହୋଦୟ ଉକ୍ତରୂପ କଥା କହିଥିଲେ । ଗଭର୍ଣ୍ଣମେଣ୍ଟ ଯେ ସ୍ଥଳେ ଜନ୍ମଶିକ୍ଷାର ଆବଶ୍ୟକତା ସ୍ୱୀକାର କରୁଅଛନ୍ତି ଅଣାଭାବ ଥିଲେ ଅବଶ୍ୟ ଉଚିତ ସୁବ୍ୟବସ୍ଥା କରିବେ । ସୁତରାଂ ଗୋଖେଲ ମହୋଦୟଙ୍କ ପ୍ରସ୍ତାବ ସଫଳ ହୋଇଅଛି । ଅନେକପ୍ରକାର ଅବୈଧ ବ୍ୟୟ ଊଣା କରି ଶିକ୍ଷାନିମନ୍ତେ ସରକାର ଇଚ୍ଛା କଲେ ଅଧିକ ଟଙ୍କା ଦେଇ ପାରନ୍ତେ ବଜେଟ ଦେଖି ଆଗାମୀବର୍ଷ ଉଚିତ ସୁବ୍ୟବସ୍ଥା ଦେଖିବୁଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ସମ୍ବଲପୁରର ଓ ପୂର୍ବକୋଳର ବନ୍ଦୋବସ୍ତ ଏକ୍‌ସ୍‌ଟ୍ରା ଅଫିସର ସେଣ୍ଟନାଥ ବାଲେସ୍ୱର ବିଭାଗର ଓ ବାଲେଶ୍ୱର ବିଭାଗର ଏକ୍‌ସ୍‌ଟ୍ରା ଅଫିସର ବାବୁ ଅମରନାଥ ଦାସ ସମ୍ବଲପୁର ଓ ପୂର୍ବକୋଳ ବିଭାଗକୁ ବଦଳି ହେଲେ ।

ବାବୁ ରଜନୀକାନ୍ତ ଦାସ ସନ ୧୯୧୦ ସାଲ ଅପ୍ରେଲ ତା ୧୫ ଦିନରୁ ଓଡ଼ିଶାବିଭାଗର ସ୍କୁଲ ଇନ୍‌ସ୍‌ପେକ୍ଟରଙ୍କ ଅଫିସର ହେଡ଼କ୍ଲର୍କ ପଦରେ ବାହାଲ ହେଲେ ।

ଗତ ତା ୨୮ ଗତ ଶେଷହେବା ସପ୍ତାହରେ ଓଡ଼ିଶା ବିଭାଗର ଅନେକ ସ୍ଥଳ ସହରରେ ସ୍ୱଳ୍ପପରିମାଣରେ ବୃଷ୍ଟି ହୋଇଅଛି । କଟକରେ ସବୁଠାରୁ ଅଧିକ ବୃଷ୍ଟି ହୋଇଅଛି ଓ ସର୍ବୋଚ୍ଚ ଉତ୍ତାପ ତା ୨୫ ରେ ହୋଇଅଛି ।

ନୂତନ ପ୍ରେସ ଆଇନଅନୁସାରେ ବଙ୍ଗ ଗବର୍ଣ୍ଣମେଣ୍ଟ ଆଦେଶରେ ସରକାରଙ୍କ ପ୍ରତି ବିଦ୍ୱେଷ ସୂଚକ ଥିବାହେତୁ ନିମ୍ନଲିଖିତ ପୁସ୍ତକଗୁଡ଼ିକ ବାଜେୟାପ୍ତ ହେବାର ବିଜ୍ଞାପନ ବାହାରିଅଛି ଯଥା:—

(୧) ଜୀବନର ଅନ୍ୱେଷଣ ( ସମ୍ବାଦପତ୍ର )
(୨) ଇଣ୍ଡିୟାନ ସୋସିଓଲଜିଷ୍ଟ ( " )
(୩) ଇଣ୍ଡିଆନ ଓଁକାରବା ଇଣ୍ଡିପେଣ୍ଡେନ୍ସ ୧୮୫୭
ଭି: ଡି: ସାବରକରଙ୍କଦ୍ୱାରା ପ୍ରଣୀତ ।
(୪) ସ୍ୱରାଜ ( ସମ୍ବାଦପତ୍ର )
(୫) ବନ୍ଦେ ମାତରମ୍ ( ଜେନେଭାରୁ ପ୍ରକାଶିତ )
(୬) ତଲୱାର ବା ତରବାରୀ ( ଏଗନ )
(୭) ସନ୍ଧ୍ୟା
(୮) ଯୁଗାନ୍ତର ।
(୯) ସତ୍ୟାଗ୍ରହ ରଣ ପ୍ରେରଣ
(୧୦) ଫ୍ରି ହିନ୍ଦୁସ୍ଥାନ
(୧୧) ଗାଲିଆ
(୧୨) ସ୍ୱରାଜ୍ୟ
(୧୩) ଫ୍ରି ହିନ୍ଦୁସ୍ଥାନ ସମ୍ପାଦକଙ୍କ ଭରିମେଣ୍ଟଦ୍ୱାରା ପ୍ରକାଶିତ ହୋଇଥିବା କୌଣସି ସମ୍ବାଦପତ୍ର
(୧୪) କେତେ ଓ ଇଣ୍ଡିଆ ସୋସିଓଲଜିଷ୍ଟ ।

---

## ସ୍ଥାନୀୟ ସମ୍ବାଦ ।

ଗତ କେତେଦିନରୁ ଏଠାରେ ଆକାଶ ମେଘାଚ୍ଛନ୍ନ ହେଉଅଛି ଓ ସ୍ୱଳ୍ପ ବର୍ଷା ହୋଇଅଛି ।

ଏ ନଗରରେ ଯାହା କଲେରା ଓ ବସନ୍ତ ଦେଖାଯାଉଥିଲା ତାହା ଶାନ୍ତ ହୋଇ ଆସୁଛି । ମୋଫସଲରେ ଏ ରୋଗର ପ୍ରାଦୁର୍ଭାବ ହୋଇଥିବାର ସମ୍ବାଦ ମିଳଇ ।

ଏ ସପ୍ତାହରେ ତା ୨୬ ଦିନ ଶେଷ ବାହାରିଥିଲା । ବୃଷ୍ଟି ହୋଇ ନାହିଁ । ମାତ୍ର ପ୍ରବଳ ପବନ ହେତୁ ଗରମ ଅଳ୍ପ ଊଣା ଓ ଅଳ୍ପ ଶୀତଳ ସ୍ଥାନ ।

ଜାଜପୁର ରୋଡ଼ ଷ୍ଟେସନ ନିକଟରେ ଗତ ୨୧ ତାରିଖ ସେଠାରେ ବାବୁ ଘରରେ ଚୋରି କରିଥିବା ଅପରାଧରେ ଗତ ଶୁକ୍ରବାର ଦେଓ ନାମକ ଏକ ବ୍ୟକ୍ତି ଧରାଯାଇଥିଲେ ସାଜା ପାଇଅଛନ୍ତି ।

ଜାଲଚିଠା ଲେଖା ଅପରାଧରେ ଅଭିଯୁକ୍ତ ଅସାମୀ ଓଡ଼ିଶାର କ ୧୯ ଜଣ ଆସାମୀ ହେଲେ ନାଲେଶୀ ଦାଖଲ ହୋଇଥିଲା ଅପରାଧରେ ଉକ୍ତ ଆସାମୀଙ୍କ ବିଚାରପୂର୍ବକ ଦଣ୍ଡ ଦିଆଯାଇଅଛି । ଗତ ଶୁକ୍ରବାର ପ୍ରତ୍ୟେକ ଆସାମୀଙ୍କ ୫୦୦ ଟଙ୍କା ଜରିମାନା ହୋଇଅଛି ।

ନିଜେ ଲେଖା ଚିଠିଟି ଗୁମାଇ ପରଙ୍କ ନାମରେ ଭୁଲ ନାମ ଲେଖି ପୋଷ୍ଟକାର୍ଡ଼ ପଠାଇ ଥିବା ଅପରାଧରେ ଏଠାର ଜଣେ ସବ୍‌ଡିପୁଟିଙ୍କ କୋର୍ଟରେ ବିଚାର ହୋଇ ବଣ୍ଡ ପାଇଥିଲା । ହାଇକୋର୍ଟରେ ଅପିଲ କରି ଖଲାସ ପାଇଅଛି ।

ଏ ସପ୍ତାହରେ ଏକାଦିନରେ ପ୍ରାୟ ଅଧଘଣ୍ଟା ବୃଷ୍ଟି ହୋଇଥିଲା । ମୋଫସଲ ଅନ୍ୟ କୌଣସିଠାରେ ବର୍ଷା ହେବାର ସମ୍ବାଦ ପାଇ ନାହିଁ ।

ବଙ୍ଗ ଓ ବିହାର ମହାସଭା ଜାପାନ ଦର୍ଶନାର୍ଥେ ଯାତ୍ରା କରିଅଛନ୍ତି । ସେଠାର ଗ୍ରାଣ୍ଡ୍ ହୋଟେଲ ଓ ଅନେକ ସ୍ଥାନ ଭ୍ରମଣ କରି ମାସ ଶେଷରେ ଲେଉଟି ଆସିବେ ।

ବରେଲୀ ରବିଶ୍ୱାଲସ୍ ସଲ୍‌ଟ୍ରେରେ ପ୍ରଥମ ଥର ଜମି ଜାଇଁ ଗ୍ରାଣ୍ଡ଼ସ୍ତର ମହାଦେଶ ବିଜୟ ୧୭ ହଜାର ଟଙ୍କା ଦେବା ଦେଉଅଛନ୍ତି । ଏହି ସବୁ ସ୍ଥାନରେ ପ୍ରସ୍ତୋତନୀୟ ବା ୫୦ ହଜାର ଟଙ୍କା ମଧ୍ୟରୁ ମିଶାଇ ୧୨ ହଜାର ଟଙ୍କା ଦିଆ ହେଉ ।

## କେନ୍ଦ୍ରାପଡ଼ା ସମ୍ବାଦ

ଗତ ସପ୍ତାହଠାରୁ ଖରା ବିଶେଷ କମ ହୋଇଅଛି ଅକାଳ ବୃଷ୍ଟି ଏ ଉପକ ଲୋକଙ୍କର ଦେଖାଯାଉଅଛି ।

ଅନେକ ଦିନରୁ ଓ ଦେଉଁଠାରେ ସବୁ ଠାରୁ ଅଧିକ ଏହି ମାସ ପରିଜନଙ୍କ ସବୁଠାରେ ହେବ ।

ମଫସଲର କୌଣସି ୨ ଗ୍ରାମରେ ଉତ୍ତମରୂପେ ବସନ୍ତ ଦେଖା ଦେଇ କେତେ ଲୋକଙ୍କୁ ଆକ୍ରାନ୍ତ କରିଅଛି । ଏହାପରେ ସବୁଠି ହେଲେ ସ୍ୱାସ୍ଥ୍ୟ ରକ୍ଷା ହେବ ।

ସରକାରଙ୍କ ଦିଆ ବାଲି ସହିତ କନେଷ୍ଟବଳ ସବୁ ନିମନ୍ତେ ଏ ନଗରର ପୋଲିସ ଅଧିକ ଭାବରେ କାମ କରୁଅଛନ୍ତି । ଗତ ସୋମବାର ଏ ନଗର ଥାନାରେ ଗୋଟିଏ ଚୋରି ଧରା ପଡ଼ିଲା । ତାହାର ଥାନାରେ ଚାଲାଣ କରିବା ମଧ୍ୟରେ ସବା ସ୍ୱାକ୍ଷର କରିଅଛନ୍ତି ।

ବରେଇ ସପ୍ତାହ ହେଲେ ଏ ନଗରରେ ନିୟମିତ ମେଲ ଚାଲିବାର କଥା ହୋଇଅଛି । ସେ କିଛିଦିନ କେତେ ଗୋଟିଏ ବିଷୟରେ ଯାହା ଜାଣିବା ଆବଶ୍ୟକ ଏହି ସମ୍ବାଦ ସହିତ ଅପାକ୍ଷିକ ଅନେକ ଦ୍ୱାରା ଚାଲିବ ଓ ଅନେକ ସ୍ଥଳରେ ସୁବିଧା ହେବ ।

ଅନେକ ଦିନ ସବୁ ବର୍ଷାଦ୍ୱାରା ଅନେକ ସ୍ଥାନ ପାଣି ଶୁଖି ଯାଇଅଛି ଓ ନୂଆ ଗ୍ରାମରେ ଚାଷ ହୋଇ ପାରୁନାହିଁ । ଏଠାରେ ମଧ୍ୟ ଗୋଟିଏ ବାଲିକା ସ୍କୁଲର ଡ୍ରଇଂ ମାଷ୍ଟର ( Drawing master ) ବାବୁ ଓ ଅଧିକ ନାଥ ନିଜର ଅଧ୍ୟାପକ ଥାଇ ତାଙ୍କୁ ଏଠାକୁ ଆଣିଅଛନ୍ତି ।

ବର୍ତ୍ତମାନ ଚାଷୀଙ୍କ ଓ ଉଣା ଚଳିବା କଷ୍ଟ ହେଉଅଛି ଏ ଜଳରେ ଚଳନ୍ତି ଲୋକମାନେ ଗାଡ଼ି ଭଡ଼ା କରିଥାନ୍ତି । ଏଥିରେ ଗତ ପରି ପାଣି ପବନ ବିଦ୍ୟାଳୟ ହୋଇଅଛି ମାତ୍ର ପୂର୍ବଭଳି ଥିବାରୁ ସେ ୧୨ ଦିନ ସେ ୩ ଦିନ ପଡ଼ିଅଛି ।

## ଜାଜପୁର ସମ୍ବାଦ

ସମ୍ପାଦକ ଏଠାର ସବଡିଭିଜନାଲ ଅଫିସର ବାବୁ ଶ୍ୟାମାନନ୍ଦ ମହାଶୟ ଖୋର୍ଦ୍ଧାରୁ ବଦଳି ହୋଇ ପ୍ରାୟ ମାସ ୫ ଦିନ ହେଲା ଏଠାରେ ଆସିଅଛନ୍ତି । ଉକ୍ତ ବାବୁ ମହୋଦୟ ଅତି ସଦାଲାପୀ ଓ ଅଧିକ ଗୁଣସମ୍ପନ୍ନ ଲୋକ । ବିଶେଷତଃ ଗରିବଙ୍କ ପ୍ରତି ଦୟାଳୁ ଅଟନ୍ତି । ଏହାଙ୍କ ସ୍ୱଭାବରେ ସମସ୍ତେ ସନ୍ତୁଷ୍ଟ । ଏଠାରେ ବାସ କରୁଥିବା ବାଲେଶ୍ୱରୀ ଗ୍ରାମବାସୀମାନେ ମହାଜନଙ୍କ ସହିତ ପ୍ରତ୍ୟାଗମନ କରୁଅଛନ୍ତି ।

ଏହି ସବୁ ଏକ ଭିଜିଲ ମୁହାମରେ ଏକ ମାଇନର ସ୍କୁଲ ଅଛି । ଏହା ଏଠାର ପ୍ରସିଦ୍ଧ ମୃତ ବାବୁ ଜଗନ୍ନାଥ ଦାସଙ୍କ ସହାୟତାରେ ସ୍ଥାପିତ ହୋଇ ବିଶେଷ ଉନ୍ନତ କରିଥିଲା । ମାତ୍ର ସେ ଅପଣଙ୍କ ପରେ ବର୍ତ୍ତମାନ ସ୍କୁଲ ଗୃହ ଅତି ଅନ୍ୟ ଅବସ୍ଥାରେ ହେତୁ ଛାତ୍ରଙ୍କ ଶୋଚନୀୟ ଅବସ୍ଥା ପ୍ରାପ୍ତ ହୋଇଥିବାରୁ ଏହି ନୂତନ ସ୍କୁଲ ବାବୁ ମହୋଦୟ ସ୍କୁଲର ନିର୍ମାଣ ଆବଶ୍ୟକ ଦେଖି ନାନାଦି ସୁବିଧା ସ୍କୁଲର ଅଭାବ ଉନ୍ନତ ପକ୍ଷେ ବିଶେଷ ଯତ୍ନ କରୁଅଛନ୍ତି । ଏଥିପାଇଁ ସାଧାରଣଙ୍କ ସହଯୋଗରେ ଶୀଘ୍ର ଏକ କୋଠା ସେମାନଙ୍କ ପ୍ରାର୍ଥନା ଅନୁସାରେ କରାଇବାକୁ ବାଧ୍ୟ ହେଲେ ।

## ପୁରୀ ସମ୍ବାଦ

ସମ୍ପ୍ରତି ମଠର ମହନ୍ତ ପାଗଳ ହୋଇ ଖାଇବାର ପାଇଁ ଜାଗାରେ ନଜରବନ୍ଦ ଥିଲେ । ତାଙ୍କର ଜିଲ୍ଲା ମର୍ଚ୍ଚନ ସାହେବଙ୍କ ସୁବନ୍ଦୋବସ୍ତ ପ୍ରଣାଳୀ ମଠର ମହାନ୍ତଙ୍କ ସମ୍ପତ୍ତି ଅଧିକାର ଲାଗି ପ୍ରବନ୍ଧ ହେଉଅଛନ୍ତି ।

ଭିକାରୀ ହେଉ ସର୍ବଦାରୀଙ୍କ ଗୋଟିଏ ମଧ୍ୟ ଘଟଣା ଦେଖାଯାଇ ଥାଏ ହୋଇଅଛି । ମାତ୍ର ସତ୍ୟବାଦୀ ଚଳାଇ ଗ୍ରାମଦେବତା ଓ ବିଷ୍ଣୁନାଥଙ୍କ ଶାସନ ପୂର୍ବଦେଇ ଉଚ୍ଚତର ଆୟଳର ସ୍କୁଲ ଉଠି ଯାଇଅଛି ।

ଏହିକାର ସୁପ୍ରସିଦ୍ଧ କଥକ ମହାମହୋପାଧ୍ୟାୟ ଶ୍ରୀଯୁକ୍ତ ସଦାଶିବ ମିଶ୍ର ମହାଶୟ ଶ୍ରୀ ଜଗନ୍ନାଥ ପ୍ରକାଶ ବେତନ ମାସ ହେଉ ସମସ୍ତ ଲୋକର ବସିଅଛନ୍ତି । ତାହାଙ୍କର ସୁବ୍ୟବସ୍ଥା ଜନ୍ମ ତାହାଙ୍କ ସଙ୍ଗରେ ଥିଲେ । ସୁଖର ବିଷୟ ଏହା ହେଉଛି ଯେ ରାଜ୍ୟ ସରକାର ସମ୍ପାଦକ ମହୋଦୟଙ୍କର ମାତ୍ର ବୟୋପ୍ରାପ୍ତ ହୋଇଅଛି । ଏଥିର ମାତୃଭାଷା ସମ୍ପାଦକ ଶୋକ ପ୍ରକାଶ କରୁ ।

ମୃତ୍ୟୁର ଖବର ଅଶୋକ ମହାରାଜ ସହିତ ସୋମବାର ଜଗନ୍ନାଥ ଅଭିଷେକ ଦିନ ପ୍ରଭାତରେ ବାବୁଙ୍କ ସହିତ ଠାରେ ଅନ୍ତ୍ୟେଷ୍ଟି କରି ଗ୍ରାମର ଲୋକ ଓ ସେବକମାନଙ୍କ ସ୍ୱେଚ୍ଛା ଓ ପ୍ରତ୍ୟେକଙ୍କ ଏକାଠି ଉପସ୍ଥିତ ହୋଇଥିଲେ ।

ମଫସଲରେ କଲେରା ରୋଗର ପ୍ରକୋପ ଦେଖାଯାଉ ଅଛି । ପ୍ରଜାମାନଙ୍କ ଗ୍ରାମକୁ ଯମିନ ହୋଇ ହେବାପର୍ଯ୍ୟନ୍ତ ସରକାର ଯଥା ସମ୍ଭବ ସହାୟତା ଦେଲେ ଭଲ ହୁଅନ୍ତା ଏଣୁ ଅନୁରୋଧ ଜଣାଉଅଛୁ ।

ପଶ୍ଚିମାଞ୍ଚଳ ଅମୃତ ଦି ଥରେ ମିଳିଥିଲା ଶୀଘ୍ର ପାଇବାରେ ଶୁଣି ପାଇ ଖୋଲାଇ ଅଛି ଲାଗିଲା ।

ଏ ସପ୍ତାହର ସମସ୍ତେ ୨ ମେଘାଚ୍ଛନ୍ନ ହୋଇଅଛି ମାତ୍ର ବର୍ଷା ନାହିଁ ।

Digitized by srujanika@gmail.com

## ସାଧାରଣ ସମ୍ବାଦ ।

ଗାଜିପୁର ପ୍ରଧାନନଗର ଡାଏଠାରେ ପ୍ରକାଶିତ ହେଉଥିବା ବାଇବ ନାମକ ପତ୍ରିକା ନୂତନ ମୁଦ୍ରାଯନ୍ତ୍ର ଅଧିନିୟମରେ ଗବର୍ଣ୍ଣମେଣ୍ଟ କର୍ତ୍ତୃକ ଭାରତରେ ପ୍ରବେଶ କରିବା ନିଷେଧ ହୋଇଅଛି । ଓ କରେ ମାଡରନ୍ ନାମକ ପତ୍ରିକା ମଧ୍ୟ ସେ ରୂପରେ ଘଟା ହେଉ ଜଣିବ ହୋଇଅଛି । ଏସବୁ ଭାରତର କେଉଁଠାରେ ଏବ ସ ଜଦାକୁ ଯବତ ହେବ ।

ଚୀନଦେଶର ସେଣ ସମ୍ବାଦପତ୍ର ବନ୍ଦ ହୋଇଥିବାର ସମ୍ବାଦ ମିଳଇ ।

ଶିହୁଙ୍ଗମନର ନୂଆ ଏନ୍ଡିଆ ଦ୍ୱିତୀୟ ପତ୍ର ନରବହାରୁ ଏହା ଏ ପଦକ୍ଷା ହେବ ବଶ ଅଛି ପ୍ରତ୍ୟ ଦାଉକ ବଟିକ ଏଥାର ଦେଖି ସଫାମ ଗଲ ଅସ୍ପୃହତା । ନଅଛି । ଟିବ ନାମକର କତମ ତ ନାନାପ୍ରକାରେ ମହତ୍ୱ ସବଶା ଘଟିଅଛି ଏବ ସରକାରମାନେ ସେଥିଯୋଗୁଁ ସପର ଚୁପ ରହିଅଛନ୍ତି ।

---

## ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନହୁଁ ।

---

ମାନନୀୟ ଦୀପିକା ସମ୍ପାଦକ ମହୋଦୟ-
ସମୀପେଷୁ ।

ମହାଶୟ !

ଗତ ୧୯।୨।୧୦ ରେ ଦୀପିକାରେ ପ୍ରକାଶିତ ତେଙ୍କାନାଳର ଶ୍ରୀ ଶଶିଭୂଷଣ ନାଗ ପତ୍ରରେ ଯାଜପୁରର ଶିବପ୍ରସାଦ ସିଂହଙ୍କ ବଂଶକୁ ପଶ୍ଚିମାଞ୍ଚଳାଗତ ବୋଲି ଯାହା ଲେଖାଅଛନ୍ତି ତାହା ଭୁଲ ଅଟେ ପ୍ରକୃତରେ ଉକ୍ତ ବଂଶ ଖାଣ୍ଟି ଓଡ଼ିଆ ଅଟନ୍ତି । ଶିବପ୍ରସାଦ ସିଂହଙ୍କ ପିତାମହ ଏହିଠାରେ ନବାବ ଦରବାରରେ ଦେଓଥିବା କାର୍ଯ୍ୟୋପଲକ୍ଷରେ ପଶ୍ଚିମାଞ୍ଚଳରେ ଥିଲେ ଓ ତାଙ୍କର ପୁତ୍ର ଜଗନ୍ନାଥ ସିଂହ ଯେ କି ବାଲେଶ୍ୱରର ଦରଖାସ୍ତ ଓକିଲ ଥିଲେ ସେ ସେଠାରେ ଜନ୍ମିଥିଲେ । ଏଥିଯୋଗୁଁ କଣ ସେମାନଙ୍କୁ ପଶ୍ଚିମା ଭୁହାଯିବ ? ଏ ବଂଶର ପୂର୍ବ ପୁରୁଷମାନେ "ସ୍ୱାଇଁ" ଉପାଧି ଧାରୀ ଥିଲେ, "ସିଂହ" ସରକାରୀ ଉପାଧି ମାତ୍ର ଓ ଏମାନେ ବହୁକାଳରୁ ଅନେକ ସଦ୍‌ବଂଶୀୟ ଖଣ୍ଡାୟତଙ୍କ ସଙ୍ଗରେ ବନ୍ଧୁ ବାନ୍ଧବ କରି ଚଳିଆସୁଅଛନ୍ତି । ଅଦ୍ୟାବଧି ତାଙ୍କର ଗ୍ରାମୀମାନେ "ସ୍ୱାଇଁ" ବୋଲିଉଅଛନ୍ତି ବୃଟିଶ ସରକାର ବହୁ ପୂର୍ବରୁ ବହୁକାଳରୁ ଏମାନଙ୍କର ପୂର୍ବ ପୁରୁଷମାନେ " ସ୍ୱାଇଁ , ଉପାଧି ଧାରଣ କରି ଯାଜପୁରରେ ଥିବାର ସ୍ପଷ୍ଟ ପ୍ରମାଣ ବିଦ୍ୟମାନ ।

ନାଗ ମହାଶୟଙ୍କର ଭ୍ରମପୂର୍ଣ୍ଣ ଲେଖାଦ୍ୱାରା ବର୍ତ୍ତମାନ ବଂଶୀୟମାନଙ୍କର ରାଜନୈତିକ ଓ ସାମାଜିକ ଭାବରେ ଅନେକ କ୍ଷତିହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅତଏବ ଅପଣ ଏହି ପ୍ରତିବାଦ ପତ୍ରିକାସ୍ଥ କରିବାଧୀନ କରିବେ । ଇତି

ବଶମ୍ବଦ

୧୬।୩।୧୦ } ଶ୍ରୀ ଜଗନ୍ନାଥ ନାୟକ, ଭୁଞ୍ଜପୁର ଯାଜପୁର

ମହାଶୟ !

ଓଡ଼ିଶାର ସ୍ଥାୟୀ ଅଧିବାସୀ ବଙ୍ଗାଳୀମାନଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଅଛି । ପୂର୍ବର ହିନ୍ଦୁ ଓ ମୁସଲମାନ ରାଜାମାନେ ଏମାନଙ୍କର ପୂର୍ବ ପୁରୁଷଙ୍କୁ ବଙ୍ଗଦେଶରୁ ଆଣାଇ ବୃତ୍ତି ଓ ଜମି ଦେଇ ଓଡ଼ିଶାରେ ବାସ କରାଇଥିଲେ । ଏଣିକି ଇଂରାଜ ରାଜ ଏମାନଙ୍କୁ ଉଚିତ ରହିଁ ସଙ୍ଗେ ବିଦ୍ୟା ଲାଭ ନିମନ୍ତେ ବୃତ୍ତି ଦେବାକୁ ଦୃଢ଼ା ଭୁଲିତ । ବୃତ୍ତିର ଯାଇବାର ବ୍ୟାପାର ସଙ୍ଗେ ନିଷ୍କର ଅବ ଜମିଦ୍ୱାରା ନିର୍ବାହ ହେଉଥିଲା ବାଟ ପ୍ରାୟ ବନ୍ଦ ହୋଇଅଛି । ଏମାନେ କୁଳାଗ୍ରତ ହେଉ ନଲେ ବୃତ୍ତ କ ଭଦ୍ର ପ୍ରଥା ହଳଦ୍ୱାର ଅଧିକାଂଶ ଗ୍ରାମରେ ଲଗାଇ ଥିବ ପାଉଥିଲେ । ନୂଆ ପରଗଣା ବନ୍ଦୋବସ୍ତରେ ସେ ସମସ୍ତ ଭୋଗଦାର ଗୁଡ଼ିକ ରଦ୍ଦ ସହି ହୋଇ ଯାଉଅଛି । ଅମ୍ଭମାନଙ୍କ ମଧ୍ୟରେ ଦେଶୀୟ ହାଳରେ ଯେଉଁମାନଙ୍କର ଅବସ୍ଥା ସ୍ୱଚ୍ଛଳ ଥିଲା କିମ୍ବା ଯେଉଁମାନେ ବଡ଼ ବଡ଼ ପଦସ୍ଥ ସରକାରୀ ଚାକର କରୁଥିଲେ ସେ ସମୟରେ ସେମାନଙ୍କ ଠାରେ କୌଣସି ବିଦ୍ୟାର୍ଥୀ କିମ୍ବା କନ୍ୟା ଦାୟଗ୍ରସ୍ତ ବ୍ୟକ୍ତି ଉପସ୍ଥିତ ହେଲେ ସେମାନେ ତାଙ୍କୁ ଯଥାସାଧ୍ୟ ସାହାଯ୍ୟ କରୁଥିଲେ ଅଥବା କୌଣସି ଚାକର ପ୍ରାର୍ଥୀ ସେମାନଙ୍କ ନିକଟ ପହୁଞ୍ଚିଲେ ତାଙ୍କୁ ଆପଣା ବସାରେ ରଖାଇ ତାହାର ଯୋଗ୍ୟତାନୁସାରେ ଶିଘ୍ର ଚାକିରି ଲଗାଇ ଦେବା ପକ୍ଷରେ ତତ୍ପର ହେଉଥିଲେ ମାତ୍ର ଏଣିକି ଯେଉଁ ଶିକ୍ଷିତ ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଗରିବ ସ୍ୱଜାତିର ସାହାଯ୍ୟ କରିବା ଦୂରେ ଥାଉ ସେମାନଙ୍କୁ ଦୂରରୁ ଦେଖିଲେ ତାଲେ ବନ୍ଧ ମାରିନ ଏଣୁ କରି ମହି ବଙ୍ଗାଳୀ କୁଳ ଯାଉଛନ୍ତି ସ୍ୱଜାତି ମଧ୍ୟରେ ପୂର୍ବର ସହାନୁଭୂତି ଏବଂ ପ୍ରୀତିର ଲୋପ ପାଇଅଛି ବୋଲିଲେ ଅତି ହେବ ନାହିଁ । ନବ୍ୟସମ୍ପ୍ରଦାୟଙ୍କ ସାହାଯ୍ୟ କରିବାକୁ ଶେଣିକ ଥାଉ ସଙ୍ଗତିପନ୍ନ ବ୍ୟକ୍ତି ସୁଦ୍ଧା ଉଚ୍ଚ ବର ପଣାଦ୍ୱାରା କନ୍ୟା କର୍ତ୍ତାଙ୍କୁ ଅଧିକରେ ଲଣ୍ଡବଣ୍ଡ କରିବାରେ ତ୍ରୁଟି କରନ୍ତି ନାହିଁ । ପରେ ଯେଉଁମାନେ ଶିକ୍ଷିତ ଓ ଉଚ୍ଚ ପଦପ୍ରାପ୍ତ ହୋଇଅଛନ୍ତି ଓ ଯେଉଁମାନଙ୍କ ଉନ୍ନତିରେ ଅମ୍ଭେ ତୋମିଆଲ ଲଡ଼ୁମାନଙ୍କର ମୁଖ ଉଜ୍ଜ୍ୱଳ ହେବ ବୋଲି ଆଶା କରିଥିଲୁଁ ମାତ୍ର ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଏ ଦେଶର ପତ୍ନୀକୁ ବିବାହ ନ କରି ବଙ୍ଗଦେଶରୁ ବିବାହ କରି ଆଣିବାକୁ ପସନ୍ଦ ମନେ କରୁଅଛନ୍ତି । ଏହିଦ୍ୱାରା ସେମାନଙ୍କ ସହିତ ଅମ୍ଭମାନଙ୍କର ଯେତେଦୂର ସହାନୁଭୂତି ବୃଦ୍ଧି ହେବ ତାହା ଆପଣ ବୁଝି ଓ ବସ୍ତୁହୀନ

## ସମ୍ପାଦକ ମହାଶୟ ବିଚାର କରନ୍ତୁ ।

ଏ ଦେଶର ଗରିବ କାୟସ୍ଥ ବାଳକମାନଙ୍କର ଲେଖା ପଢ଼ା ଶିକ୍ଷାର ଅସୁବିଧା ଦେଖି ମହାନୁଭବ ଶ୍ରୀଯୁକ୍ତ ବାବୁ ଯୋଗେଶଙ୍କର ଘୋଷ ପ୍ରମୁଖଙ୍କ ଅଦମ୍ୟ ଚେଷ୍ଟାରେ କଟକରେ ଏକ କାୟସ୍ଥ ବୋର୍ଡିଂ ସ୍ଥାପିତ ହୋଇ କେତେକଜଣ କାୟସ୍ଥ ଗରିବ ଛାତ୍ରଙ୍କୁ ଶିକ୍ଷା ଦିଆ ଯାଉଅଛି ସେମାନଙ୍କ ପକ୍ଷେ ଯାହା ଜନ୍ୟ ହେଉଅଛି ତାହାର ଅଧିକାଂଶ କଟକରେ ଥିବା ଅବସ୍ଥାପନ୍ନ କାୟସ୍ଥ ମହାଶୟମାନେ ବହନ କରୁଅଛନ୍ତି ଉକ୍ତ କାୟସ୍ଥ ବୋର୍ଡିଂରେ କେତେକଜଣ ଉଚ୍ଚ ଶିକ୍ଷା ପ୍ରାପ୍ତ ହୋଇ କେହି କେହି ଉଚ୍ଚ ପଦ ମଧ୍ୟ ଲାଭ କରିଅଛନ୍ତି ଓ ଆଉ କେତେକ ଉଚ୍ଚ ଶିକ୍ଷା ପ୍ରାପ୍ତ ହୋଇ ସ୍ୱଚ୍ଛନ୍ଦରେ କାଳ ହରଣ କରୁଅଛନ୍ତି, ବର୍ତ୍ତମାନ ଯେ ପ୍ରକାର ସମୟ ଉପସ୍ଥିତ ହୋଇଅଛି ସେଥିରେ ଅମ୍ଭେମାନେ ଆପଣା ସ୍ୱଜାତିର ଅବସ୍ଥା ଉନ୍ନତିପଥରେ ନେବାକୁ ଚେଷ୍ଟା ନ କଲେ ଅଉ କାହା ଦ୍ୱାରା ହେବ ? ମାତ୍ର ଉକ୍ତ ଗୁରୁତର କାର୍ଯ୍ୟ ନିର୍ବାହ ନିମନ୍ତେ ଆପଣା ସମ୍ପ୍ରଦାୟରେ ସମସ୍ତେ ବଦ୍ଧପରିକର ହେବା ଉଚିତ । ଚେଷ୍ଟାର ଅସାଧ୍ୟ କିଛି ନାହିଁ । ଅତଏବ ଅମ୍ଭେମାନେ ଅଉ ନିଶ୍ଚେଷ୍ଟଭାବରେ କାଳହରଣ ନ କରି କାୟସ୍ଥ ବୋର୍ଡିଂର ଯେପରି ଉନ୍ନତି ହୁଏ ଓ ପ୍ରତିବର୍ଷ ଅଧିକସଂଖ୍ୟକ ଗରିବ କାୟସ୍ଥ ଛାତ୍ର, ବୋର୍ଡିଂରେ ରହଣ କରି ଯାଇପାରେ ତାହାର ବିହିତ ଉପାୟ କରିବା ଉଚିତ । ଓଡ଼ିଶାର ଯେଉଁସ୍ଥାନରେ ଯେତେ କାୟସ୍ଥ ବାସ କରୁଅଛନ୍ତି ପ୍ରତ୍ୟେକ ଗ୍ରାମର କାୟସ୍ଥ ମହାଶୟଙ୍କର ଅନୁଗ୍ରହ ଆପଣା ଗ୍ରାମବାସିଙ୍କଠାରେ ବୋର୍ଡିଂର ବିଷୟ ବିସ୍ତାରରୂପେ ବ୍ୟାଖ୍ୟା କରି ଯାହାର ଯେପରି ଅବସ୍ଥା ତାହାଠାରୁ ତଦନୁସାରେ ମାସିକ କିମ୍ବା ବାର୍ଷିକ ନିତାନ୍ତ ପକ୍ଷରେ ଏକକାଳୀନ କିଛି ସୁଦ୍ଧା ଆଦାୟ କରି କଟକ କାୟସ୍ଥ ବୋର୍ଡିଂର ସମ୍ପାଦକ ମହାଶୟଙ୍କଠାକୁ ପଠାଇଲେ ଅଶାତୀତ ଫଳ ଲାଭ ହେବ । କଲିକତା ହାଇକୋର୍ଟର ଜ୍ୟାଟର୍ଣ୍ଣୀ ଓକିଲ ମହୋଦୟ ଯୋଗେନ୍ଦ୍ରନାଥ ଘୋଷ ମହାଶୟ ବାର୍ଷିକ ବୃତ୍ତିଦାନ ଅର୍ଥାତ୍ ମାସକୁ ଶହେ ଟଙ୍କା ଶ୍ରେଣୀ ଦାନ କରି ବଙ୍ଗଦେଶରୁ ଶହେ ବାଳକଙ୍କୁ ପ୍ରତିବର୍ଷ ସରକାରୀ ଦେଇ ଜାପାନ, ଆମେରିକା, ଜର୍ମାନୀ ଓ ଇଂଲଣ୍ଡକୁ ଶିଳ୍ପ ଶିକ୍ଷା କରିବା ନିମନ୍ତେ ପଠାଉ ଅଛନ୍ତି ଅମ୍ଭେମାନେ ସହସ୍ର କାୟସ୍ଥ ଓଡ଼ିଶାରେ ବାସ କରୁଥିବା ସ୍ଥଳେ ଅମ୍ଭମାନଙ୍କଦ୍ୱାରା ବର୍ଷରେ ୧୫।୨୦ ଜଣ ଗରିବ କାୟସ୍ଥ ଛାତ୍ର ଅନାୟାସରେ

Split by PDF Splitter

Digitized by srujanika@gmail.com

ଶିକ୍ଷା ଲାଭ କରି ପାରିବେ। ଅସ୍ମମାନଙ୍କ ମଧ୍ୟରୁ ଯେକେହି ନିଜର ଓ ଉଚ୍ଚପଦାରୂଢ଼ ବ୍ୟକ୍ତି ବୃଥା ଆମୋଦ ଓ ଅନାବଶ୍ୟକ ବ୍ୟୟରେ ଯାହା ଖରଚ କରୁଅଛନ୍ତି ସେହି ଟଙ୍କାର କିୟଦଂଶ ଗରିବ ଛାତ୍ରମାନଙ୍କ ଶିକ୍ଷାରେ ଦାନ କରି ପାରନ୍ତି ତେବେ ବିଶେଷ ଉପକାର ହୁଅନ୍ତା। ଏହିକର ଡୋମିସାଇଲଡ ବଙ୍ଗାଳୀ ଭ୍ରାତାମାନଙ୍କଠାରେ ସବିନୟ ପ୍ରାର୍ଥନା କରୁଅଛୁ ଯେ ସେମାନେ ଏ ଗରିବର ପ୍ରାର୍ଥନାରେ ମନୋଯୋଗୀ ହେଲେ ଅନେକ ଗରିବର ଉପକାର ହେବ।

ବଶମ୍ବଦ

ଯାଜପୁର } ଜଣେକ ଡୋମିସାଇଲଡ୍
୧୨।୩।୧୦ } ଗରିବ ବଙ୍ଗାଳୀ

ମୂଲ୍ୟପ୍ରାପ୍ତି।

| | | |
|---|---|---|
| ମହନ୍ତ ରାମଚରଣ ଦାସ ବାବାଜୀ | ସନ୍ତୁଆମଠ | ଟ ୧ |
| ଟିକାୟତ ପୂର୍ଣ୍ଣଚନ୍ଦ୍ର ହରିଚନ୍ଦନ ମହାପାତ୍ର | ବନ୍ତ | ଟ ୧ |
| ବାବୁ ଶ୍ରୀ ରଘୁନାଥ ସାହୁ | ମଣ୍ଡଶା | ଟ ୲ |
| " ମଦନମୋହନ ପଟ୍ଟନାୟକ | କଣ୍ଡେଇ | ଟ ୲ |
| " କେଶବ ଚନ୍ଦ୍ର ବେହେରା | ସୁଣାବେଡ଼ା | ଟ ୲ |
| ଜମିଦାର ମହମ୍ମଦ ଓ ଅବଦୁଲଗଫୁର ସା କୋଠିବାଗ | | ଟ ୧ |
| ବାବୁ ଶ୍ରୀ ବନମାଳୀ ଦାସ | ମାଙ୍ଗେଶ୍ୱର | ଟ ୲ |
| " ସଦାଶିବ ଦାସ | ଅନନ୍ତପୁର | ଟ ୲ |
| " ଜାନଗୋପାଳ ପଟ୍ଟନାୟକ ପଟ୍ଟନାୟକ ପଦଶା | | ଟ ୲ |
| " ଗୁରୁଚରଣ ସେନା | ରଘୁପୁର | ଟ ୲ |
| " ରାଧାକୃଷ୍ଣ ଦାସ | ଉଦୟପୁର | ଟ ୲ |
| " ହରମୋହନ ଦାସ | ଗଜବାର | ଟ ୲ |
| ସଭା । ବା । କଟାମ୍ୱା | | ଟ ୲ |
| ମୁନସି ଅବଦୁଲ ଲତିଫ ଖାଁ | କଟପୁର | ଟ ୲ |
| ବାବୁ ଶ୍ରୀ ଧର୍ମଜ ସିଂହ ଦେଓ ଭଗବାନପୁର ଘଣ୍ଟପୁର | | ଟ ୲ |
| " ଭଗବାନ ରାୟ | କଟକପୁର | ଟ ୲ |
| " ଗଙ୍ଗାଧର ଦାସ | ଲତ୍ତଡ଼ଶା | ଟ ୲ |
| " ଦଶରଥ ପଟ୍ଟନାୟକ | ଖୁଣ୍ଟଗଡ଼ା | ଟ ୲ |
| " ସାଧୁଚରଣ ମହାପାତ୍ର | ସୀତାଳପୁର | ଟ ୲ |
| ମୌଲବୀ ଗଫିରଦ୍ଦିନ ମହମ୍ମଦ | ସେନାପୁର | ଟ ୲ |
| ବାବୁ ଶ୍ରୀ ଗୁଣନିଧି ମହାପାତ୍ର | ଜଗତଶା | ଟ ୲ |
| ମୁନସି ସେଖ ମହମ୍ମଦ | ଜଟଣ | ଟ ୧ |
| ବାବୁ ଶ୍ରୀ ସେଉଜ ସାହୁ | ବଡ଼ମୁଣ୍ଡା | ଟ ୲ |
| " ମଦନମୋହନ ଶୋଭ | ବେଡ଼ା | ଟ ୲ |

# ବିଜ୍ଞାପନ।

## ଦନ୍ତଶୋଧକ ଚୂର୍ଣ୍ଣ।

ଦୀର୍ଘଜୀବନ ଲାଭ କରିବାର ଇଚ୍ଛା ଥିଲେ ସମସ୍ତଙ୍କର ଦନ୍ତରକ୍ଷା ବିଷୟରେ ଚେଷ୍ଟା କରିବା ବିଧେୟ; ଯେଉଁ ଖାଦ୍ୟଦ୍ରବ୍ୟ ଦନ୍ତଦ୍ୱାରା ଉତ୍ତମରୂପେ ଚର୍ବିତ ହୋଇ ମୁଖର ଲାଳସହିତ ମିଶ୍ରିତ ନ ହୁଏ ସେ ଉଦରସ୍ଥ ହେଲେ ମଧ୍ୟ ଉତ୍ତମରୂପେ ଜୀର୍ଣ୍ଣ ହୋଇ ନ ପାରେ ଭୁକ୍ତଦ୍ରବ୍ୟ ଜୀର୍ଣ୍ଣ ନ ହେଲେ ନାନାପ୍ରକାର ପୀଡ଼ା ହୁଏ।

ଏହି ଦନ୍ତଶୋଧକ ଚୂର୍ଣ୍ଣ ଦନ୍ତକୁ ସୁଦୃଢ଼ ଓ ସ୍ୱଚ୍ଛ କରିବାର ଗୋଟିଏ ଅତି ଉତ୍କୃଷ୍ଟ ପରୀକ୍ଷିତ ମହୌଷଧ ଅଟେ। ଏହାଦ୍ୱାରା ଦାନ୍ତମୂଳର ଘା, ଫୁଲା, ଦରଜ, ରକ୍ତ ଏବଂ ପୂଜପଡ଼ା ଏକାବେଳକେ ବନ୍ଦ ହୋଇଯାଏ ଯେଉଁମାନଙ୍କର ଦନ୍ତଅର୍ଣ୍ଣ ଜମା ଶରୀରରୋଗଜନିତ ଦାନ୍ତର ପୀଡ଼ା ଥାଏ ସେମାନଙ୍କ ପକ୍ଷରେ ଏହା ଅମୋଘ ଔଷଧ ଅଟେ। ଏହି ଚୂର୍ଣ୍ଣ ପ୍ରତିଦିନ ବ୍ୟବହାର କଲେ ଗୋଟିଏ ଡବା ଏକ ମାସରେ ଶେଷ ହେବ। ମୂଲ୍ୟ ପ୍ରତି ଏକ ଡବାକୁ ଟ ॰। ; ତିନିଡବାକୁ ଟ ॰ ୲୵ ଛ ଡବାକୁ ଟ ୧୵ ; ବାରଡବା ବା ଏକ ଡଜନକୁ ଟ ୨୧ ଡାକଖର୍ଚ୍ଚା ସ୍ୱତନ୍ତ୍ର ଏକ ଡବା ଭି: ପି: ରେ ପଠାଯିବ ନାହିଁ।

# ପ୍ରମେହ ସ୍ୱ,ଧାପିଣ୍ଡ ; ମେହରୋଗର

ଅବ୍ୟର୍ଥ ମହୌଷଧ।

ମେହ ଗୋଟିଏ ଅତ୍ୟନ୍ତ କଠିନ ଏବଂ ପୀଡ଼ାଦାୟକ ରୋଗ, ଏହାଦ୍ୱାରା ରୋଗିର ସନ୍ତାନ ଉତ୍ପାଦିକା ଶକ୍ତି ନଷ୍ଟ ହୁଏ ଏବଂ ସେ ଉତ୍ତରକାଳ ସଂସାରର ନାନାପ୍ରକାର ସୁଖରୁ ବଞ୍ଚିତ ହୋଇ ରହେ। ଅସ୍ମମାନଙ୍କର ଏହି ପ୍ରମେହ ସୁଧାବିନ୍ଦୁ ସର୍ବପ୍ରକାର ମେହରୋଗର ଗୋଟିଏ ଆଶ୍ଚର୍ଯ୍ୟ ଫଳପ୍ରଦ ମହୌଷଧ ଏହାଦ୍ୱାରା ପ୍ରମେହଜନିତ ଜ୍ୱାଳା, ଷଣ୍ଢ଼ିଙ୍କଲପର ଗୋନୋରିଆପ୍ରସ୍ରାବ, ପୁନଃ ପୁନଃ ପ୍ରସ୍ରାବର ବେଗ; ମୂତ୍ରନାଳୀରେ ଘା, ପୂଜ ଓ ରକ୍ତସ୍ରାବ; ଲୁଗାରେ ଦାଗ ଲାଗିବା; ପ୍ରସ୍ରାବ ହେଲେ ବା ପରେ ଧାତୁ ନିର୍ଗତ ହେବା; ମୁଣ୍ଡ ଧରିବା, ଆଣ୍ଠି ବସିଯିବା; ଏବଂ ଅନ୍ୟାନ୍ୟ ଉପସର୍ଗ ସବୁ ଅଳ୍ପଦିନରେ ଆରୋଗ୍ୟ ହୋଇଥାଏ। ମୂଲ୍ୟ ପ୍ରତିଶିଶି ଟ ୲, ତିନିଶିଶି ଟ ୩୲ ; ଛ ଶିଶି ଟ ୬୲; ଏକ ଡଜନ ବା ବାରଶିଶି ଟ ୧୨ ଡାକମାସୁଲ ସ୍ୱତନ୍ତ୍ର।

# ପାଦର ମଲମ।

ଏହି ମଲମ ବ୍ୟବହାର କଲେ ବହୁକାଳୀନ ପାଦୁରୋଗ ତିନିଦିନ ମଧ୍ୟରେ ଆରୋଗ୍ୟ ହୋଇଥାଏ ଏବଂ ଥରେ ଭଲ ହେଲେ ଆଉ ଥରେ ହେବାର ଆଶଙ୍କା ଥାଏ ନାହିଁ, ବ୍ୟବହାର କଲେ କୌଣସି ଜ୍ୱାଳା ଯନ୍ତ୍ରଣା ବୋଧ ହେବ ନାହିଁ। ମୂଲ୍ୟ ପ୍ରତିଡବାକୁ ଟ॰। ; ତିନି ଡବାକୁ ଟ ॰୲୵, ଛ ଡବାକୁ ଟ ୧୵, ବାରଡବା ବା ଏକ ଡଜନକୁ ଟ ୨୧ ଡାକଖର୍ଚ୍ଚା ସ୍ୱତନ୍ତ୍ର ଲାଗିବ। ଏକ ଡବା ଭି: ପି: ରେ ପଠାଯିବ ନାହିଁ ଡାକମାସୁଲ ସହ ଟ ॰।୵ ପଠାଇଲେ ଏକ ଡବା ପଠାଯିବ।—

H, Dutt, Sutahat, Cuttack,

ଏଚ୍; ଦତ୍ତ ସୁତାହାଟ କଟକ




କେଶରଞ୍ଜନ ତୈଳ ଅଥବା ଆଶ୍ଚର୍ଯ୍ୟଜନକ,
କେଶରଞ୍ଜନ !

KESHRANJAN OIL.

କେଶରଞ୍ଜନ—ମସ୍ତକର କେଶକୁ ବଢ଼ାଏ, ପରିଷ୍କାର ରଖେ, ଧବଳ କରେ, ଏହା କେଶକୁ କଳା, ଚିକ୍କଣ ଓ ନରମ କରେ, ଗୁପ୍ତ ନଷ୍ଟ କରି ଅକାଳ କେଶପତନ ନିବାରଣ କରେ, ଏହା ଅତ୍ୟନ୍ତ କରେ ମସ୍ତିଷ୍କ ବଳପ୍ରଦାନ କରେ, ମୁଣ୍ଡବିନ୍ଧା ଓ ଅନ୍ୟାନ୍ୟ ରୋଗମାନ ଆରୋଗ୍ୟ କରି ମସ୍ତିଷ୍କ ଶୀତଳ ରଖି ଶରୀରର ଉନ୍ନତି କରେ।

PRAMEHABINDU.

ପ୍ରମେହବିନ୍ଦୁ—ଏହା ଏକସପ୍ତାହ ବ୍ୟବହାର କଲେ ସ୍ୱପ୍ନଦୋଷ, ମୂତ୍ରକୃଚ୍ଛ୍ରତା, ତରଳ ଧାତୁ ନିର୍ଗମ, ଲିଙ୍ଗ ମଧ୍ୟ ରକ୍ତସ୍ରାବ କମି ଆସେ ମୂତ୍ର ହେଉଥିଲେ କମି ଦୂର ହେବ ଲୁଗାରେ ଦାଗ ଲାଗୁଥିଲେ ଏବଂ ଅଳ୍ପରେ ଶୁଖ ହୋଇଥିଲେ ଉତ୍ତେଜନରୁ ଆରୋଗ୍ୟ ହୁଏ।

ପ୍ରତି ଶିଶିର ମୂଲ୍ୟ ଟ ୧୲ ଲା। ପ୍ୟାକିଂ ଓ ଡା: ମା: ଟ ॰।୵

SONITA SODHAK

ଶୋଣିତଶୋଧକ—ଏହା କୁଷ୍ଠ ଓ ରକ୍ତ ଦୁଷ୍ଟ ଆରୋଗ୍ୟ କରେ, ହାତ ଓ ଗୋଡ଼ର ଗଣ୍ଠିରେ ଜ୍ୱାଳା, କାଳିଆ ଓ କର୍ଣ୍ଣର ଏବଂ ଅଙ୍ଗ ଚର୍ମମାନଙ୍କର ଅସ୍ୱସ୍ତିକର ପଦ ଏବଂ ପାରଦର ଦୂର୍ଣ ଶକ୍ତି ନଷ୍ଟ ହେଲେ ମଧ୍ୟ ଏହାଦ୍ୱାରା ଆରୋଗ୍ୟ ହୁଏ ଦେହରେ ବଳାଧାନ ଆରୋଗ୍ୟ କରେ ଶରୀରକୁ ସବଳ ଓ ଦୀର୍ଘାୟୁ କରେ। ୧୫ ଦିନ ସେବନୋପଯୋଗୀ ଔଷଧର ମୂଲ୍ୟ ଟ ୨୲ ଡା: ମା: ଟ ॰।୵

SWASARISHTA

ଶ୍ୱାସାରିଷ୍ଟ—ଏହା ବ୍ୟବହାରଦ୍ୱାରା ଶ୍ୱାସ କାଶ, କଫ ଓ ଯକ୍ଷ୍ମା ରୋଗମାନ ଆରୋଗ୍ୟ ହୁଏ। ଶୁଷ୍କରୋଗ ଦମ ରୋଗମାନଙ୍କର ଅନୁଷଙ୍ଗ ସୂଚନା ଯଥା ଅରୁଚି ଭାବ ଏବଂ ନିଦ୍ରା ଅଭାବ ରହିବା ମୂତ୍ରର ଦୁର୍ଗନ୍ଧ, ଶ୍ୱାସ ପ୍ରଶ୍ୱାସର କ୍ଷୀଣତା, ଓ ଛାତିର ଜ୍ୱାଳା ଯନ୍ତ୍ରଣା ଦୂର କରେ ଏହାଦ୍ୱାରା ମୂଲ୍ୟ ଟ ୧୲ ଟ, ଟ ॰।୵।

ASOKARISHTA

— ଅଶୋକାରିଷ୍ଟ ସ୍ତ୍ରୀଲୋକଙ୍କ ସର୍ବପ୍ରକାର ସ୍ତ୍ରୀରୋଗରେ ବିଶେଷ ଉପକାର କରେ ପ୍ରଦର ଋତୁ ଆଦି କଠିନ ରୋଗ ଏହି ଅଶୋକରେ ଆରୋଗ୍ୟ କରେ ଏହା ଗର୍ଭାଶୟରେ ହିତକର। ନିୟମିତରୂପ ସେବନ କଲେ ସୂତିକାଜନିତ ରକ୍ଷା କରେ।

ଏକ ଶିଶିର ମୂଲ୍ୟ ଟ ୧୲ ପ୍ୟାକିଂ ଓ ମାସୁଲ ଟ॰।୵

KAVIRAJ NAGENDRA NATH SEN,
Govt. Medical Diploma-Holder,
Member of the Chemical Society
Paris; Society of Chemical Industry
London; Surgical Aid Society, London
&c, &c.
18-1&19, Lower Chitpur road Calcutta

Split by PDF Splitter

Digitized by srujanika@gmail.com

Split by PDF Splitter



বিজ্ঞাপন।

উড়িষ্যাস্থ দক্ষিণ রাঢ়ী কায়স্থসভার একটী বিশেষ অধিবেশন আগামী ১০ই এপ্রিল রবিবার সন্ধ্যা ৭ ঘটীকা সময় শ্রীযুক্ত বাবু গৌরীশঙ্কর রায় মহাশয়ের চৌধুরীবাজারস্থ বাসাগৃহে হইবেক। সভার নিয়মাবলী স্থিরীকৃত ও অন্যান্য কার্য্য হইবেক। অতএব বিনয়পূর্ব্বক কায়স্থ মহোদয়গণের সভায় উপস্থিতি প্রার্থনা করিতেছি।

কটক ৩১-৩-১০ } শ্রী অক্ষয়কুমার ঘোষ, সম্পাদক

## ବିଜ୍ଞାପନ ।

ଉଡ଼ିଶାସ୍ଥ ଦକ୍ଷିଣ ରାଢ଼ୀ କାୟସ୍ଥସଭାର ଗୋଟିଏ ବିଶେଷ ଅଧିବେଶନ ଆଗାମୀ ଅପ୍ରେଲ ମାସ ତା ୧୦ ରିଖ ରବିବାର ସନ୍ଧ୍ୟା ୭ ଘ ସମୟରେ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ଚୌଧୁରୀବଜାରସ୍ଥ ବସାଗୃହରେ ହେବ । ସଭାର ନିୟମାବଳୀ ସ୍ଥିରୀକୃତ ଓ ଅନ୍ୟାନ୍ୟ କାର୍ଯ୍ୟ ହେବ । ଅତଏବ କାୟସ୍ଥ ମହୋଦୟଗଣଙ୍କୁ ସଭାରେ ଉପସ୍ଥିତ ହେବା ନିମନ୍ତେ ବିନୟପୂର୍ବକ ପ୍ରାର୍ଥନା କରୁଅଛୁଁ ।

କଟକ ୩୧।୩।୧୦ } ଶ୍ରୀ ଅକ୍ଷୟକୁମାର ଘୋଷ, ସମ୍ପାଦକ

---

ଉତ୍କଳ ସାହିତ୍ୟ ସମାଜର
ସପ୍ତମ ବାର୍ଷିକ ଅଧିବେଶନ ।

ଚଳିତ ଏପ୍ରେଲ ମାସ ୧୩ ତାରିଖ ବୁଧବାର ସାୟଂକାଳ ୭ ଘଣ୍ଟା ସମୟରେ କଟକ ଟାଉନ ଲାଇବ୍ରେରୀ ହଲରେ ଉତ୍କଳ ସାହିତ୍ୟ ସମାଜର ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ । ସୁରଙ୍ଗୀ-ଅଧୀଶ୍ୱର ଶ୍ରୀଯୁକ୍ତ ରାଜା ଚୂଡ଼ାମଣି ଦେବ ମହୋଦୟ ସଭାପତି ଆସନ ଗ୍ରହଣ କରିବେ ଏବଂ ଶ୍ରୀଯୁକ୍ତ ରାୟ ମଧୁସୂଦନ ରାଓ ବାହାଦୁର ମହୋଦୟ "ଅତୀତ ଯୁଗରେ ସାହିତ୍ୟ ଚର୍ଚ୍ଚା" ବିଷୟରେ ଗୋଟିଏ ବକ୍ତୃତା ପ୍ରଦାନ କରିବେ ।

ସର୍ବସାଧାରଣଙ୍କ ଉପସ୍ଥିତି ନିମିତ୍ତ ସାଦରରେ ପ୍ରାର୍ଥନା କରୁଅଛୁଁ ।

କଟକ ୨।୪।୧୯୧୦ } ଶ୍ରୀ ବିଶ୍ୱନାଥ କର, ଉଃ ସାଃ ସମାଜର ସମ୍ପାଦକ

---

NOTICE.

Wanted a Jailor for the Ranpur State Jail on Rs. 9- (nine) a month with free quarters. An Uriya knowing man with little knowledge in English to fill up the English forms will be preferable for the post. Applications with testimonials will be received by the undersigned up to 30th April 1910.

Ranpur 6-4-10 } Raja of Ranpur Satate.

---

Wanted a plucked F. A. Additional master with experience in teaching on Rs 25 per mensem for the Dhenkanal H. E. School. Preference will be given to one who knows drill and gymnastics. Applications with testimonials should reach the undersigned on or before the 25th April

Head Master's office, Dhenkanal Feudatory State Orissa } Anukul Ch. Ghose, B. A. Secretary managing Comit. Dhenkanal, H. E. School.

---

## ବିଜ୍ଞାପନ ।

ସ୍ୱଳ୍ପ ମୂଲ୍ୟରେ ରସାମୃତ ।

ପୁରାତନ ଭକ୍ତ କବି ଶ୍ରୀ ଦୀନକୃଷ୍ଣ ଦାସଙ୍କ ପ୍ରଣୀତ ବ୍ରଜକବିତାର ପ୍ରଥମଖଣ୍ଡ ପ୍ରକାଶିତ ହୋଇଅଛି । ଏହାର ଭାଷା ଅତି ସରଳ; ସ୍ତ୍ରୀ ଓ ବାଳକମାନେ ଅକ୍ଳେଶରେ ବୁଝିପାରିବେ । ଶ୍ରୀକୃଷ୍ଣଙ୍କ ବ୍ରଜଲୀଳା ଏଥିରେ ମନୋହରଭାବରେ ବର୍ଣ୍ଣିତ ହୋଇଅଛି, ଶ୍ରୀ ଶ୍ରୀ ଗୌରାଙ୍ଗ ମହାପ୍ରଭୁ ଶ୍ରୀମଦ୍ ଭାଗବତର ମାଧୁର୍ଯ୍ୟ ଏହି ଜଗତରେ ବିଶେଷଭାବରେ ପ୍ରଚାର କରନ୍ତି, ଭକ୍ତ କବି ସେହି ଅମୃତ ସର୍ବସାଧାରଣରେ ବିତରଣ କରିବା ପାଇଁ ଏ ପୁସ୍ତକ ନାନା ଛନ୍ଦରେ ଲେଖି ଅଛନ୍ତି । ପୁସ୍ତକର ଆକାରକୁ ଚାହିଁଲେ (ବଡ଼ ଆକାରରେ ୧୫୦ ପୃଷ୍ଠା) ଏହାର ମୂଲ୍ୟ ୮୧୯ଙ୍କା ହେବାର ଉପଯୁକ୍ତ । ସାଧାରଣର ସୁବିଧାପାଇଁ ଏହାର ମୂଲ୍ୟ ୫୦୭ କର ଯାଇଥିଲା କିନ୍ତୁ ଅଳ୍ପ ଅର୍ଥର ସୁବିଧାପାଇଁ ଏହା ବର୍ତ୍ତମାନ ଛଅମାସ ନିମିତ୍ତ ୫୦ ୰ କରାଗଲା । ଯେଉଁମାନେ ପାଞ୍ଚଖଣ୍ଡ ବା ତହିଁରୁ ଅଧିକ ଏକ ସମୟରେ କ୍ରୟ କରିବେ ସେମାନଙ୍କୁ ଶତକିଡ଼ି ୮୦ ରେ ଦିଆଯିବ । ଡାକମାସୁଲ ସ୍ୱତନ୍ତ୍ର ।

ପୁସ୍ତକ ନିମ୍ନ ଠିକଣାରେ ପ୍ରାପ୍ତବ୍ୟ ।

୨୯।୩।୧୦ ଢେଙ୍କାନାଳ } ପଞ୍ଚାନନ ଚରଣ ଦାସ, ଏସିଷ୍ଟାଣ୍ଟ ହେଡ୍‌ପଣ୍ଡିତ, ଢେଙ୍କାନାଳ

---

ସ୍ୱରଚିତ ଛନ୍ଦ    ନୂତନମୁଦ୍ରିତ

## ସଲକ୍ଷଣା ।

ଅସ୍ମପୂର୍ବ କବାସୀ କବି ନରସିଂହ ପଟ୍ଟନାୟକଙ୍କଦ୍ୱାରା ନାନା ଛନ୍ଦରେ ବିରଚିତ । ଉତ୍କଳ କବିଙ୍କ ରଚନାଠାରୁ କୌଣସି ସ୍ଥଳରେ ଊଣା ନୁହେ । ଲାବଣ୍ୟବତୀ ଓ କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରଭୃତି ଗ୍ରନ୍ଥ ପଢ଼ିବା ପରି ଜାଣିବାର ଦେଶର ମହିଳାମାନ ସଲକ୍ଷଣାର ଚରିତ ଅବଲମ୍ବନରେ ଏହି ଗ୍ରନ୍ଥ ଲିଖିତ । ମୂଲ୍ୟ ୮୦ ୟ ପ୍ରାପ୍ତିସ୍ଥାନ—କଟକ ପ୍ରିଣ୍ଟିଂକମ୍ପାନୀଙ୍କର ପୁସ୍ତକ ଦୋକାନ ବରଦାବଜାର କଟକ

# NOTICE.

## Cheap and Fresh.

The undersigned begs to inform the public that he has opened a Dispensary at Choudhury Bazar, Cuttack styled "The cheap Allœpathic Pharmacy" (near Goureesanker Babu's house) stocked with all sorts of surgical instruments, and fresh medicines (Officials, Non-officials and Patent) including preparations of Cocaine, Morphia and Opium.

The rates are much cheaper than those of the Bazar. Mofussil orders are executed with care.

Trial orders once solicited.

*Dr.* S. C. CHANDER.
*Cheap Alloepathic Pharmacy*
Choudhury Bazar
Cuttack.

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉ ଦେଉଅଛୁଁ ଯେ ଆମ୍ଭେ ଚୌଧୁରୀବଜାର ବାବୁ ଗୌରୀଶଙ୍କର ରାୟଙ୍କ କୋଠାଘର ନିକଟରେ "ଚିପ ଏଲୋପାଥିକ ଫାରମେସି" ନାମରେ ଗୋଟିଏ ଡାକ୍ତରଖାନା ଖୋଲିଅଛୁଁ । ଏଠାରେ ସମସ୍ତପ୍ରକାର ଡାକ୍ତର ଯନ୍ତ୍ର ଓ ନୂତନ ଅମଦାନୀ ଔଷଧମାନ ଓ କୋକେନ, ମରଫିଆ ଆଫିମ ପ୍ରସ୍ତୁତ ଦ୍ରବ୍ୟ ମିଳେ । ବଜାର ଅପେକ୍ଷା ଏଠାରେ ଶସ୍ତାଦରରେ ଔଷଧମାନ ଦିଆଯାଏ । ମଫସଲର ଲୋକମାନେ ପତ୍ର ଲେଖିଲେ ଔଷଧ ଯୋଗାଇବାକୁ ପ୍ରସ୍ତୁତ ଅଛୁଁ । ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ ।

ଡାକ୍ତର ସତେଶ୍ୱର ଚନ୍ଦ୍ର ଚନ୍ଦ
ଚିପ ଏଲୋପାଥିକ ଫାରମେସି
ଚୌଧୁରୀବଜାର
କଟକ

WANTED a Compounder for the *Cheap Alleopathic Pharmacy.* The candidate must be bonafide under the rules. Pay according to qualifications. Hindu candidate is preferable. Apply to

*Dr.* S. C. CHANDER.
*Cheap Allœpathic Pharmacy.*
Choudhury Bazar
Cuttack.

## ବିଜ୍ଞାପନ ।

ବୌଦ୍ଧରାଜ୍ୟ ଅନ୍ତର୍ଗତ ମଞ୍ଜୁଶ୍ରୀ ଗ୍ରାମ-ପ୍ରାଇମେରୀ ବାଳିକା ବିଦ୍ୟାଳୟ ନିମନ୍ତେ ମାସିକ ୮୧୨ଙ୍କା (ବାରଟଙ୍କା) ବେତନରେ ଦ୍ୱିତୀୟଶ୍ରେଣୀର ଶିକ୍ଷୟିତ୍ରୀ ଆବଶ୍ୟକ

Digitized by srujanika@gmail.com

କମ୍ପା ଅପରସ୍କାଇନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାକିରି ଥିବା ଲୋକେ ଟ୍ରେନିଂ ନିମନ୍ତେ ରାଉରକେଲା ବିଦ୍ୟାଳୟ ନିମନ୍ତେ ମାସିକ ଟ ୧୦ ଟଙ୍କା ( ଦଶଟଙ୍କା ) ବେତନରେ ଜଣେ ଦରକାର ଟ୍ରେନିଂ ଥିବା ଆବଶ୍ୟକ । ସେହିପରି ବ୍ୟକ୍ତି ଟ୍ରେନିଂ କାର୍ଯ୍ୟରେ ଅଭିଜ୍ଞତା ଲାଭ କରିଥିଲେ ଅନ୍ୟୂନ ମାସିକ ଟ ୫୧ ଟଙ୍କା ( ପାଞ୍ଚଟଙ୍କା ) ଲେଖାଏଁ ଏଲାଉନ୍ସ ପାଇବେ । କର୍ମ ପ୍ରାର୍ଥୀମାନେ ସ୍ୱ ସ୍ୱ ପ୍ରଶଂସା ପତ୍ର ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ଆବେଦନ କରିବେ ।

ମୟୂରଭଞ୍ଜ ମହାରାଜାଙ୍କ ଉପଢୌକନ ଦେଇଥିବା ଟ୍ରେନିଂରେ ଅବସ୍ଥିତ । ବୋଧହୁଏ ଓ ମୟୂରଭଞ୍ଜ ଉଭୟ ସ୍ଥାନର ଜଳବାୟୁ ବେଶ୍ ସ୍ୱାସ୍ଥ୍ୟପ୍ରଦ ତା ୮ । ୩ । ୧୯୧୦ ମସିହା ।

Kasinath Mahanty

ସ୍କୁଲ୍ ସେକ୍ରେଟେରି

ଏଡ୍‌କେସନ୍ ବୋର୍ଡ

ବୌଦ ପୋଷ୍ଟ

ସୁସ୍ମା ଜିଲ୍ଲା

# ଚିତ୍ର ମହାଭାରତ ସମ୍ପୂର୍ଣ୍ଣ ଛାପା ହୋଇଅଛି

ଅତି ସୁନ୍ଦର, ଅତି ସୁନ୍ଦର

ଅଠର ପର୍ବର ମୂଲ୍ୟ ଟ ୪୮/

ଅଗ୍ରିମ ଖଣ୍ଡ, ନମୁନା ଦେଖ

ଉତ୍କଳର ଅନ୍ୟତମ ବିଖ୍ୟାତ କବି ସାରଳାଦାସଙ୍କ ବିରଚିତ ମହାଭାରତ ଉତ୍କଳ ସାହିତ୍ୟର ଯେ ମହତ୍ ଉପକାର କରିଅଛନ୍ତି ଏହା ସମସ୍ତେ ଜାଣନ୍ତି । ଏହାଙ୍କ ରଚିତ ମହାଭାରତ ଉତ୍କଳର ସାଧାରଣ ଲୋକେ ଅଭାବବଶତଃ ପଢ଼ିପାରୁ ନ ଥିବାରୁ ଏହି ଅଭିପ୍ରାୟରେ ଉକ୍ତ ମହାଭାରତକୁ ଚାଳପତ୍ର ପୋଥିରୁ ସଂଗ୍ରହ କରି ଯଥାଶକ୍ତି ସଂଶୋଧନ କରି ଛାପା କରାଇଅଛୁଁ ଏବଂ ସୁନ୍ଦର ଚିତ୍ରସହ ରଚିତ ହୋଇଅଛି ତାହା କହିବା ବାହୁଲ୍ୟ ମାତ୍ର । ଗୋଟିଏ ସ୍ଥାନ ପଢ଼ିସାରିଲେ ଆଉ ଗୋଟିଏ ସ୍ଥାନ କିମ୍ବା ପଢ଼ିବାକୁ ଇଚ୍ଛା ହେବ । ପ୍ରତ୍ୟେକ ଖଣ୍ଡର ମୂଲ୍ୟ ନିମ୍ନରେ ଦିଆଗଲା ।

ଆଦିପର୍ବ ଟ ୦ ୫ ସଭାପର୍ବ ଟ ୦।୵ ଆରଣ୍ୟକ ଟ ୦ ୮ ବନପର୍ବ ଟ ୨ ୪ ବିରାଟପର୍ବ ଟ ୦ ୩୵ ଉଦ୍ୟୋଗପର୍ବ ଟ ୦ । ଭୀଷ୍ମପର୍ବ ଟ ୦ ୩ ଦ୍ରୋଣପର୍ବ ଟ ୦ । ଓ ବାକି ଦଶପର୍ବ ଟ ୦ ।୵ ଅଠରପର୍ବର ସର୍ବମୋଟ ମୂଲ୍ୟ ଟ ୪୵ ମାତ୍ର ସମଦାୟ ପର୍ବ ଏକତ୍ର ନେଲେ ଟ ୪୵ ଓ ଅଲଗା ଟ ୩ ୫

ସମୟ ଦକ୍ଷିଣ ଦେଶରେ ଟ ୦ । ଟଙ୍କା ଅଧିକ ଲାଗିବ । ଅର୍ଥାତ୍ ସର୍ବମୋଟ ମୂଲ୍ୟ ଟ ୪୨ ଟଙ୍କା ଜିମିଷନ ଟ ୦ ୫ ବାଦ ଟ ୩। ପଡ଼ିବ । ଏହାର ସକଳ ମୂଲ୍ୟ ଅଗ୍ରିମ ଦେଲେ ମହାଭାରତ ବେଲ୍ ଯୋଗେ ପଠାଯିବ । ପ୍ରତି ଖଣ୍ଡ ନେଲେ ଶୁଦ୍ଧା କମିଶନ ଦିଆଯିବ ।

କଟକ ଦଣ୍ଡପାଣିଙ୍କ ପ୍ରିଣ୍ଟିଂ ଷ୍ଟେସନଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

## WANTED

Two Sub-Inspectors and one Head constable for the Nilgiri state Police on salaries of Rs. 25|-20 and 12 per month respectively. Uria candidates with fair knowledge of English and experience in Police work will have preference. Applications with testimonials of respectability and good moral character will be received by the undersigned up to 10th proximo.

Nilgiri Raj office
Dated 22nd
March 1910.

BRAJA BALLABHA ROY.
*Sheristadar*
*For Rajah.*

ଜବବ୍ରଜ ।

ଶ୍ରୀ ଝଣ୍ଡ ଜର ଜବଦ୍ର ।

ପରପୂର୍ଣ୍ଣ । ଅସୂଚନାର ଔଷଧ

ବି ଧ୍ୱଜଜାର ଜଣଙ୍କ ।

## ଶ୍ରୀ ମଦନାନନ୍ଦ ମୋଦକ ।

ଏହା ସେବନ କଲେ ଶୁକ୍ରତାରଲ୍ୟ, ଧ୍ୱଜଭଙ୍ଗ, ସ୍ୱପ୍ନଦୋଷ ଶୁକ୍ର ଗଳିତ, ଅବଶ ସ୍ନାୟୁ ଶିଥିଳତା, ଦେହ ଅବସାଦ ଶରୀର ମାଂସପେଶୀ ଦୁର୍ବଳ ବୋଧ ହେବା, ବୋଧ ଶକ୍ତିର ହ୍ରାସ ହେବା, ପେଟରେ ବାୟୁ ହେବା, ଉଦର କୋଷ୍ଠ ବଦ୍ଧ ହେବା, କମର ବ୍ୟଥା ହେବା, ମୁଣ୍ଡ ବୁଲିବା, ଅଳ୍ପ ପରିଶ୍ରମ କଲେ ଅତ୍ୟନ୍ତ କ୍ଲାନ୍ତି ବୋଧ ହେବା ପରିପାକ ଶକ୍ତି ନଷ୍ଟ ହେବା, ପରିପାକ ଦୋଷ ରକ୍ତ ହେବା, ଶୁଖି ଯିବା, ଅଳ୍ପ ଅଳ୍ପ ଝାଳ ବାହାରିବା ସ୍ତ୍ରୀ ସହବାସରେ ଅକ୍ଷମତା, ଦ୍ରବ୍ୟାଦିରେ ଅରୁଚି ହେବା, ସ୍ମୃତିଶକ୍ତି ଲୋପ ହେବା, ଅଳ୍ପ ଉଦ୍ୟମ ହୋଇ କମ୍ପ ହେବା, ଛାତି ଧଡ଼ଧଡ଼ ହେବା, ରାତିରେ ନିଦ ନ ହେବା, କିମ୍ବା ଶୋଇଲେ ସ୍ୱପ୍ନ ଦେଖିବା, ଦୃଷ୍ଟି ଶକ୍ତି ହ୍ରାସ ହେବା, ନାନାପ୍ରକାର ପେଟରେ ପୀଡ଼ା ହେବା, କିମ୍ବା ପେଟ ଫାମିବା, ଶୂଳ ବେଦନା ହେବା, ଶୀଘ୍ର ଆରୋଗ୍ୟ ହୁଏ । ସେର ୧ ର ମୂଲ୍ୟ ଟ ୮ ଙ୍କା ଡାକମାସୁଲ ସ୍ୱତନ୍ତ୍ର ।

# ଉତ୍କଳ ଦୀପିକା ।

## EDUCATIONAL REPORT.

The Director's Report on Public Instruction in Bengal for 1908–9 complains of increasing difficulty for want of funds in spite of steady increase of Provincial grants on educational heads during the last three years. In 1905-6 the expenditure from Provincial Revenue stood at 34 lakhs. In 1908—9 it rose to 49¼ lakhs. The Director commences his report by observing that the dominant factor in education at the present time is financial and later on states that the whole of his report will be found to be an eloquent plea for more money for education—eloquent not from the form of expression merely but from the facts disclosed. The University reforms necessitate large expenditures on colleges, and an attempt to raise Collegiate education necessarily implies an expansion of the secondary and Primary schools, for the colleges are built of the materials derived from the secondary schools. Unless extensive improvements are introduced into the secondary schools, the attempt to raise Collegiate education must, as a matter of course, be crippled.

The report recognises the growing importance of the Ravenshaw College and notes with satisfaction the work done during the year under the control of the late Principal, Babu B. V. Gupta, both on the sides of education and Collegiate life. The College Council instituted during the year is reported to have worked well. The chemical laboratory though considerably improved requires further improvements. The sad want of a Botanical laboratory is noted. The College Hostel has accommodation for 113 boarders and is self-supporting. The Director has been well pleased with the Hostel arrangements and is of opinion that the Ravenshaw College Hostel system is specially worthy of imitation. The complaint of the Principal regarding the want of accommodation for College classes, the want of an examination hall, a suitable play-ground, quarters for the staff in the neighbourhood of the College has been duly noted. The Principal also urged the necessity of the affiliation in History. The removal of the Collegiate school to its new site will obviate several of the difficulties noted above and the Director thinks that the congestion of the College and school buildings is serious and recommends the removal of the school as soon as funds are available. As to the local Survey School the Director reports that the want of funds alone hinders the pressing forward of the scheme to give Orissa its school of Engineering. He says a most suitable site has been provisionally selected at Jobra, plans have been designed and costs worked out. It is accepted that ripe time has come for this important development at Cuttack, but the financial difficulty has so far been insuperable. With regard to the two rival High schools for girls at Cuttack, the Director doubts very much if there is scope for two such schools and he regrets that the influence used to bring about an amalgamation between the two schools failed.

Split by PDF Splitter

Digitized by srujanika@gmail.com

Split by PDF Splitter



বিজ্ঞাপন।

উড়িষ্যাস্থ দক্ষিণ রাঢ়ী কায়স্থসভার একটী বিশেষ অধিবেশন আগামী ১০ই এপ্রিল রবিবার সন্ধ্যা ৭ ঘটিকা সময় শ্রীযুক্ত বাবু গৌরীশঙ্কর রায় মহাশয়ের চৌধুরীবাজারস্থ বাসাগৃহে হইবেক। সভার নিয়মাবলী স্থিরীকৃত ও অন্যান্য কার্য্য হইবেক। অতএব বিনয়পূর্ব্বক কায়স্থ মহোদয়গণের সভায় উপস্থিতি প্রার্থনা করিতেছি।

কটক ৩১-৩-১০ — শ্রী অক্ষয়কুমার ঘোষ, সম্পাদক

# ବିଜ୍ଞାପନ ।

ଓଡ଼ିଶାର ଦକ୍ଷିଣ ରାଢ଼ୀ କାୟସ୍ଥସଭାର ଗୋଟିଏ ବିଶେଷ ଅଧିବେଶନ ଆଗାମୀ ଅପ୍ରେଲ ମାସ ତା ୧୦ ରିଖ ରବିବାର ସନ୍ଧ୍ୟା ଘ ୭ ଟା ସମୟେ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ଚୌଧୁରୀବଜାରସ୍ଥ ବସାଗୃହରେ ହେବ । ସଭାର ନିୟମାବଳୀ ସ୍ଥିରୀକୃତ ଓ ଅନ୍ୟାନ୍ୟ କାର୍ଯ୍ୟ ହେବ । ଅତଏବ କାୟସ୍ଥ ମହୋଦୟଗଣଙ୍କ ସଭାରେ ଉପସ୍ଥିତ ହେବା ନିମନ୍ତେ ବିନୟପୂର୍ବ୍ବକ ପ୍ରାର୍ଥନା କରୁଅଛୁଁ ।

କଟକ ୩୧।୩।୧୦ — ଶ୍ରୀ ଅକ୍ଷୟକୁମାର ଘୋଷ, ସମ୍ପାଦକ

ଉତ୍କଳ ସାହିତ୍ୟ ସମାଜର ସପ୍ତମ ବାର୍ଷିକ ଅଧିବେଶନ ।

ଆଗତ ଏପ୍ରେଲ ମାସ ୧୩ ତାରିଖ ବୁଧବାର ସାୟଂକାଳ ୭ ଘଣ୍ଟା ସମୟରେ କଟକ ଟାଉନ ଲାଇବ୍ରେରୀ ହଲରେ ଉତ୍କଳ ସାହିତ୍ୟ ସମାଜର ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ । ସୁରଙ୍ଗୀ-ଅଧୀଶ୍ୱର ଶ୍ରୀଯୁକ୍ତ ରାଜା ଚୂଡ଼ାମଣି ଦେବ ମହୋଦୟ ସଭାପତି ଆସନ ଗ୍ରହଣ କରିବେ ଏବଂ ଶ୍ରୀଯୁକ୍ତ ରାୟ ମଧୁସୂଦନ ରାଓ ବାହାଦୁର ମହୋଦୟ "ଅତୀତ ଯୁଗରେ ସାହିତ୍ୟ ଚର୍ଚ୍ଚା" ବିଷୟରେ ଗୋଟିଏ ବକ୍ତୃତା ପ୍ରଦାନ କରିବେ ।

ସର୍ବସାଧାରଣଙ୍କ ଉପସ୍ଥିତି ବିନୀତ ଭାବରେ ପ୍ରାର୍ଥନା କରୁଅଛୁଁ ।

କଟକ ୭।୪।୧୯୧୦ — ଶ୍ରୀ ବିଶ୍ୱନାଥ କର, ଉ: ସା: ସମାଜର ସମ୍ପାଦକ

NOTICE.

Wanted a Jailor for the Ranpur State Jail on Rs. 9- (nine) a month with free quarters. An Uriya knowing man with little knowledge in English to fill up the English forms will be prefer-

Wanted a plucked F. A. Additional master with experience in teaching on Rs 25 per mensem for the Dhenkanal H. E. School. Preference will be given to one who knows drill and gymnastics. Applications with testimonials should reach the undersigned on or before the 25th April

Head Master's office, Dhenkanal Feudatory State Orissa — Anukul Ch. Ghose, B. A. Secretary managing Comit. Dhenkanal, H. E. School.

# ବିଜ୍ଞାପନ ।

ସ୍ୱଳ୍ପ ମୂଲ୍ୟରେ ରସାମୃତ ।

ପୁରାତନ ଭକ୍ତ କବି ଶ୍ରୀ ଦାଶରଥି ଦାସଙ୍କ ପ୍ରଣୀତ ବ୍ରଜବିହାର ପ୍ରଥମଥର ପ୍ରକାଶିତ ହୋଇଅଛି । ଏହାର ଭାଷା ଅତି ସରଳ; ସ୍ତ୍ରୀ ଓ ବାଳକମାନେ ଅକ୍ଳେଶରେ ବୁଝିପାରିବେ । ଶ୍ରୀକୃଷ୍ଣଙ୍କ ବ୍ରଜଲୀଳା ଏଥିରେ ମନୋହରଭାବରେ ବର୍ଣ୍ଣିତ ହୋଇଅଛି, ଶ୍ରୀ ଶ୍ରୀ ଗୌରାଙ୍ଗ ମହାପ୍ରଭୁ ଶ୍ରୀମଦ୍ ଭାଗବତର ତାତ୍ପର୍ଯ୍ୟ ଏହି ଜଗତରେ ବିଶେଷଭାବରେ ପ୍ରଚାର କରନ୍ତି, ଭକ୍ତ କବି ସେହି ଅମୃତ ସର୍ବସାଧାରଣରେ ବିତରଣ କରିବାପାଇଁ ଏ ପୁସ୍ତକ ନାନା ବିଧ ଛନ୍ଦରେ ଲେଖି ଅଛନ୍ତି । ପୁସ୍ତକର ଆକାରକୁ ଚାହିଁଲେ (ବଡ଼ ଆକାରରେ ୧୫୦ ପୃଷ୍ଠା) ଏହାର ମୂଲ୍ୟ ଟ୧୵ଙ୍କା ହେବାର ଉପଯୁକ୍ତ । ସାଧାରଣର ସୁବିଧାପାଇଁ ଏହାର ମୂଲ୍ୟ ଟ୦।୷ ଧରା ଯାଇଥିଲା କିନ୍ତୁ ଆତୁର ଅଧିକ ସୁବିଧାପାଇଁ ଏହା ବର୍ତ୍ତମାନ ଛଅମାସ ଭିତରେ ଟ୦।୵ କରାଗଲା । ଯେଉଁମାନେ ପାଞ୍ଚଖଣ୍ଡ ଠାରୁ ଅଧିକ ଏକ ସମୟରେ କ୍ରୟ କରିବେ ସେମାନଙ୍କୁ ଶତକଡ଼ା ଟ୦।୵ ରେ ଦିଆଯିବ । ଡାକମାସୁଲ ସ୍ୱତନ୍ତ୍ର ।

ପୁସ୍ତକ ନିମ୍ନ ଠିକଣାରେ ପ୍ରାପ୍ତବ୍ୟ ।

୨୯।୩।୧୦ ଢେଙ୍କାନାଳ — ପ: ବାଣୀ ଚରଣ ଦାସ, ଏସିଷ୍ଟାଣ୍ଟ ଦେୱାନ, ଢେଙ୍କାନାଳ

ପୁରାତନ ଗ୍ରନ୍ଥ — ନୂତନମୁଦ୍ରିତ

# ସୁଲକ୍ଷଣା ।

ଅଶ୍ମଦୁର୍ଗ ନିବାସୀ କବି ନରସିଂହ ପଟ୍ଟନାୟକଙ୍କଦ୍ୱାରା ନାନା ଛନ୍ଦରେ ବିରଚିତ । ଉକ୍ତ ଉପେନ୍ଦ୍ର ଭଞ୍ଜଙ୍କ ରଚନାଠାରୁ କୌଣସି ଗୁଣରେ ... ଓ କୋଟିବ୍ରହ୍ମାଣ୍ଡ-

NOTICE

Cheap ...

The undersigne[d] ... form the pu[blic] ... opened a Dispen[sary] ... dhury Bazar, Cutt[ack] ... cheap Alloep[athic] ... (near Gour... house) stocked ... of surgical ... fresh medicine ... Non-officials and ... ding preparation ... Morphia and ...

The rates are ... than those of ... Mofussil ord[ers] ... with care.

Trial orders on[ly] ...

Dr. S. ...

Cheap Allop...

Ch...

ବିଜ୍ଞା...

ଏତଦ୍ୱାରା ସର୍ବସାଧାରଣ ... ଓ ଅମ୍ଭେ ଚୌଧୁରୀବଜାର ... ସମ୍ମୁଖ ଦୋଠାସର ... ସାଷ୍ଟାପାଟେରେଷି ... ଖୋଲି ଖୋଲିଅଛୁଁ ... ଡାକ୍ତର ସବ ଓ ... ଓ ବେକେନ, ମରଫି... ଦିଲେ । ବହାର ଅ... ଔଷଧମାନ ଦଅଯ ... ସବ ଲେଖିଲେ ଔ... ଅଛୁଁ । ଥରେ ମ...

WANTED a Com... Cheap Alleo...

The candidate ... the rules. Pay acco[rding] ... tions. Hindu ca[ndidates] ... Apply to

Dr. S. C. ...

Cheap ...

Cho...

Digitized by srujanika@gmail.com

Split by PDF Splitter



ସମ୍ବଲପୁର ଜିଲ୍ଲାର ଗେଜେଟ ମାସୁଲ ସମ୍ବନ୍ଧରେ ଗତ ନବେମ୍ବରମାସ ତା ୨୫ ରଖରେ ଗବର୍ଣ୍ଣମେଣ୍ଟରୁ ଯେଉଁ ବିଜ୍ଞାପନ ବାହାରିଅଛି ତହିଁରେ ଗେଜେଟ ମାସୁଲ ୮ ୫୯ ଙ୍କା ସ୍ଥାନରେ ୫ ୬୯ ଙ୍କା ବସିବାର ମାନ୍ୟବର ବଙ୍ଗୀୟ ଛୋଟଲାଟ ଆଦେଶ ଦେଇଅଛନ୍ତି।

---

ଗତ ତା ୨୬ ରଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୨୨୧୯୮ ମୃତ୍ୟୁ ଘଟିଥିଲା ଯେ ତହିଁମଧ୍ୟରୁ ପଞ୍ଜାବର ୮୩୨୬ ସଂଖ୍ୟାପେକ୍ଷା ଅଧିକ ଓ ତହିଁ ତଳେ ଯୁକ୍ତପ୍ରଦେଶ ୬୫୬୧ ବଙ୍ଗ ୨୬୯୯ ଓ ରାଜପୁତାନା ୧୯୪୫ ମଧ୍ୟ ଅଛି ବୋଲିବାକୁ ହେବ। ପୂର୍ବ ସପ୍ତାହକୁ ସାମାନ୍ୟ ବଢ଼ିବାର ଜଣାଯାଏ।

---

ବିହାର ଅଞ୍ଚଳର ଜଣେ ମୁସଲମାନଙ୍କରେ ଦଶବର୍ଷ ପୂର୍ବେ ବି, ଏ, ଉପାଧିଧାରୀ ଜ ୪ ଣ ଶିକ୍ଷିତ ଥିବାସ୍ଥଳେ ବର୍ତ୍ତମାନ ଦୁଇଜଣ ସଙ୍ଖ୍ୟା ରହିଥିବାରୁ ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ମାନ୍ୟବର ବାବୁ କୃଷ୍ଣକିଶୋରପ୍ରସାଦ ପ୍ରଶ୍ନ କରନ୍ତେ ସରକାର ପକ୍ଷରୁ ତାହା ସତ୍ୟ ଥିବା ଏବଂ ଉପଯୁକ୍ତ ଲୋକ ନ ମିଳିବାରୁ ଏପରି ହୋଇଥିବାର ଉତ୍ତର ମିଳିଲା। ଦେଶଲୋକେ କେବଳ ଦେଶୀ ବିଦ୍ୟାଳୟରେ ଶିକ୍ଷା ଦେବା ନୁହେଁ ସର୍ବୋଚ୍ଚ ଏବଂ ଉଚ୍ଚାଙ୍ଗ ଉପଯୁକ୍ତ ଶିକ୍ଷା[illegible] ନ ଦେବାରୁ ଦେଶଲୋକଙ୍କର ବିଶେଷ ହାନି ହୁଏ। ସୁତରାଂ ଏ ଫଳନିମିତ୍ତ ଗବର୍ଣ୍ଣମେଣ୍ଟ ଦାୟୀ ନୁହନ୍ତି। ଦେଶଲୋକେ ଉଦାର ନ ହେଲେ ତହିଁର ଫଳ ଆପେ ଭୁଞ୍ଜିବେ।

---

ଗତ ରବିବାର ଅପରାହ୍ନରେ ଏ ନଗରର ଟାଉନ ଲାଇବ୍ରେରୀ ହଲରେ ଭୁବନେଶ୍ୱରର ଭୟଙ୍କର ଅଗ୍ନିକାଣ୍ଡରେ ଗୃହହୀନ ହୋଇଥିବା ଲୋକଙ୍କ ସାହାଯ୍ୟାର୍ଥେ ଗୋଟିଏ ସଭା ହୋଇଥିଲା ପ୍ରାୟ ୬ ୭୦ ଜଣ ଭଦ୍ରଲୋକ ଉପସ୍ଥିତ ଥିଲେ। ବାବୁ ହରିଚରଣ ଚାଟର୍ଜ୍ୟା ସଭାପତି ମନୋନୀତ ହୋଇ କାର୍ଯ୍ୟାରମ୍ଭ କରନ୍ତେ ବାବୁ ପ୍ରଦ୍ୟୁମ୍ନନାଥ ଭଟ୍ଟାଚାର୍ଯ୍ୟ ଗୃହଦାହଜନିତ ଲୋକଙ୍କର ଦୁରବସ୍ଥାର କଥା ପ୍ରକାଶ କଲେ। ପରେ ସେହି ନିରାଶ୍ରୟ ବ୍ୟକ୍ତିଙ୍କ ସାହାଯ୍ୟାର୍ଥେ କେତେକ ଅର୍ଥ ସଂଗ୍ରହ କରି ଭୁବନେଶ୍ୱରର ସାହାଯ୍ୟ କମିଟି ନିକଟକୁ ପଠାଇବା ଏବଂ ସେହି କାର୍ଯ୍ୟ ନିର୍ବାହ ନିମନ୍ତେ ଗୋଟିଏ କମିଟି ଗଠନ ହେବାର ପ୍ରସ୍ତାବମତ କାର୍ଯ୍ୟ ହୋଇ ସଭା ଭଙ୍ଗ ହେଲା। କମିଟି ଚାନ୍ଦା ସଂଗ୍ରହ ଓ ସଂଗୃହୀତ ଟଙ୍କା ପ୍ରେରଣରେ ଶୀଘ୍ର ଯତ୍ନବାନ୍ ହେବାର ଆଶା କରାଯାଏ।

—※—

ଗତ ବୁଧବାର ସନ୍ଧ୍ୟାସମୟରେ ଏଠା ଟାଉନଲାଇବ୍ରେରୀ ହଲରେ ରଙ୍ଗପୁର ନିବାସୀ ମହାମହୋପାଧ୍ୟାୟ ପଣ୍ଡିତ ଯାଦବେଶ୍ୱର ତର୍କରତ୍ନ ମହାଶୟ ଭକ୍ତିତତ୍ତ୍ୱ ସମ୍ବନ୍ଧରେ ଗୋଟିଏ ବକ୍ତୃତା କରିଥିଲେ। ପଣ୍ଡିତ ମହାଶୟ ବୟୋବୃଦ୍ଧ ହେଲେହେଁ ତାଙ୍କର ବକ୍ତୃତା କରିବାର ଯଥେଷ୍ଟ ଶକ୍ତି ଅଛି ଏବଂ ପ୍ରାୟ ଦେଢ଼ଘଣ୍ଟା କାଳ [illegible] ପୌରାଣିକ ଆଖ୍ୟା ଏବଂ ଭାଗବତ, ଭଗବଦ୍ଗୀତା ଓ ସାଂଖ୍ୟାଦିରୁ ବଚନମାନ ଉଦ୍ଧୃତ କରି କଥକତାଭାବରେ ଭକ୍ତି ଏବଂ ତହିଁର ତତ୍ତ୍ୱ ପ୍ରକାଶ କଲେ। ଏତେ ଦୀର୍ଘ ବକ୍ତୃତା ଶ୍ରୋତାମାନେ ନିବିଷ୍ଟ ଚିତ୍ତରେ ଶୁଣିବାହିଁ ବକ୍ତାଙ୍କ ବକ୍ତୃତାର ସାରବତ୍ତାର ପ୍ରଧାନ ପରିଚୟ। ବକ୍ତୃତା ଶୁଣିବାସକାଶେ ଏତେ ଲୋକ ହୋଇଥିଲେ ଯେ ହଲମଧ୍ୟରେ ସ୍ଥାନାଭାବ ହେତୁ ଅନେକ ବାହାରେ ଦଣ୍ଡାୟମାନ ରହିବାକୁ ବାଧ୍ୟ ହୋଇଥିଲେ।

---

ମୁସଲମାନମାନଙ୍କର ବାରଫାତିଅ ପର୍ବ ହୋଲିସମୟରେ ପଡ଼ିବାରୁ ପେଶୱାରଠାରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଦଙ୍ଗା ହଙ୍ଗାମା ହୋଇ ଉଭୟ ପକ୍ଷରୁ କେତେ ଲୋକ ହତ ହୋଇଥିଲେ ଏବଂ ଦୋକାନମାନ ଲୁଣ୍ଠିତ ହୋଇଥିଲା। ବାରଫାତିଅ ପର୍ବ ଦୁଃଖଜନକ ଏବଂ ହୋଲି ସୁଖମୟ। କଥିତ ହୁଏ ମୁସଲମାନମାନେ ତାଙ୍କର ଦୁଃଖସମୟରେ ହିନ୍ଦୁମାନେ ଆନନ୍ଦରେ ମାତି ହୋଲି ଖେଳିବା ହେତୁ ଏହି କାଣ୍ଡ ଘଟିଅଛି। ଉଭୟ ପକ୍ଷରୁ ଦଙ୍ଗାକାରୀମାନେ ଧୃତ ହୋଇ ବିଚାରାଧୀନ ଅଛନ୍ତି। ଲୁଣ୍ଠିତ ହୋଇଥିବା ଦୋକାନମାନଙ୍କର ସାହାଯ୍ୟାର୍ଥେ ସେଠାରେ ଯେଉଁ ସଭା ହୋଇଥିଲା ତହିଁରେ କ୍ଷତିଗ୍ରସ୍ତ ଲୋକଙ୍କୁ ପଚାଶହଜାର ଟଙ୍କା ସାହାଯ୍ୟ ହେବାର ପ୍ରୟୋଜନୀୟ ବୋଲି ପ୍ରକାଶ ହେଲା। ସଭାସ୍ଥଳରେ ଷୋଳହଜାର ଟଙ୍କା ଉଠିବା ସୁଖର ବିଷୟ ଅଟେ। ପ୍ରକୃତ ଧର୍ମ ବାଟ ଛାଡ଼ି ଅବାଟରେ ଗଲେ ଏହିପରି ଫଳ ଘଟେ।

---

ଆସନ୍ତା ଦଶବର୍ଷୀୟ ସେନ୍‌ସସ୍‌ ବା ଲୋକଗଣନା ସନ ୧୯୧୧ ସାଲ ମାର୍ଚ୍ଚମାସ ତା ୧୦ ରଖରେ କରାଯିବାର ଭାରତୀୟଗବର୍ଣ୍ଣମେଣ୍ଟ ଧାର୍ଯ୍ୟ କରିଅଛନ୍ତି। ସେହି ତାରିଖ ସନ ୧୩୧୮ ସାଲ ଫଗୁଣମାସ ତା ୨୭ ରେ ପଡ଼ିବ। ସେ ଦିନ ଫଗୁଦଶମୀ ହେବାରୁ ଗଣନାକାର୍ଯ୍ୟ ଶେଷହେବା ଅର୍ଦ୍ଧରାତ୍ର ପାଏ ନଟେଥିବା ଅଳ୍ପ ଥିବ। ସେ ଦିନ ବିବାହର ଲଗ୍ନ ନାହିଁ ସୁତରାଂ ବହୁତ ଲୋକ ବାଟରେ ବୁଲିବାର କଥା ନାହିଁ। ଓଡ଼ିଶାର କୌଣସି ସ୍ଥଳେ ସେ ସମୟରେ [illegible] ଠାକୁର ବାହାରନ୍ତି ଓ ମେଳଣ ହୁଏ ସେଥିପାଇଁ ତାହା ପ୍ରାୟ ଶେଷଘଡ଼ିରେ ପଡ଼ିବାହେତୁ ବାଧା ହେବ ନାହିଁ। ଶ୍ରୀଯୁକ୍ତ ଗେଟ ସାହେବ ସି, ଆଇ, ଇ ଭାରତର ସେନ୍‌ସସ୍‌ କମିଶନର ହୋଇ ଅଛନ୍ତି ଓ ଏହି ମାସରୁ ପ୍ରାଦେଶିକ ସୁପରିଣ୍ଟେଣ୍ଡେଣ୍ଟମାନେ ନିଯୁକ୍ତ ହୋଇଅଛନ୍ତି। ବଙ୍ଗପ୍ରଦେଶର ସୁପରିଣ୍ଟେଣ୍ଡେଣ୍ଟ ହୋଇଅଛନ୍ତି ଶ୍ରୀଯୁକ୍ତ ଏଲ, ଏସ, ଏସ, ଓମାଲି ସାହେବ। ଯେଉଁ ଫାରମରେ ଲୋକଗଣନା ଲେଖାଯିବ ତାହା ଭାରତଗବର୍ଣ୍ଣମେଣ୍ଟ ପ୍ରସ୍ତୁତ କରିଅଛନ୍ତି ଓ ତାହା ପୂରଣ କରିବାର ଉପଦେଶ ତହିଁରେ ଲେଖା ହୋଇଅଛି। ପ୍ରାଦେଶିକ ସୁପରିଣ୍ଟେଣ୍ଡେଣ୍ଟମାନେ ଅଧିକା ଉପଦେଶ ଆବଶ୍ୟକମତେ ତହିଁରେ ଯୋଗ କରିବେ ଓ କାର୍ଯ୍ୟ ଚଳାଇବାର ସମସ୍ତ ବନ୍ଦୋବସ୍ତ କରିବେ। ଅଳ୍ପଦିନରେ ସେ ସମସ୍ତ ପ୍ରକାଶ ପାଇବ।

—*—

ଭଦ୍ରକବାସିନୀ ଲେଖିଅଛନ୍ତି ଯେ ଗତ ହୋଲିଖେଳ ସେଠାରେ ବଡ଼ କୌତୁକରେ ସମାପ୍ତ ହୋଇଥିଲା, ସ୍ୱୟଂ ଜମିଦାରମହୋଦୟ ସଭାସଦମାନଙ୍କ ସଙ୍ଗରେ ସର୍ବସାଧାରଣ-ସହିତ ମିଳାମିଶି ଚନ୍ଦହୋଟବନ୍ଦରଠାରୁ ଗଡ଼-ବାଟୀ ପର୍ଯ୍ୟନ୍ତ ଖେଳ କରି ଆସିଥିଲେ। ସଭାଙ୍ଗ-ପ୍ରତି ଏହା ଅବଶ୍ୟ ପ୍ରଶଂସାର ବିଷୟ ବୋଲି ଆମ୍ଭେମାନେ ମଧ୍ୟ କହୁଅଛୁଁ। ସେ ଅଧୁନା କହୁଅଛନ୍ତି ଯେ ହୋଲି ପର୍ବରେ ଫଗୁ ଓ ରଙ୍ଗଜଳ ପିଙ୍ଗାପିଙ୍ଗି ହେବା ହେତୁ କୁସଂସ୍କାର ସ୍ୱଭାବର ଅସଭ୍ୟକ୍ରିୟା ମନେ କରନ୍ତି ମାତ୍ର ଏପରି ଗୋଟିଏ ଖେଳ ସମାଜରେ ରହିବା ଆବଶ୍ୟକ କି ନା ଭାବି ଦେଖିବା ଉଚିତ। ଏଥିକୁ ବକ୍ତବ୍ୟ ଏହା ଯେ ଯାହା ଧର୍ମଶାସ୍ତ୍ର ବା ପରମ୍ପରା ବ୍ୟବହାର ସଙ୍ଗତ ତାହା ହେୟ ବୋଲିବାକୁ ଆମ୍ଭେମାନେ କୁଣ୍ଠିତ। ମାତ୍ର ଏହି ଦୋଳଯାତ୍ରାରେ ପର୍ବ ପାଳିବାର ଯେ ସମସ୍ତ ଧର୍ମାନୁଷ୍ଠାନର ବିଧି ଅଛି ସେ ସମସ୍ତପକ୍ଷକୁ ଫକାଇ କେବଳ ଫଗୁର ରଙ୍ଗ ଖେଳ ସାର ହୋଇଅଛି। ଏମନ୍ତ ହେବା ଭଲ ନୁହେ। ମୂଳ ଯେ ସମସ୍ତ ଦେଶୀୟ ଉପକରଣରେ ଫଗୁ ଓ ରଙ୍ଗଜଳ ପ୍ରସ୍ତୁତ ହେଉଥିଲା ସେ ସମସ୍ତ ଉଠାଇ ଯେ ପ୍ରକାର ଦ୍ରବ୍ୟ ବର୍ତ୍ତମାନ ବ୍ୟବହାର ହେଉଅଛି ତାହା ସୁଲଭ ହେଲେହେଁ ଦେହ ପ୍ରତି ଅହିତକର ଏବଂ ବସ୍ତ୍ରକୁ ଛଡ଼ାଇବା, ନଷ୍ଟକର। ଫଳତଃ ଯାହା ଧର୍ମାନୁଷ୍ଠାନର ବିଘ୍ନକର ଏବଂ ଶରୀର ଓ ଦ୍ରବ୍ୟର ହାନିକର, ଦେଶ କାଳପାତ୍ର ବିବେଚନାରେ ତାହାକୁ କଦାପି ପ୍ରଶ୍ରୟ ଦେବା ଉଚିତ ନୁହେ।

---

Digitized by srujanika@gmail.com

କାଶୀଧାମରେ ଅଳ୍ପଦିନ ପୂର୍ବେ ସାମାଜିକ ସଂସ୍କାର ବିଷୟ ବିଚାର କରିବାକାରଣ ଯେଉଁ ସଭା ବସିଥିଲା ତହିଁରେ ସ୍ତ୍ରୀ ଶିକ୍ଷାପ୍ରତି ବିଶେଷ ମନୋଯୋଗୀ ହେବାକାରଣ ଦେଶଲୋକଙ୍କୁ ପ୍ରବର୍ତ୍ତାଇବା, ପର୍ଦ୍ଦା ଉଠାଇଦେବାପ୍ରତି ଲକ୍ଷ ରଖି ତହିଁର ନିୟମ ଶିଥିଳ କରିବା, ବାଲ୍ୟକାଳ ବୈଧବ୍ୟ ବ୍ରତ ନ ଚଳାଇ ଅନ୍ତତଃ ବାଲବିଧବାମାନଙ୍କୁ ବିବାହ ଦେବା, ଅସଂଖ୍ୟ ଜାତିବର୍ଗ ଉଠାଇଦେଇ ପ୍ରଚଳିତ ଗୃହବର୍ତ୍ତିରେ ଲୋକଙ୍କ, ଜାତିର ଅନ୍ତର୍ଗତ ବିବାହ ଏବଂ ଯୋଗର ପ୍ରଚଳନ କରିବା, ନିମ୍ନ ଶ୍ରେଣୀର ଲୋକମାନଙ୍କର ନୈତିକ ଏବଂ ଅନ୍ୟପ୍ରକାର ଉନ୍ନତିଜନକରୁ ଚେଷ୍ଟିତ ହେବା, ମାଦକ ଦ୍ରବ୍ୟ ସେବନ ନ କରିବା, ୨୫ ବର୍ଷ ପୂର୍ବେ ବାଳକ କିମ୍ବା ୧୬ ବର୍ଷ ପୂର୍ବେ ବାଳିକାଙ୍କୁ ବିବାହ ନ ଦେବା, ବିବାହ ଓ ଶ୍ରାଦ୍ଧରେ ଅତିରିକ୍ତ ବ୍ୟୟ ନ କରିବା, ଚରିତ୍ରର ବିଶୁଦ୍ଧତା ରକ୍ଷା କରି ସାମାଜିକ ବା ଧର୍ମସମ୍ବନ୍ଧୀୟ ଉତ୍ସବ ଉପଲକ୍ଷେ ନାଚ ତାମସା ନ କରିବା, ହୋଲି ଉତ୍ସବରେ ଅଶ୍ଳୀଳକଥା ନ କହିବା, ବ୍ୟବସ୍ଥାପୂର୍ବକ ସମୁଦ୍ର ପାର ହେବା ଏବଂ ବିଦେଶକୁ ଯାଇ ଶିକ୍ଷାଲାଭ କରିବାରେ କୌଣସି ବାଧା ନ ଥିବା ନ ଯିବାମର୍ମରେ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଅଛି । ଏ ପ୍ରସ୍ତାବମାନ ଯେ ସମୀଚୀନ ତହିଁରେ ଦ୍ୱିଧା ହୋଇ ନ ପାରେ । ଦେଶଲୋକେ ବିଶେଷତଃ ଶିକ୍ଷିତ ବ୍ୟକ୍ତିମାନେ ଏକମତରେ ଏଥିରେ ଅଗ୍ରସର ହେଲେ ଅବଶ୍ୟ ଅଚିରେ ଫଳଲାଭ ହେବ । କେବଳ ମୁଖରେ କହିଦେଲେ ଅଥବା କାଳକ୍ରମେ ହେବ ବୋଲି ନିଶ୍ଚେଷ୍ଟ ହୋଇ ବସିଲେ ଫଳ ନାହିଁ ।

—*※*—

ସନ ୧୯୦୯ ସାଲ ସେପ୍ଟେମ୍ବରମାସ ତା ୩୦ ରିଖରେ ଶେଷହେବା ବର୍ଷର ବଙ୍ଗପ୍ରଦେଶର ସରକାରୀ ରିପୋର୍ଟରେ ଲେଖାଅଛି ଯେ ଆଇନ କରା ଭୂମି ସନ୍ଦଲିପି ସଂରକ୍ଷଣ କାର୍ଯ୍ୟ ପରୀକ୍ଷା ସ୍ୱରୂପ ବାଲେଶ୍ୱର ଜିଲ୍ଲା ସଦର ସବଡିଭିଜନରେ ହୋଇଥିଲା । ତହିଁର ଅଧୀନ ୯୬୩ ବର୍ଗମାଇଲ ଅଟେ । ପ୍ରଜା ଓ ଜମିଦାର ଉଭୟଙ୍କଠାରେ ଏ କାର୍ଯ୍ୟ ଆଦରଣୀୟ ହେବାର ଜଣାଯାଏ । ମାତ୍ର ଏ କାର୍ଯ୍ୟ ଯାହା ମନେ କରାଯାଇଥିଲା ତହିଁରୁ ଅଧିକ କଷ୍ଟକର ବୋଲି ପ୍ରକାଶ ପାଇଅଛି ଏବଂ କାର୍ଯ୍ୟାବଳୀଦ୍ୱାରା ପ୍ରମାଣ ହୋଇଅଛି ଯେ ତହିଁର ବିଶୃଙ୍ଖଳା କ୍ରମେ ପ୍ରଥମେ ଯେପରି କଳ୍ପନା କରାଯାଇଥିଲା ତଦପେକ୍ଷା ଅଧିକ ବାସ୍ତବ୍ୟରୂପେ ଏବଂ ଅଧିକା ଖରଚର ଆବଶ୍ୟକ ଅଳ୍ପ ବ୍ୟୟରେ ଚଳିଲା କାର୍ଯ୍ୟ କରାଇ ନେବା ହେତୁ ଭଲ କାର୍ଯ୍ୟ ହେଉ ନ ଥିବାର ଅମ୍ଭେମାନେ ବରାବର କହି ଆସୁଅଛୁଁ । ଏତେଦିନେ ଗବର୍ଣ୍ଣମେଣ୍ଟ ତାହା ବୁଝିପାରିବାର ଦେଖି ଆନନ୍ଦିତ ହେଲୁଁ ଏବଂ ଏଣିକି ବନ୍ଦୋବସ୍ତ କର୍ମଚାରୀ ବଢ଼ା ଯିବ ଇତ୍ୟାଦିର ବ୍ୟବସ୍ଥା କରିବାର ଦେଖି ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ବାହାଦୁରଙ୍କୁ ଧନ୍ୟବାଦ ଦେଉଅଛୁଁ । ଏହି ଗୁରୁତର କାର୍ଯ୍ୟ କେବଳ ନୂଆ କର୍ମଚାରୀ ହାତରେ ନ ରଖି ପରୀକ୍ଷିତ ବହୁଦର୍ଶୀ ଡେପୁଟିଙ୍କୁ ଅର୍ପଣ ଏବଂ ଅମିନ ପ୍ରଭୃତିର ଉପର ଅଧିକ ଉଚିତ ତଦାରକ ହେଲେ ଅତ୍ୟନ୍ତ ସୁଖର ବିଷୟ ହେବ ।

---

ମିଷ୍ଟର ଦେଶର ବିଶ୍ୱବିଦ୍ୟାଳୟର ସଭାରେ ମାର୍କିନ ରାଜ୍ୟର ଭୂତପୂର୍ବ ସଭାପତି ରୁଜଭେଲ୍ଟ ମହୋଦୟ ଗତ ମାର୍ଚ୍ଚମାସ ତା ୨୮ ରିଖରେ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତହିଁରେ ସେ କହିଥିଲେ ଯେ ବିଦ୍ୟାଳୟର ନିର୍ଦ୍ଦିଷ୍ଟ ପାଠ ଅଭ୍ୟାସ କଲେ ଶିକ୍ଷା ହେଲା ନାହିଁ ମାତ୍ର ସମୀଚୀନତା ଓ ସରଳ ପ୍ରକୃତି ହେବା ବାଞ୍ଛନୀୟ କାରଣ ମାନସିକ ଗୁଣଠାରୁ ଏ ସବୁ ଅଧିକ ମୂଲ୍ୟବାନ୍ । ଏହା ଯେମନ୍ତ ବ୍ୟକ୍ତିବିଶେଷ ସେମନ୍ତ ଜାତିପ୍ରତି ଖଟଇ । ସ୍ୱାୟତ୍ତ ଶାସନ ଦଶ ପୋଡ଼ିଏ ବର୍ଷର କଥା ନ ଥାଇ ପୁରୁଷ୍ଟ ଧର କଥା ଅଟେ । ଯେମନ୍ତ କୌଣସି ଲୋକଙ୍କ କଥାରେ ସ୍ୱାବଲମ୍ବନ ଦିଆଯାଇ ନ ପାରେ ସେମନ୍ତ କୌଣସି ଜାତିକୁ ଖାଲି କାଗଜରେ ସ୍ୱାୟତ୍ତ ଶାସନ ଦିଆଯାଇ ପାରେ ନାହିଁ । ଶିକ୍ଷାଦ୍ୱାରା ମନ୍ଦ ଏବଂ ଘୃଣ୍ୟ କାର୍ଯ୍ୟକୁ ନିନ୍ଦା କରିବାର ଶିକ୍ଷିବାକୁ ହେବ ଏବଂ ଧର୍ମ ବା ଜାତିସମ୍ବନ୍ଧୀୟ ଘୃଣାପ୍ରତି ଏହା ସମଧିକ ଖଟେ । ଗୁପ୍ତଭାବେ ହତ୍ୟାକାରୀ ହେବା ଉତ୍ତମ ନାଗରିକର ବିପରୀତ ଏବଂ ସେଭଳ ଲୋକ ଅଧଃପତନର ଚରମସୀମାରେ ସ୍ଥାନ ପାଏ । ଯେଉଁମାନେ ଏଭଳ ଲୋକସଭାରେ କ୍ଷମା ମାଗନ୍ତି କିମ୍ବା ତାହାର ସେ କାର୍ଯ୍ୟକୁ ଉପେକ୍ଷା କରନ୍ତି ତାଙ୍କର ସ୍ଥାନ ମଧ୍ୟ ସେହିଠାରେ । ଅପରାଧୀ ଗଭର୍ଣ୍ଣମେଣ୍ଟ ଅଥବା ଧର୍ମସମ୍ବନ୍ଧୀୟ ବିଷୟ ଯହିଁରେ ହେଉ ପଛକେ ପାପ ଏହା ଏବଂ ଅପରାଧର ବିଶ୍ୱାସ ଯାହା ଥାଉ ତାହାର ଅଭିପ୍ରାୟର ବିପରୀତ ଅନିଷ୍ଟ ଫଳ ଲାଭ ହୁଏ । ବକ୍ତାଙ୍କ ସଭାପତିଙ୍କ ଏ ଉକ୍ତିମାନ ସାର ଏବଂ ଚରମପନ୍ଥିର ଲୋକମାନଙ୍କୁ ଅମ୍ଭେମାନେ ଏହା ନିବିଷ୍ଟ ଚିତ୍ତରେ ପାଠ କରିବାକାରଣ ଅନୁରୋଧ କରୁଅଛୁଁ ।

—※—

ଅମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ଭୁବନେଶ୍ୱରର ଅଗ୍ନିପୀଡ଼ିତ ଗରିବଲୋକଙ୍କ ସାହାଯ୍ୟନିମନ୍ତେ ଗତ ରବିବାର ପ୍ରକାଶ୍ୟ ସଭାରେ ଗଠିତ ହୋଇଥିବା କମିଟି ଭିତା ଏ ନଗରର ଅନ୍ୟାନ୍ୟ ଦେଶର ଦୟାର୍ଦ୍ର ବ୍ୟକ୍ତି ଦଳ ବନ୍ଧ ହୋଇ ଭିକା ସଂଗ୍ରହ କରୁଅଛନ୍ତି । ଏହା ବଡ଼ ଆନନ୍ଦର ବିଷୟ । କାରଣ ଏହିପରି ଚେଷ୍ଟା ଓ ଯତ୍ନରେ ଅବଶ୍ୟ ବହୁ ଅଧିକା ଅର୍ଥ ହେବ ଓ ଅଧିକ ସାହାଯ୍ୟ ହୋଇପାରିବ । ମାତ୍ର ଭୁବନେଶ୍ୱର ପୁରୀଜିଲ୍ଲା ଓ ଖୋର୍ଦ୍ଧା ଖାସମହାଲ ଅନ୍ତର୍ଗତ ହୋଇଥିବା ଏବଂ ପୁରୀ କଲେକ୍ଟର ସ୍ୱୟଂ ଏହି ଭୀଷଣ ଦୁର୍ଯୋଗ ଦେଖିଥିବା ପ୍ରତ୍ୟକ୍ଷେ ସାହେବ ମହୋଦୟ ସାହାଯ୍ୟଦାନର କି ବ୍ୟବସ୍ଥା କରିଅଛନ୍ତି ଏପର୍ଯ୍ୟନ୍ତ ତାହା ଜଣା ନ ଯିବା ଆଶ୍ଚର୍ଯ୍ୟର ବିଷୟ ଅଟେ । ସରକାର ଆପଣାର ଖାସ ଜମିଦାରୀର ପ୍ରଜାର ବିପଦପ୍ରତି ଉଦାସୀନ ଏହା କଦାପି ହୋଇ ନ ପାରେ । ତେବେ ସରକାର କ'ଣ କରୁଅଛନ୍ତି ପ୍ରକାଶ ହେଲେ ଜନସାଧାରଣ ଆପଣା କର୍ତ୍ତବ୍ୟ ଅବଧାରଣ କରିବାର ସୁବିଧା ପାଇବେ । ବର୍ଷାକାଳ ଅଳ୍ପଦିନ ଅଛି । ଏଥିମଧ୍ୟରେ ଶୀଘ୍ର ସରକାରଙ୍କର ବନ୍ଦୋବସ୍ତ ହେବା ବାଞ୍ଛନୀୟ । ଏଥି ସଙ୍ଗରୁ ଭୁବନେଶ୍ୱରର ସାହାଯ୍ୟ କମିଟିର ସେକ୍ରେଟେରୀ ବାବୁ ପ୍ରସନ୍ନକୁମାର ପାଲଙ୍କର ପତ୍ରରୁ ଆନନ୍ଦସହିତ ଅବଗତ ହେଲୁଁ ଯେ ସେ ନିମ୍ନଲିଖିତ ଭିକା ପାଇଅଛନ୍ତି ଯଥାଃ—

ଓଡ଼ିଶା ବନ୍ୟା ସାହାଯ୍ୟକମିଟିର
ସେକ୍ରେଟେରୀ ଟ ୪୦୦୯

କେନ୍ଦ୍ରାପଡ଼ା ଉକୀଲ ସମିତି
ସେକ୍ରେଟେରୀ ଟ ୧୦୯

ବାବୁ ପରମାନନ୍ଦ ସେନାପତି
କାଲୁପଡ଼ା ଟ ୨୯

---

୬୦ ଟ ୫୧୨୯

—※—

କଲିକତା ନିମତଳା ଘାଟଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ ହେଲେ ଦମକଳ କର୍ମଚାରୀମାନେ ଲୁଟ କରିଥିବା ଓ କାର୍ଯ୍ୟରେ ତ୍ରୁଟି କରିଥିବା ଆଦି ବିଷୟର ଖବର ହୋଇଥିବାରୁ ତାହା ତଦନ୍ତ କରିବାକାରଣ ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ମହୋଦୟ ଗୋଟିଏ କମିଟି ନିଯୁକ୍ତ କରିଥିଲେ । କମିଟି ତଦନ୍ତ କରି ରିପୋର୍ଟ ଦେବାରୁ ଗବର୍ଣ୍ଣମେଣ୍ଟରୁ ଯେଉଁ ଇସ୍ତାହାରଣୀ ବାହାରିଅଛି ତହିଁରେ ମାନ୍ୟବର ମହୋଦୟ ସେହି କର୍ମଚାରୀଙ୍କ କାର୍ଯ୍ୟ ନିତାନ୍ତ ନିନ୍ଦନୀୟ ଥିବାର କହିଅଛନ୍ତି । ତିନିଜଣ ଗୋରା ସର୍ଜ୍ଜେଣ୍ଟ ନିଆଁ ଲାଗିଥିବା ଘରର ଲୁହାସିନ୍ଦୁକ ଖୋଲି ମାଲ ଲୁଟି ନେଇଥିବାହେତୁ ପୁଲିସ କମିଶନର ସାହେବ ସେମାନଙ୍କୁ ବରଖାସ୍ତ କରିଅଛନ୍ତି । ଲାଞ୍ଚ ମାଗିଥିବା ଓ ଲାଞ୍ଚ ନେଇଥିବାର ପ୍ରମାଣ ଥିଲେହେଁ ଏବେ ଲାଞ୍ଚ ନେଇଅଛି ତଦ୍ୱିଷୟରେ କମିଟି

ଯଥେଷ୍ଟ ପ୍ରମାଣ ପାଇପାରିଲେ ନାହିଁ । ଲେଫ୍‌ଟେଣ୍ଟ ମହୋଦୟ ଏଥିରେ ସନ୍ତୁଷ୍ଟ ନ ହୋଇ ପୁଣି ତଦନ୍ତର ଆଦେଶ ଦେଲେ। ଯେଉଁ ବ୍ୟକ୍ତିମାନେ ସାକ୍ଷ ଦେଉଅଛନ୍ତି ସେମାନଙ୍କ ନେତା ବ୍ୟକ୍ତିର ନାମ ପ୍ରକାଶ କଲେ ଫୌଜଦାରୀ ଅଦାଲତରୁ ରକ୍ଷଣ ନ ହେବାର ନିୟମ କରଅଛନ୍ତି । ମଧ୍ୟ ସେହି ମହଲୁମାର ସୁପରେଣ୍ଟେଣ୍ଡେଣ୍ଟ ହଲଡନ ସାହେବଙ୍କ ନାମରେ ସ୍ୱଇଡମରେ ଅଭିଯୋଗପତ୍ର ଲେଖି ମୋକଦ୍ଦମା ଚଳାଇବାର ଆଦେଶ ଦେଉଅଛନ୍ତି । କଲିକତା ସହରରେ ଉଚ୍ଚବେତନ ପାଉ ଧର୍ମଗୁରୁମାନେ ନିଯୁକ୍ତ ଥିବା ଅବସ୍ଥାରେ ଏପରି ଘଟଣା ଘଟିବାସ୍ଥଲେ ମୋଫସଲର ଅଳ୍ପବେତନଭୋଗୀ ଧର୍ମଗୁରୁଙ୍କଦ୍ୱାରା କ ହେଉଥିବ ତାହା ସହଜରେ ବୁଝା ଯାଇପାରେ । ଅମ୍ଭେମାନେ ଲେଫ୍‌ଟେଣ୍ଟ ମହୋଦୟଙ୍କ ଏବମ୍ଭୂତ ସୁବିଚାରପୂର୍ଣ୍ଣ ଆଦେଶରେ ଆନନ୍ଦିତ ହୋଇଅଛୁଁ । ତଦନ୍ତକାରୀ କମିଟିରୁ ବାବୁ ରାଧାଚରଣ ପାଲ ଓ ଡାକ୍ତର ନୀଳରତନ ସର ମହାଶୟମାନେ ଯଥେଷ୍ଟ ସାହାଯ୍ୟ ଦେଉଥିବାରୁ ସେମାନେ ଧନ୍ୟବାଦ ପାଉଅଛନ୍ତି । କମିଟି ଦେଖାଇ ଅଛନ୍ତି ଯେ ଜଳ ଯଥେଷ୍ଟ ଥିଲା ମାତ୍ର ଧର୍ମଗୁରୁମାନଙ୍କର ଅକର୍ମଣ୍ୟତା ଓ ଅନ୍ୟାୟ ଆଚରଣ ହେତୁ ଅଗ୍ନି ନିର୍ବାପିତ ହୋଇପାରିଲା ନାହିଁ ଓ ଲୋକେ ଯନ୍ତ୍ରଣାଗ୍ରସ୍ତ ହେଲେ ।

---

### ଉତ୍କଳର ଅଭାବ ପ୍ରକୃତିର ଚର୍ଚ୍ଚା ।

ବଙ୍ଗୀୟ ବ୍ୟବସ୍ଥାପକ ସଭାର ଗତ ମାର୍ଚ୍ଚମାସ ତା ୧୪ ଦିନର ଅଧିବେଶନରେ ବଜେଟ ଆଲୋଚନା ସଙ୍ଗରେ ଶିକ୍ଷାବିଭାଗର ଡାଇରେକ୍ଟର ମହୋଦୟ ଓଡ଼ିଶା ସକାଶେ ଖଞ୍ଜା ହୋଇଥିବା ଗୋ ୬ ଟି ବୃତ୍ତି ଯାହା ସବୁତ ପ୍ରସ୍ତାବ କରିଥିଲେ ମାନ୍ୟବର ଦେବପ୍ରସାଦ ସର୍ବାଧିକାରୀ କହିଲେ ଯେ କଟକରେ ଅନେକ ଶ୍ରେଣୀ ସ୍ଥଳେ ଓଡ଼ିଆ ବଙ୍ଗାଳୀ ସକଳ ଛାତ୍ର ସହଜରେ ଆଉ ପଢ଼ି ପାରନ୍ତି ମାତ୍ର ସର୍ବଦା ବଙ୍ଗଳାରୁ ବୃତ୍ତି ଦେବାର ବିଧି ନ ହେଲେ ଯେଉଁ ବଙ୍ଗାଳୀ ଛାତ୍ରମାନେ ଓଡ଼ିଶାରେ ଅଛନ୍ତି ସେମାନେ ତହିଁରୁ ବଞ୍ଚିତ ହେବେ । ଏପରି ପ୍ରାଦେଶିକ ନିୟମ ଭୁଲ ପ୍ରମାଣ କରୁଥିବାର ସେ ଦେଖାଇଲେ । ଏଥିରେ ଉତ୍କଳ ସଦସ୍ୟ ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ, ମହାଶୟ କହିଲେ ଓଡ଼ିଶାର ଲୋକ ଏବଂ ଯେଉଁମାନେ ଚିରସ୍ଥାୟୀରୂପେ ଉତ୍କଳରେ ବାସ କରିବାକୁ ଇଚ୍ଛା କରନ୍ତି ଏବଂ ଓଡ଼ିଶାର ମଙ୍ଗଳରୁ ଆପଣାର ମଙ୍ଗଳ ମଣନ୍ତି ସେହିମାନଙ୍କ ସକାଶେ ସେ ବୃତ୍ତି ଖଞ୍ଜା ଯାଇଅଛି । କୌଣସି ଲୋକ ଦେଶ ସକାଶେ କାର୍ଯ୍ୟ କରୁଥିଲେ ତାହାଦ୍ୱାରା ଦେଶର ଉପକାର ହେବାର ବୋଲିଯିବ ଏବଂ ସେ ଲୋକ ଅନ୍ୟତ୍ର ଶିକ୍ଷା ପାଉଥିଲେ ସୁଦ୍ଧା ତାହାର ଜୀବନ ଉତ୍କଳରେ ଏବଂ ଉତ୍କଳର ଉପକାର ସକାଶେ ଯାପିତ ହେବା ଉଚିତ । ଉତ୍କଳୀୟ ବଙ୍ଗାଳି ବା ଅନ୍ୟ ଜାତିର ଲୋକଙ୍କୁ ଦେବାର ସେ ସବୁବେଳେ ନହଅଛନ୍ତି ମାତ୍ର ତାହା ଲୋକସଂଖ୍ୟାର ଅନୁପାତରେ ଦିଆଯିବା ଉଚିତ । ମାନ୍ୟବର ଦାସ ମହାଶୟ ଏ କଥା କହିବା ପରେ ଅମ୍ଭେମାନେ ବୁଝି ପାରୁ ନାହୁଁ । ମାନ୍ୟବର ସର୍ବାଧିକାରୀ ମହାଶୟ ବଙ୍ଗଳାକୁ ସୁଦ୍ଧା ସେ ବୃତ୍ତି ମିଳିବା ବିଷୟ ଅବଧାରଣା କରୁଥିଲେ ମାତ୍ର ବଙ୍ଗାଳୀଙ୍କର କଲିକତାରେ ପଢ଼ିବାର ନାନାପ୍ରକାର ସୁବିଧା ଥିବା ଓ ଉତ୍କଳବାସିଙ୍କର ସେପରି ସୁବିଧା ନ ଥିବାରୁ ଏ ବୃତ୍ତି ଉତ୍କଳୀୟମାନଙ୍କ ସକାଶେ ଖଞ୍ଜା ଯାଇଥିବାର କହିଥିଲେ ସେ ଯଥେଷ୍ଟ ହୋଇଥାନ୍ତା । କ ପରିମାଣରେ ସେ ବୃତ୍ତି ଉତ୍କଳୀୟମାନଙ୍କ ମଧ୍ୟରେ ବଣ୍ଟାଯିବ ତହିଁର ଚର୍ଚ୍ଚା ଅଦ୍ୟାପି ଲାଗି ରହିଅଛି ଏବଂ ଏଠା ପ୍ରକାଶ, ସଭାରେ ଓଡ଼ିଆ ଏବଂ ଉତ୍କଳର ସ୍ଥାୟୀ ଅଧିବାସିଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରଖା ନ ଯିବାର ସିଦ୍ଧାନ୍ତ ହୋଇଥିବା ସ୍ଥଳେ ଉତ୍କଳର ପ୍ରତିନିଧି ଅନୁପାତର କଥା ଉଠାଇବା ଠିକ ହେଲା ନାହିଁ । ଅନୁପାତ ଧଇଲେ ସୁଦ୍ଧା କାର୍ଯ୍ୟ ଚଳିବ ନାହିଁ । କାରଣ କେବଳ ଓଡ଼ିଆ ଓ କେବଳ ଅଣଓଡ଼ିଆ ଓ ପ୍ରତ୍ୟେକର ସଂଖ୍ୟା କେତେ ଏହା ସ୍ଥିର କରିବା ସହଜ ନୁହେ । ଉତ୍କଳ ସମ୍ମିଳନୀର "ଉତ୍କଳୀୟ" ଶବ୍ଦର ଉଦାର ବ୍ୟାଖ୍ୟା ଗଵର୍ଣ୍ଣମେଣ୍ଟ ଯେବେ ସମସ୍ତ ବୃତ୍ତି ଉତ୍କଳୀୟମାନଙ୍କ ସକାଶେ ଖଞ୍ଜି ଦେଲେ ସବୁ ଗୋଳମାଳ ନିବାରିତ ହେବ । ଓଡ଼ିଆ ଛାତ୍ରମାନେ ବର୍ତ୍ତମାନ ଯେମନ୍ତ ସୁଫଳ ଦେଖାଉଅଛନ୍ତି ପ୍ରତିଯୋଗିତାରେ ସେମାନଙ୍କର କଦାପି ହାନି ହେବାର ଆଶଙ୍କା ନାହିଁ ।

---

### ଆଦର୍ଶ ଭିଲେଜ ଟେସୁରମାନ

ବାଲେଶ୍ୱର ଜିଲା ବୋର୍ଡର ଭିଲେଜଟେସୁରମାନ ଶ୍ରୀଯୁକ୍ତ ସାମନ୍ତ ରାଧାଚରଣ ଦାସ ଗତ ବର୍ଷ ମୋଫସଲ ଗସ୍ତ କରି ଜିଲ୍ଲାବୋର୍ଡର କାର୍ଯ୍ୟମାନ ଦେଖି ଯେପରି ସୁଖ୍ୟାତି ଭାଜନ ହୋଇଥିଲେ ଓ ଗଵର୍ଣ୍ଣମେଣ୍ଟରୁ ଧନ୍ୟବାଦ ପାଇଥିଲେ ତାହା ପାଠକମାନଙ୍କୁ ଜଣାଅଛି । ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ସାମନ୍ତ ମହାଶୟ ଏବର୍ଷ ତହିଁରୁ ଅଧିକ କାର୍ଯ୍ୟ ଦେଖାଇ ଅଛନ୍ତି । ସେ ଗତ ଜାନୁୟାରୀ ମାସ ତା ୧୯ ରିଖରେ ଗସ୍ତରେ ବାହାରି ଗତ ତା ୨ ରିଖ ମାର୍ଚ୍ଚରେ ସଦର ମୁକାମକୁ ଲେଉଟି ଆସିଲେ । ଏହି କ ୪୮ ଦିନ ମଧ୍ୟରେ ସେ ମୋ ୨୬୮ ମାଇଲ ଭ୍ରମଣ କରିଥିଲେ ଏବଂ ଅନେକ ସ୍କୁଲ, ଡାକ୍ତରଖାନା, ଡାକ୍‌ହାଉସ, ଖେୟାଘାଟ ପ୍ରଭୃତି ପରିଦର୍ଶନ କରିଥିଲେ । ଏହି ଦୀର୍ଘ ପରିଭ୍ରମଣର ସମସ୍ତ ବ୍ୟୟ ନିଜେ ବହନ କରିଥିଲେ ଏତେ ନୁହେ ତହିଁ ଉପରେ ପରିଦର୍ଶନ କରିଥିବା ସ୍କୁଲ ସମୂହର ଗରିବ ବାଳକ ଓ ବାଳିକାଙ୍କୁ ଟ ୧୧୭। ର ପାଠ୍ୟ ପୁସ୍ତକ କିଣି ଦେଇ ଅଛନ୍ତି କଟକ ସ୍କୁଲଗୃହ ନିର୍ମାଣନିମନ୍ତେ ଟ ୨୫୦ ଟା ଏବଂ ସେହି ସ୍କୁଲର ଛାତ୍ରାବାସ ନିମନ୍ତେ କାଗଣାରେ ଏକ ଖଣ୍ଡ ଭୂମି ଦାନ କରିଅଛନ୍ତି । ଏବଂ ବାଲେଶ୍ୱର ଥାନା ସାରଙ୍ଗରେ ଗୋଟିଏ ସେବା ପାଉଥିବା ପୁଷ୍କରିଣୀର ସଂସ୍କାରାର୍ଥ ଅଙ୍ଗୀକାର କରିଥିବା ଟ ୧୦୦୦ ଟା ମଧ୍ୟରୁ ଟ ୪୦୦୯ ଟା ଦେଇଅଛନ୍ତି । ଏତୁଁପ ଟ ୨୬୬। ନଗଦ ଦାନ କରିଅଛନ୍ତି । ପରେ କଟକ ହାଇସ୍କୁଲକୁ ମାସିକ ଟ ୪୯ ଟା ଏବଂ ସେଠାର ଟ୍ରେନିଂ ବାଳିକା ସ୍କୁଲକୁ ମାସିକ ଟ ୧୨ ଟା ଦେବାକୁ ସ୍ୱୀକୃତ ହୋଇଅଛନ୍ତି । ସାଧାରଣ ହିତକର କାର୍ଯ୍ୟରେ ଏହାଙ୍କର ଯେମନ୍ତ ଅନୁରାଗ ଓ ଆଗ୍ରହ ଏବଂ ନିଜ କର୍ତ୍ତବ୍ୟ ପାଳନରେ ଯେମନ୍ତ ଉତ୍ସାହ ଓ ଯତ୍ନ ଉପରଲିଖିତ ବିବରଣରୁ ଜନସାଧାରଣ ଅନାୟାସରେ ବୁଝିପାରିବେ । ଏ ମହାଶୟ ବିଶ୍ୱବିଦ୍ୟାଳୟର ଉପାଧିଧାରୀ ନୁହନ୍ତି କିମ୍ବା ତର୍କ ବିତର୍କରେ ସେମନ୍ତ ଧୁରନ୍ଧର ହୋଇ ନ ଥିବେ । ମାତ୍ର ଯେ ବ୍ୟକ୍ତି ଆପଣା କର୍ତ୍ତବ୍ୟକର୍ମର ମହତ୍ତ୍ୱ ଅନୁଭବ କରି ତାହା ସାଧନନିମନ୍ତେ ପରିଶ୍ରମ ଓ ଅର୍ଥବ୍ୟୟରେ ଅକାତର ଏବଂ ସାଧାରଣ ହିତାର୍ଥେ ମୁକ୍ତହସ୍ତ ସେ ମହାନ୍ ବ୍ୟକ୍ତି ଏବଂ ସାଧାରଣ ପ୍ରଶଂସାର ଯୋଗ୍ୟ ବୋଲିବା ବାହୁଲ୍ୟ । ଅନ୍ୟାନ୍ୟ ଭିଲେଜଟେସୁରମାନେ ଏହି ଆଦର୍ଶରେ କାର୍ଯ୍ୟ କରିବାର ଆଶା କରୁଁ । ସର୍ବଦା ଏକଥଳରେ ମୋଫସଲ ପରିଦର୍ଶନ କରି ରହିବା ଓ ନିଜେ ସମସ୍ତ ବ୍ୟୟ ସହିବାର ସମସ୍ତଙ୍କର ସୁବିଧା ଓ ସଙ୍ଗତି ନାହିଁ ସତ୍ୟ ମାତ୍ର ଜିଲା ବୋର୍ଡ ଉପଯୁକ୍ତ ଦରରେ ଗସ୍ତ ଖର୍ଚ୍ଚ ଦେବାକୁ ପ୍ରସ୍ତୁତ ଥିବାସ୍ଥଳେ ସଙ୍ଗତିର ବାଧା ଅଧିକ ହୋଇ ନ ପାରେ ଓ ଗସ୍ତ ଖରଚ ନେବାର ଦୋଷ କେହି ଧରିବା ଉଚିତ ନୁହେ । ଏକାବେଳେ ସର୍ବକାଳ ଗସ୍ତ କରିବା ଆଶା କରୁ ନା ଓ ତହିଁର ପ୍ରୟୋଜନ ନାହିଁ । ସମୟାନ୍ତରେ ଅବକାଶମତେ ଏଲାକାର ଏକ ଗ୍ରାମ ପରିଦର୍ଶନ କରିବା ଯଥେଷ୍ଟ ଓ ତଦ୍ୱାରା ଅଧିକ ଲାଭ ଅଛି ବୋଲି ଅମ୍ଭେମାନେ ବିବେଚନା କରୁ । ଯାହାର ବର୍ଷ ମଧ୍ୟରେ ଏକମାସ ସୁଦ୍ଧା ଗସ୍ତ କରିବାର ଅବ-

Split by PDF Splitter



ନାଶ ନାହିଁ ତାହାର ଏପରି କାର୍ଯ୍ୟରେ ହାତ ଦେବା ଉଚିତ ନୁହେ ।

---

### ବ୍ରାହ୍ମଣ ସମିତିର ଫଳ ।

ଗତ ମାର୍ଗଶିର, ପୌଷ ଓ ମାଘ ମାସର "ଉତ୍କଳଜୀବନ" ପତ୍ରରେ ବାହାରିଅଛି । ତହିଁରେ 'ବ୍ରାହ୍ମଣ ସମିତି' ନାମକ ପ୍ରବନ୍ଧରେ ଉତ୍କଳର ଖ୍ୟାତନାମା ଲେଖକ ଶ୍ରୀ ଶ୍ରୀଜୟ ପଣ୍ଡା ମହାଶୟ ନାନା ଦେଶର ଅଶାନ୍ତିମୂଳକ ସମିତି-ମାନଙ୍କଦ୍ୱାରା ଦେଶର ଅନିଷ୍ଟ ହେବାର ଆଶଙ୍କା କରି ସମ୍ପ୍ରତି ସ୍ଥାନ ବିଶେଷର ନାମରେ ସମିତି ଗଠନ କରିବାର ପରାମର୍ଶ ଦେଇଅଛନ୍ତି । ପଣ୍ଡା ମହାଶୟ ଯେଉଁ କଥାର ଅବତାରଣା କରିଅଛନ୍ତି ତାହା ଯେ ଗୁରୁତର ହୋଇଛି ସନ୍ଦେହ ନାହିଁ । ଅମ୍ଭେମାନେ ଦେଶର ମଙ୍ଗଳା-କାଂକ୍ଷୀ ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ଉକ୍ତ ପ୍ରବନ୍ଧ ପାଠ କରିବାକାରଣ ଅନୁରୋଧ କରୁ-ଅଛୁଁ । ସହାନୁଭୂତିରେ ଦେଶ ଲୋକଙ୍କର ଏକତା ସଂଘଟିତ ହେବାପକ୍ଷେ ବାଧା ଜାତ ହେବ ତାହା କଦାପି କରଣୀୟ ନୁହେ । ପୁରୀର ବ୍ରାହ୍ମଣ ସମିତିର ଦେଖାଦେଖି ବ୍ରହ୍ମପୁରଠାରେ ଏକ ବ୍ରାହ୍ମଣ ସମିତି ସ୍ଥାପିତ ହୋଇଅଛି ଏବଂ ଲେଖକ କହୁଅଛନ୍ତି ଯେ ତାହା ଦେଖି କରଣ ସମିତି, କେଉଟ ସମିତି ଓ ଲୁରୁମ ସମିତି ପ୍ରତିଷ୍ଠିତ ହେବାର ଉଦ୍ୟମ ହେଉଅଛି । ଏହି-ପରି ବ୍ରାହ୍ମଣ, କରଣ, ଚଷା, କେଉଟ, ଖଣ୍ଡାୟତ ପ୍ରଭୃତି ପ୍ରତ୍ୟେକ ଜାତିର ଭିନ୍ନ ସମିତି ହେଲେ ଦେଶ ମଧ୍ୟରେ ଜାତି ବିବାଦର ସୂତ୍ରପାତ ହୋଇ ଅଶାନ୍ତି ଜନ୍ମିବାର ଆଶଙ୍କା କରିବା ଅସ୍ୱା-ଭାବିକ ନୁହେ । ନାମ ଦେଖିବାକୁ ହେଲେ ଯେ-ମନ୍ତ ବ୍ୟବସାୟ ଭେଦରେ ବିଭିନ୍ନ ଜାତିରେ ଗଣିତ ହୋଇଅଛନ୍ତି ସେମନ୍ତ ପ୍ରତ୍ୟେ-କ ଜାତିର ଲୋକ ଆପଣା ଜାତିର ବ୍ୟବସାୟ ତଥା ବ୍ୟୁତ୍ପତ୍ତି ଉନ୍ନତିରେ ଲାଗିଲେ କୌଣସି ଅନିଷ୍ଟ ହୋଇ ନ ପାରେ । ବ୍ରାହ୍ମଣର ପୁଅ ବ୍ରାହ୍ମଣ ଅଥବା ଖଣ୍ଡାୟତର ପୁଅ ଖଣ୍ଡାୟତ ହେବ ଏମନ୍ତ କଥା ଧର୍ମଶାସ୍ତ୍ରରେ ନାହିଁ । ବରଂ ଭଗବଦ୍ଗୀତା ଚତୁର୍ଥାଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ମୁଖରୁ 'ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ' ବିଧାନ କରି ଦେଇଅଛନ୍ତି । ଯେ ଯେମନ୍ତ କାର୍ଯ୍ୟ କରିବ ସେ ସେମନ୍ତ ଶ୍ରେଣୀରେ ଗଣ୍ୟ ହେବ । କେବେ ବ୍ରାହ୍ମଣର ପୁଅ ବ୍ରାହ୍ମଣ ହୋଇ ପାରିବା ଅଥବା ଖଣ୍ଡାୟତର ପୁଅ ଖଣ୍ଡାୟତ ହୋଇ ପାରିବା ସହଜ କାରଣ ପ୍ରତ୍ୟେକ ବ୍ୟବସାୟୀଙ୍କ ଲୋକେ ଆପଣା ବ୍ୟବସାୟ ପିତା ପିତୃବ୍ୟାଦିଙ୍କ-ଠାରୁ ସହଜରେ ଶିଖି ପାରନ୍ତି । କେତେକାଳ ହେଲା ବ୍ରାହ୍ମଣର ପୁଅ ବ୍ରାହ୍ମଣ ହେବା ପଦ୍ଧତି ଚଳି ଆସିଥିଲେ ସୁଦ୍ଧା ଯଦି ବ୍ରାହ୍ମଣ ସମିତି ଏହା ସ୍ପଷ୍ଟ ରୂପେ ବ୍ୟକ୍ତ କରନ୍ତି ଯେ ବ୍ରାହ୍ମଣର କର୍ମ ବେଦାଧ୍ୟୟନ, ଅଧ୍ୟାପନା, ଯଜନ ଓ ଯାଜନାଦିର ସକ୍ଷମ ନ ହେଲେ କେହି ବ୍ରାହ୍ମଣ ସମ୍ପ୍ରଦାୟ ଭୁକ୍ତ ହେବେ ନାହିଁ ଏବଂ ତାହା କରି ନ ପାରିବା ଲୋକେ ଆପଣା ବ୍ୟବସାୟଦ୍ୱାରା କ୍ଷତ୍ରିୟ, ବୈଶ୍ୟ ବା ଶୂଦ୍ର ମଧ୍ୟରେ ଗଣ୍ୟ ହେବେ ତାହାହେଲେ ପ୍ରକୃତରେ ଉପକାର ହେବ । ଜାତ୍ୟଭିମାନ ତ୍ୟାଗ କରି ବ୍ରାହ୍ମଣମାନେ ଏହା କରିବେ କି ? ଯଦି ନ କରନ୍ତି ତେବେ ତାଙ୍କର ସମିତିଦ୍ୱାରା ଲେଶମାତ୍ର ଉପକାର ହେବ ନାହିଁ । ଜାତ୍ୟଭିମାନ ଭାଙ୍ଗି ଭକ୍ତି ପ୍ରେମରେ ଏକତା ସମ୍ପାଦନ କରିବା ଉଦ୍ଦେଶ୍ୟରେ ଚୈତନ୍ୟ ଦେବ ବୈଷ୍ଣବ ଧର୍ମର ସୃଷ୍ଟି କରିଥିଲେ ଏବଂ ସେ ଧର୍ମରେ ସମସ୍ତ ଉତ୍କଳ ଦୀକ୍ଷିତ ହୋଇ ଗ୍ରାମରେ ଲୋକେ ଭାଗବତଟୁଙ୍ଗି ଉପରେ ଏକତ୍ର ନାମ ସଂକୀର୍ତ୍ତନ ଓ ମହୋତ୍ସବରେ ଜାତିବିଶେଷରେ ଭୋଜନ କରି ଧର୍ମସାଧନ କରୁଅଛନ୍ତି । ଅମ୍ଭେମାନେ ପଣ୍ଡା ମହୋଦୟଙ୍କ ସ୍ଥାନ ବିଶେଷର ନାମରେ ସମିତି ସ୍ଥାପନପୂର୍ବକ ଧର୍ମ, ଶିକ୍ଷା ଏବଂ ବ୍ୟବସାୟର ଉନ୍ନତିର ପରାମର୍ଶ ଅନୁମୋଦନ କରୁ-ଅଛୁଁ । ଗ୍ରାମଲୋକେ ସମସ୍ତେ ଏକତ୍ରିତ ହୋଇ ଭାଗବତ ଟୁଙ୍ଗିମାନଙ୍କ ମୂଳ କରି ସେହିଠାରେ ସମିତି ସ୍ଥାପନପୂର୍ବକ ଧର୍ମ, ଶିକ୍ଷା ଏବଂ ବ୍ୟବସାୟର ଉନ୍ନତି ଲୋଡ଼ିଲେ ଯେମନ୍ତ ଆପଣାର ଓ ଦେଶର କେମନ୍ତ ପରିବର୍ତ୍ତିତ ବିଷୟର ଚର୍ଚ୍ଚାଦ୍ୱାରା ଫଳ ସାଧନ କରିପାରିବେ । ଅମ୍ଭେମାନେ ଦେଶଲୋକଙ୍କୁ ବିଶେଷରୂପେ ଚିନ୍ତା କରି ଏ ବିଷୟର କର୍ତ୍ତବ୍ୟ ଅବଧାରଣ କରି-ବାକାରଣ ଏକାନ୍ତ ପ୍ରାର୍ଥନା କରୁଅଛୁଁ ।

---

### ବଙ୍ଗପ୍ରଦେଶର ବଜେଟ ।

ବଙ୍ଗପ୍ରଦେଶର ଚଳିତ ବର୍ଷର ବଜେଟ ଯାହା ସ୍ଥିରିତ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି ତାହା ଏହି ନ ଏପ୍ରିଲର ଆରମ୍ଭ ଅର୍ଥାତ୍ ଚଳନ୍ତି ମାସ ତା ୧ ରିଖରେ ଚଳିଲ ବାକି ଅନୁମାନ ଟ ୮୭,୩୭,୦୦୦ ଟଙ୍କା ଏ ବର୍ଷର ଆୟ ଟ ୬,୪୮,୦୧୦୦୦ ଓ ବ୍ୟୟ ଟ ୬,୭୫,୪୬,୦୦୦ ଓ ବର୍ଷଶେଷରେ ସ୍ଥିତି ଟ ୭୦,୦୦୦୦୦ ଟଙ୍କା ମାତ୍ର ଏଥି ମଧ୍ୟରେ ୫୦ ଲକ୍ଷ ଟଙ୍କା କଲିକତା କମିଶନର ଉନ୍ନତି ବାବଦ ଜମା ଅଛି । ତାହା ଛାଡ଼ି ବାକି ଅବଶିଷ୍ଟ ୨୦ ଲକ୍ଷ ପ୍ରକୃତ ଚଳିଲ ବାକି ଧରାଯାଉ ହେବ । ସେହି ଟଙ୍କା ସାଧାରଣ କାର୍ଯ୍ୟ ନିର୍ବାହ ନିମନ୍ତେ ଯଥେଷ୍ଟ ହେବ । ଆୟ ଟଙ୍କା ମଧ୍ୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ସାହାଯ୍ୟ ୨୭ ଲକ୍ଷ ୨୫ ହଜାର ଟଙ୍କା ନିଆଯାଇଅଛି । ଅତ୍ୟ ବଗରେ ଆୟ ଅପେକ୍ଷା ୧୭ ଲକ୍ଷ ଟଙ୍କା ଅଧିକା ବ୍ୟୟ ହେବାର ଯାହା ସ୍ଥିର ହୋଇଅଛି ତାହା ପୂର୍ବବର୍ଷର ଚଳିଲ ବାକିରୁ ନିଆଯାଇଅଛି । ଏଥିରୁ ଦେଖାଯାଏ ଯେ ବଙ୍ଗ ଗବର୍ଣ୍ଣମେଣ୍ଟ ବ୍ୟୟ ବିଷୟରେ କୁଣ୍ଠିତ ହୋଇ ନାହାନ୍ତି । ମାତ୍ର ଅଧିକାଂଶ ବ୍ୟୟ ସାଧାରଣ ମଙ୍ଗଳଜନକ ବିଶେଷତଃ ପୁଲିସ ସମ୍ବନ୍ଧୀୟ ଶାସନବାହେତୁ ନୂତନ କାର୍ଯ୍ୟରେ ଯେତେ ବ୍ୟୟ ହେବା ଆବଶ୍ୟକ ଗବର୍ଣ୍ଣମେଣ୍ଟ ତାହା ଯୋଗାଇ ପାରୁ ନାହାନ୍ତି ସୁତରାଂ ଏବେ ଆଶାନୁରୂପ ଦେଶୋନ୍ନତି କାର୍ଯ୍ୟ ହୋଇ ପାରୁନାହିଁ । ବିଶେଷତଃ ଓଡ଼ିଶାରେ ସାଧାରଣ ଶିକ୍ଷାଦାନର ଯେ ସମସ୍ତ ଅଭାବ ଅଛି ତାହା ଦୂର କରିବାର ଚେଷ୍ଟା ହୋଇ ନାହିଁ । କେବଳ ଓଡ଼ିଶା ସଦସ୍ୟ ମାନ୍ୟବର ମଧୁସୂଦନ ଦାସଙ୍କ ପ୍ରସ୍ତାବ ଓ କନିକା ରାଜାଙ୍କର ନିର୍ମୋ-ଦନମତେ ଏଠାର ଟେକନିକାଲ ସ୍କୁଲରେ ଓଡ଼ିଆଙ୍କ ଶିକ୍ଷାଦାନର ବ୍ୟବସ୍ଥା ହେବାର ଧାର୍ଯ୍ୟ ହୋଇଅଛି । ଏଥିପାଇଁ ମାନ୍ୟବର ଦାସ ମହୋଦୟଙ୍କୁ ଅମ୍ଭେମାନେ ଧନ୍ୟବାଦ ଦେଉଅଛୁଁ । ଏବର୍ଷ ଯେ ସମସ୍ତ ନୂତନ କାର୍ଯ୍ୟ ହେବାର ମଞ୍ଜୁର ହୋଇଅଛି ସେ ସମସ୍ତ ମଧ୍ୟରୁ ଓଡ଼ିଶା ସ୍ୱଗତେ ଯାହା ପଡ଼ିଅଛି ପ୍ରତ୍ୟେକର ବ୍ୟୟସହିତ ନିମ୍ନେ ପ୍ରକାଶ କଲୁଁ ଯଥା :—

| | |
|---|---|
| ସମ୍ବଲପୁର ବର୍ଗଗଡ଼ ନୂତନ ଜଙ୍ଗଲ ଅଫିସ ନିର୍ମାଣ | ଟ ୪୨୦୦ |
| କଟକ ଦେବାନି ଅଦାଲତର ନୂତନ ଗୃହନିର୍ମାଣ (ଅଂଶିକ) | ଟ ୫୨୦୦୦ |
| ଅନୁଗୁଳ ଡେପୁଟି କମିଶନର କଚେରୀ (କୁଲୁରସିଂହ) | ଟ ୨୦୦୦୦ |
| ଏଜନ ଏକନ ବସାଗୃହ | ଟ ୨୦୦୦୦ |
| କଟକ ସମ୍ବଲପୁର ସଡ଼କ | ଟ ୨୫୦୦୦ |
| ବାଲେଶ୍ୱର ଜିଲ୍ଲାବୋର୍ଡ଼ ପୁଷ୍କରିଣୀ-ଖୋଳା ବାବଦ | ଟ ୧୦୦୦ |

ଏଥିରୁ ପ୍ରକାଶ ଯେ ଓଡ଼ିଶାକୁ ଯାହା ବ୍ୟୟ ପଡ଼ିଅଛି ତହିଁର ଅଧିକାଂଶ ଅଥବା ଶେଷ ଦୁଇ ଧାଡ଼ି ଛଡ଼ା ସମସ୍ତ କଚେରୀ ଓ ବାସଗୃହ ନିର୍ମାଣ-ସମ୍ବନ୍ଧେ ଅଛି ତଥାପି ଟଙ୍କା ଲୋକଙ୍କ ବା କାର୍ଯ୍ୟ ହୋଇ ନ ପାରିବା ଦୃଷ୍ଟିରେ ଅଦାଲତ କଚେରୀ ନିର୍ମାଣ ହେବାର ବିଧାନ ହୋଇନାହିଁ । ଅଧିକ-ତର ପ୍ରୟୋଜନୀୟ ଏ ନଗରରେ ଇଞ୍ଜିନିୟରିଂ ସ୍କୁଲ ସ୍ଥାପନ ଏବଂ କଲେଜ ଓ ସ୍କୁଲଗୃହ ବଢ଼ା-ଇବା ବିଷୟରେ ଆଦୌ ଦୃଷ୍ଟି ପଡ଼ିନାହିଁ । ଅଥଚ ତହିଁପାଇଁ ଆବେଦନ ହୋଇଥିବା କତିଦିନ-ବର୍ଷରୁ ଅଧିକ ହେବ ସନ୍ଦେହ ପଡ଼ୁଅଛି ।।

ଏ ବଜେଟର ଆଉ ଗୋଟିଏ ପ୍ରଧାନ କଥା ଏହି କି ସେଟଲମେଣ୍ଟ ମହଲୁମା ବଢ଼ାଣେ

Digitized by srujanika@gmail.com

ଇଣ୍ଡିଆ ଗବର୍ଣ୍ଣମେଣ୍ଟ ୬୯୮ ଣ ଡେପୁଟି କଲେକ୍ଟର ଏବଂ ୬୫୦ ଣ ସବଡେପୁଟି କଲେକ୍ଟର ଅଧିକ ମଞ୍ଜୁର କରିଅଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ଅଧେ ଏହି ବର୍ଷ ନିଯୁକ୍ତ ହେବେ । ଏ ବାବଦରେ କେତେଜଣ ଉତ୍କଳବାସିର ଭାଗ୍ୟ ଫିଟିବାର ଆଶା ହୁଅଇ ।

ଓଡ଼ିଆ ଓ ଅଣଓଡ଼ିଆ ।

ଗତ ତା ୧୬ ରିଖ ଉତ୍କଳବାର୍ତ୍ତାରେ 'ଉତ୍କଳ ସମ୍ମିଳନୀ ଗଣ୍ଡଗୋଳ' ଏବଂ 'ଓଡ଼ିଆଙ୍କ ସଙ୍ଗେ ଲଢ଼ାଇ' ନାମରେ ଦୁଇଟି ପ୍ରବନ୍ଧ ଏବଂ, 'ଘରଭେଦି କୁମ୍ଭୀର' ନାମରେ ଗୋଟିଏ ଚିତ୍ର ବାହାରି ଅଛି । ପ୍ରବନ୍ଧଦ୍ୱୟରେ ନାନା କୁତ୍ସିତ ଓ କୁରୁଚିପୂର୍ଣ୍ଣ ବାକ୍ୟ ବ୍ୟବହାର କରି ଲେଖକ ଆପଣାର ଯୋଗ୍ୟତାର ବିଶେଷ ପରିଚୟ ଦେଇ ଅଛନ୍ତି । ମାତ୍ର ସେ ସମାଚାରପତ୍ରିକା ଶ୍ରେଣୀ ଠିକ ହେଇନ୍ତି(?) ବାହାରୁଥିବା ଏବଂ ଦେଶର ପ୍ରଧାନରେ ସେହିପରି ସେମାନଙ୍କ କଥାମାନ ଧର୍ତ୍ତବ୍ୟ ନ ହେବା ବଡ଼ ଦୁଃଖରେ ମାର୍ଜନୀୟ ଅଟେ । ଉପସାଗରୁ ଯେ କଲ୍ୟାଣକାମନାରେ ଲେଖକ କେବଳ ଦୋଷମାନ ବ୍ୟକ୍ତ କରନ୍ତି ତାହା ସ୍ପଷ୍ଟ ହେଉ । ସେଥିରୁ ଆମ୍ଭେମାନେ ଅବଗତ ହେଲୁଁ ଯେ ଯେଉଁ ଓଡ଼ିଆମାନେ ଉତ୍କଳସଭାରୁ ଅଲଗା ହୋଇଅଛନ୍ତି ସେମାନେ ଆଉ କେତେଜଣଙ୍କ ସଙ୍ଗେ ମେଳ ଗୋଟିଏ ପୃଥକ ସଭା ସ୍ଥାପନ କରିଅଛନ୍ତି । ସେ ସଭାର ନାମ ଉଦ୍ଦେଶ୍ୟ ସହଯୋଗୀ ଏଯାଏ ପ୍ରକାଶ କରି ନାହାନ୍ତି ଏବଂ ଆମ୍ଭେମାନେ ମଧ୍ୟ ଅବଶ୍ୟ ସେ ପ୍ରସଙ୍ଗରେ କିଛି ନିଶ୍ଚିତ ସମ୍ବାଦ ପାଇ ନାହୁଁ । ଯେବେ ପ୍ରକୃତରେ ସଭା ସ୍ଥାପିତ ହୋଇଥାଏ ତେବେ ସୁଖର କଥା ସନ୍ଦେହ ନାହିଁ । ଏହି ସଭାମାନଙ୍କ ସମସ୍ତ ବା ଅଧିକାଂଶ ଯୋଗ୍ୟବ୍ୟକ୍ତି ଏକ ସଭାରେ ଦେଶର ହିତାହିତ ବିଚାର ଓ ତଦନୁସାରେ କାର୍ଯ୍ୟ କରିବା ଆମ୍ଭମାନଙ୍କ ବିବେଚନାରେ ଶ୍ରେୟସ୍କର ମାତ୍ର ଯେବେ ତାହା ହୋଇ ନ ପାରେ ତେବେ ଏକାଧିକ ଦଳ ବାନ୍ଧି ଆପଣା ଆପଣା ବିବେଚନାମତେ ସାଧାରଣ ମଙ୍ଗଳ ଚିନ୍ତା କରି କାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତି ତହିଁରେ ଉପକାର ଭିନ୍ନ ଅପକାର ନାହିଁ । ପୁରୁଣା କାର୍ଯ୍ୟରେ ମେଳ ଏବଂ ନୂତନରେ ଉଦ୍ୟମ ଅନେକସ୍ଥଳେ ଦେଖାଯାଏ । ଅଧିକନ୍ତୁ ନୂତନ ସଭାର ସଭ୍ୟମାନେ ଯଦି ପୁରୁଣା ସଭା ଦ୍ୱିଗୁଣ ତେଜ ଏବଂ ଅନୁରାଗରେ ସଭାର ଉଦ୍ଦେଶ୍ୟ ସାଧନ କରିବେ ଏବଂ ଦେଶର ମଙ୍ଗଳ ହେଲେ ସକଳ ଶ୍ରେଣୀ ଓ ସମ୍ପ୍ରଦାୟର ଲୋକ ତହିଁର ଫଳଭାଗୀ ହେବେ ସନ୍ଦେହ ନାହିଁ । ଅଣଓଡ଼ିଆଙ୍କ ଯେତେ ବେଳ ମନ ହେଲେ ସୁଦ୍ଧା ସେମାନଙ୍କ ହେତୁ ଏହି ଉପକାର ଲାଭ ହେଲ ବୋଲି ଉତ୍କଳବାର୍ତ୍ତାର ଲେଖକ ଓ ତାହାଙ୍କ ଶ୍ରେଣୀର ବ୍ୟକ୍ତିମାନେ ପଛେ କୃତଜ୍ଞ ହୋଇପାରନ୍ତି ।

ଚିତ୍ରଟି ଗୋଟିଏ କୁମ୍ଭୀରର । ତାହାର ପାଟି ମେଲା ଓ ତହିଁ ଭିତରେ ଗୋଟିଏ ମନୁଷ୍ୟମୁଣ୍ଡ ଦିଆଯାଇଛି । ଚିତ୍ରଉପରେ 'ଘରଭେଦି କୁମ୍ଭୀର' ଓ ତଳେ 'ଓଡ଼ିଆମାନଙ୍କର ମସ୍ତକଚର୍ବଣ' ଲେଖା ଅଛି । ଏପରି ଚିତ୍ର ଅଙ୍କନ ସଙ୍ଗତ କି ନା ପାଠକମାନଙ୍କୁ ଜଣା । ଚିତ୍ରର ଲକ୍ଷ୍ୟ ଏବଂ ଏଥିକି ବୁଝିବା ଯଥେଷ୍ଟ । ଆଦ୍ୟରେ 'ଘର' ପଦଟି ଥିବାରୁ କେହି ଓଡ଼ିଆ କୁମ୍ଭୀର ହୋଇଅଛି । ପୁଣି ଓଡ଼ିଆ ସଙ୍ଗେ 'ଲଢ଼ାଇ' ପ୍ରବନ୍ଧରେ ବଙ୍ଗାଳୀକଥା ଲେଖାଥିବାରୁ ଓଡ଼ିଶାବାସୀ ବଙ୍ଗାଳୀଙ୍କୁ ବୁଝାଉଅଛି । ଫଳତଃ ଲକ୍ଷଟା ପରେ । କେହି ଓଡ଼ିଆ ବା ଓଡ଼ିଶାବାସୀ ବଙ୍ଗାଳୀ ଅଥବା ଏହି ଦୁହେଁ ମିଶି ଓଡ଼ିଆଙ୍କର ସର୍ବନାଶ କରୁଅଛନ୍ତି ଏହାହିଁ ପ୍ରକାଶ କରିବା ଚିତ୍ରକରଙ୍କ ଅଭିପ୍ରାୟ । ସେ ଯେ ଓଡ଼ିଶାବାସୀ ବଙ୍ଗାଳିଙ୍କୁ ଘରଲୋକ ବୋଲି ବୁଝିଅଛନ୍ତି ଏଥି ଆନନ୍ଦର ବିଷୟ । ଘରକଳି ଚିରଦିନ ରହେ ନାହିଁ । ଦିନେ ପୁଣି ମେଳ ହୋଇଯିବ । ଅନ୍ୟଦିଗରେ ପ୍ରବାସୀ ବଙ୍ଗାଳିଙ୍କୁ ସମ୍ଭେଦର ଆସ୍ପଦ ଭାବ କରୁଅଛନ୍ତି । ବାସ୍ତବରେ ଯେଉଁ ବଙ୍ଗାଳିମାନେ ଲକ୍ଷାଧିକ ଓଡ଼ିଆଙ୍କ ପ୍ରଦେଶରେ ଅବର କର ଭକ୍ଷି ଦାନାଦେଇ ହୋଇଅଛନ୍ତି ସେମାନଙ୍କ ଓଡ଼ିଆଶାସକ ହେଲେ ଧନ୍ୟାଦ୍ୟ ଓ ଅନୁଗ୍ରହଭାବ ସୀମା ରହନ୍ତା ନାହିଁ । ପ୍ରକୃତରେ ଓଡ଼ିଆ ଓ ଅଣଓଡ଼ିଆଙ୍କ ମଧ୍ୟରେ କିଛି ଲଢ଼ାଇ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ବ୍ୟବସ୍ଥା ସମ୍ପର୍କରେ ଉଭୟପକ୍ଷ ବ୍ୟକ୍ତିମାନେ ଆପଣା ଦାବି ଜଣାଉଅଛନ୍ତି । ଗବର୍ଣ୍ଣମେଣ୍ଟ ଯେ ବିଚାର କରିବେ ଉଭୟଙ୍କର ଶିରୋଧାର୍ଯ୍ୟ ହେବ । ବୃଥା ଆପଣାମଧ୍ୟରେ କଳହ କାହିଁକି ?

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଅନରେବଲ ସାର ଗୁର୍ଲିସ ଏଲେନ, କାଇଟ, ଏନ' ଅପେରା ପର୍ଯ୍ୟନ୍ତ ବଙ୍ଗଗବର୍ଣ୍ଣମେଣ୍ଟର ଚିଫସେକ୍ରେଟେରି ନିଯୁକ୍ତ ହେଲେ ।

ବଙ୍ଗଗବର୍ଣ୍ଣମେଣ୍ଟର ଡେପୁଟିସେକ୍ରେଟେରି ମି, ଏଫ୍, ଡବଲ୍ ଇଉ, ଡକ୍ଟର ତା ୧୬ ମାସ ଛୁଟି ପାଇଲେ ।

କଟକ ସବଡିଭିଜନ ନଙ୍କ ଓ ସଦରର ସେକେଣ୍ଡ, ନଙ୍କ ମିଃ ଯୋଗେନ୍ଦ୍ରନାଥ ମୁଖର୍ଜି କଟକ ଟ୍ରେଜରି ଡେପୁଟିକଲେକ୍ଟର ଓ ସେଥନ୍ତର ଅଧିକ ହୋଇ କାର୍ଯ୍ୟ ଉପସ୍ଥିତ ହେଲେ ।

ଭଦ୍ରକବଲାର ନଏଚ ମାଃ ଓ ଲୋଃ ଲ ମାଃ ଡି ଏଲ୍ ମେହତାଙ୍କ ଅନ୍ୟ ଅବେତବେତନ ଡେପୁଟି ଡିଷ୍ଟ୍ରିକ୍ଟ ଓ ସେସନ୍ ଜଜ୍ ନିଯୁକ୍ତ ହେଲେ ।

ବାବୁ ମହେନ୍ଦ୍ରସିଂହ ବାଲେଶ୍ୱର କଲେକ୍ଟରଙ୍କ ଗୋଟିଏ ସ୍ଥାନମାନଙ୍କ ମଧ୍ୟରେ ଏକ ହଜାର ସାର୍ଟିଫିକେଟ ଦେବାର କ୍ଷମତା ପାଇଲେ ଓ ଜଳ ମୃତ୍ୟୁର ରେଜିଷ୍ଟ୍ରାର ନିଯୁକ୍ତ ହେଲେ ।

କଟକର ବାବୁ ସଚ୍ଚିଦାନନ୍ଦ ମହାନ୍ତି ଭଙ୍ଗ ସମ୍ବଲପୁରଙ୍କ ତାଳିକାଭୁକ୍ତ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଏକତ୍ରିଂଶତ ପରୀକ୍ଷାରେ ମି ଜଣ ଯେ ଏକ ଛାତ୍ର ସେତେବେଳେ ବ୍ରାହ୍ମଣ- ବୈଶ୍ୟଙ୍କର ଚିକିତ୍ସାରେ ଅବସ୍ଥାପିତ ହେଲେ ।

ପୁରୀର ସବ ଡେପୁଟି କଲେକ୍ଟର ବାବୁ ନନ୍ଦକିଶୋର ମିଶ୍ର ଏକ ମାସ ଛୁଟି ପାଇ ସ୍ୱଦେଶ ଯାଉଥିବାରୁ ତାଙ୍କ ସ୍ଥାନରେ ବାବୁ ଯଦୁନାଥ ଦାସ କାର୍ଯ୍ୟ ଚଳାଇବେ ।

ବଡ଼ଲାଟ ଗତ ମାସ ମହାରାଜାଙ୍କ ସହିତ ସାକ୍ଷାତ କରି କଲିକତାକୁ ପ୍ରତ୍ୟାଗମନ କରିବେ ବୋଲି ଜଣାଯାଇଛି । ଚଣ୍ଡୀ ୭ ମେ ଭାଗଲପୁରରେ ଓ ଦାରଜିଲିଂରେ ସେ ୧୬ ଓ ପୂର୍ଣ୍ଣିଆରେ ସେ ୧୯, ବାଙ୍କୁଡ଼ାରେ ସେ ୧୮, ସମ୍ବଲପୁରରେ ସେ ୧୭ ଓ ସମ୍ବଲପୁରରେ ସେ ୧୬ ର । ଜେଲାମାନରେ ସର୍ବନିମ୍ନ ତାପମାତ୍ରା ସେ ୧୨ ର ଓ ସର୍ବୋଚ୍ଚ ତାପ ସେ ୨୧ ର ଥିଲା ।

—§*§—

### ସ୍ଥାନୀୟ ସମ୍ବାଦ ।

ଏଠା ସହରର ବାବୁ ଜଗନ୍ନାଥ ମୁଖର୍ଜି ଗତ ସୋମବାର ଏକ ଦିନ କରି ଛାପିବା ଉଚ୍ଚ ସାହେବଙ୍କ ଭଣ୍ଡାରରୁ ଏଠାରୁ ପ୍ରସ୍ଥାନ କଲେ ।

ପାଇକମାର ବାବୁ ଜଗନ୍ନାଥ ସିଂହ ଏଠାର ସବ ଜଜ ନିଯୁକ୍ତ ହୋଇ ଆସି ଅଛନ୍ତି ।

ଏ ସପ୍ତାହରେ ଏ ନଗରରେ ବୃଷ୍ଟି ନାହିଁ । ଗତ ବୃଷ୍ଟି ହୋଇଅଛି ମାତ୍ର ସୁଖର ପରିଷ୍କାର ହେତୁ ପଥ ଘାଟ ସାଧାରଣ ସ୍ୱାସ୍ଥ୍ୟ ଭଲ ।

ଗତ ରବିବାର ସକାଳେ ଟାଉନ ହଲରେ ଉତ୍କଳ ସମ୍ମିଳନୀର କାର୍ଯ୍ୟ ସମିତିର ଏକ ଅଧିବେଶନ ହୋଇଥିଲା । ମିଟିଂ ଅଳ୍ପ ଅଧିକ ସଭ୍ୟ ଉପସ୍ଥିତ ନ ହେବାରୁ କିଛି କାର୍ଯ୍ୟ ହୋଇ ପାରିଲା ନାହିଁ । ସଭା ସମିତିର ଦଶା ଏହିପରି ।

ବାଲେଶ୍ୱରରେ ଗତ ସପ୍ତାହରେ ସାମାନ୍ୟ ବୃଷ୍ଟି ହୋଇଥିଲା ।

ମୟୂରଭଞ୍ଜ ମହାରାଜା-ବାହାଦୁର ଏଠାରୁ ଯାତ୍ରା କଲେ ଏବଂ ସେଠାରେ ମାନନୀୟ ଭଦ୍ରଲୋକଙ୍କର ସମାଗମ ହେବ ।

କାଶୀପୁର ଘାଟରେ ଗତ ତା ୩୧ ନଦରେ ଏକ ଘଟଣା ଘଟିଅଛି । କାମଣ୍ଡା ଗ୍ରାମର ସାହୁ ଶ୍ରେଣୀର ଜଣେ ଲୋକ ନଦୀ ସନ୍ତରଣ । କେତେ ଲୋକ କାଠ ନେଇ ନଦୀରେ ବୁଡ଼ିଯାଇଥିଲା । ସେ ସମୟରେ ଲୋକମାନେ ପୋଖରୀ ଓ ସ୍ନାନ କରୁଥିଲେ, କିନ୍ତୁ ଘରେ ତାହା ଦେଖି ଓ ବହୁପ୍ରକାରେ ଦାନ ପ୍ରଭୃତି ମଙ୍ଗଳ ଯୋଗ ମହାପାତ୍ରଙ୍କଠାରେ ହୋଇଥିଲା । ସା ଛୁ

କଟକ ସଦର ଜେଲ ଶିକ୍ଷକ ପରୀକ୍ଷାରେ ଯେତେ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ ସେମାନଙ୍କ ନିକଟରେ ସମ୍ବାଦ ପାଇଅଛୁ ।

ସମ୍ପ୍ରତି ମହାମାରୀ ଓ ବସନ୍ତ ରୋଗର ପ୍ରାଦୁର୍ଭାବ କମି ଆସିଅଛି । କେତେ ସ୍ଥାନରେ ଜଳକଷ୍ଟ ହେଉ ବୋଲି ଶୁଣାଯାଉଅଛି ।

ଆମ୍ଭେମାନେ ସ୍ଥାନୀୟ ଜମିଦାରମାନଙ୍କୁ ଅନୁରୋଧ କରିବୁ ଯେ ପୁଷ୍କରିଣୀ ସଂସ୍କାର କରି ଜଳକଷ୍ଟ ନିବାରଣ କରନ୍ତୁ ବୋଲି ସମ୍ବାଦ ପାଇଅଛୁ ।

କଟକ ବାଲିଆ [illegible] ଓ ଜଳପ୍ରାପ୍ତି ନିମନ୍ତେ କେତେ ସ୍ଥାନରେ ଜଣେ ଗୋଟି ନଳକୂପ ଖୋଳାଯିବ ବୋଲି ନିର୍ଦ୍ଧାରିତ ଯାତ୍ରୀ ସରକାରଙ୍କ ଓ ଲୋକଙ୍କ ସାହାଯ୍ୟ ହେଉଅଛି ।

Split by PDF Splitter



[illegible]

## ସ୍ଥାନୀୟ ସମ୍ବାଦ ।

[illegible]

## ଅଗ୍ନିରେ ସମ୍ବାଦ ।

[illegible]

— ** —

## ପ୍ରେରିତ ପତ୍ର ।

[illegible]

The Chikati Palace is situated 10 miles from the nearest Railway station. From here three miles of this distance is covered by the grand Trunk Road. Over the loop-line which connects the Estates of Chikati, Bodokimidi and Shergada, a distance of 7 miles has to be covered before Chikati Kotah is reached. The Estates of Chuin Kimidi, Dharakota and Bodogodo may also be approached by off-shoots from this locp line. His Higness, the Rajah Sahib of Chikati's "Bosontho Bono" is a most lovely garden adjoining the Palace. Since the installation of the present Rajah Saheb this garden has been wonderfully improved. Its area has been greatly increased, and what was once an uneven, undulating tract behind the garden, consisting of thick jungle growth and forest trees is now perfectly level, and so beautifully and ornamentally laid out as to evoke the highest credit to His Highness' lofty and artistic ideas. The original garden practically square, is intersected by beautiful masonry walhs and where these masonry paths cross, artistic masonry platforms are built with ornamental masonry pillars surrounding them, and the whole covered by a beautifully interlaced wire dome, on top of which various species of select floral creepers, including the grape vine, display their luxuriant growth. Trees, both floral and fruit bearing, fill this lovely garden, and the scene before a stranger is indeed most pleasing, and makes him feel that he is in far loftier regions. This original garden possesses a tank where the lovely lotus is in evidence, and the waters contain fish, turtles, and other aquatic creatures in abundance. Above this garden there lies a beautiful tank the bed of which, not long ago, was covered with huge boulders of rock, the bunds of this tank were lofty, covered with junle growth and mighty forest trees. The bunds have been cleared and beautifully levelled and the rocky islands in the bed of the tank have all been blasted with dynamite, and cleared. This tank is now a pleasure resort to His Highness the Rajah Sahib. Fine masonry steps at one spot lead down to the tank, and above the steps a square masonry plat-form has been built, where, before sunrise and after sunset, His Highness generally here sits, and enjoys the gentle zephyrs which are famed to advantage in this particular locality. The bunds of this tank have been planted with foliage, floral, and fruit trees, and the scenery is indeed grand. Innumerable fish originally brought from Calcutta live in this tank, and are fed twice daily in His Highness' presence. The fish so well know when they are to be fed, and come in swarms to the surface of the water with their mouths wide open. To see them feed is indeed a grand sight. Seated on the platform facing the tank a large tract of land to the right and behind the palace, formerly very uneven and undulating, covered with thick jungle growth and big forest trees, has been cleared, and perfectly levelled at great cost. Here His Highness the Rajah Saheb is having an upper storied bungalow erected. Here also is the house built to shelter His Highness' commodious, and beautiful motor car. A beautiful masonry road leading from the back gate takes the motor car to the front of the bungalow under construction. Here the masonry road takes a circular turn as is seen in large Railway stations, the turn-table arrangement for Locomotive Engines. Above the second tank alluded to there exists a third tank which is used by the people of Chikati for drinking and ablutionary purposes. A grand amphitheatre of hills stands above and behind the last named tank. The hills are reserved, and the forest growth on them is indeed beautiful and pleasing to the eye. A grand masonry compound wall which from a distance looks oval in shape, partaking of the form of the pleasing amphitheatre of hills behind, encloses the original garden, divides the two last named tanks, and encloses the levelled tract of land to the right of the second tank. To His Highness the Rajah Saheb, great credit is indeed due for such lofty engineering and horticultural ideas, and the entire scenery, viz the beautiful garden, lovely tanks and well cut bunds, the immense stone-wall enclosing the precincts, and the grand amphitheatre of hills behind, is really most picturesque, combining human skill with natural beauty.

His Highness the Rajah Saheb is having separate schools for boys and girls constructed, with play grounds and a gymnasium. The school for girls is ready, and that for boys will soon be completed.

We wish His Highness the Rajah Saheb, and the noble House of Chikati health, long life and prosperity.

One who knows

ମାନ୍ୟବର ଶ୍ରୀଯୁକ୍ତ 'ଉତ୍କଳଦୀପିକାର ସମ୍ପାଦକ ମହୋଦୟ ସମୀପେଷୁ

ଶ୍ରୀମନ୍ମହୋଦୟ !

[illegible]

Digitized by srujanika@gmail.com

ପ୍ରକାଶ୍ୟ ସ୍ଥାନରେ ବଢ଼ବରଙ୍କର ଅଭୁ କୋଟିଏ ସ୍ମୃତି ସ୍ତମ୍ଭର ଅନୁଷ୍ଠାନ କରିବ ଏବଂ ତନ୍ନିମିତ୍ତ ତହୁଁ ଅଧିକ ବ୍ୟୟ ପଡ଼ିଲେ ମଧ୍ୟ ମୁଁ ଦେବାକୁ ପ୍ରସ୍ତୁତ । ସାଧାରଣଙ୍କ ଗୋଚରାର୍ଥେ ଏହା ପ୍ରକାଶ କଲି । ଇତି ।

| | |
|---|---|
| ତାଲିଚର<br>କଟକ<br>୬।୪।୧୦ | ଭବଦୀୟବଶତ<br>ଶ୍ରୀଗଣିଭୂଷଣ ସିଂହ । |

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ରାଜା । ବ । ନୟାଗଡ଼ | | ଟ ୯ |
| ବାବୁ ଶ୍ରୀ ଜଗନ୍ନାଥ ସେଠି | ମାନସିଂହପାଟଣା | ଟ ୧ |
| „ ବ୍ରଜବର ମହାପାତ୍ର | କୃଷ୍ଣଚନ୍ଦ୍ରପୁର | ଟ ୩ |
| „ ଗଙ୍ଗାଧର ଦାସ | ଦେଉଳପଡ଼ା | ଟ ୩ |
| „ ଲକ୍ଷଣ ସାହୁ | ଢେଙ୍କାନାଳ | ଟ ୩ |
| „ ରାମଚନ୍ଦ୍ର ମହାନ୍ତି | ତଳଣିଆ | ଟ |
| „ ଚନ୍ଦ୍ରମଣି ପଣ୍ଡା | ଅନୁଗୁଳ | ଟ ୩ |
| „ ମହାଦେବ ପ୍ରସାଦ ଦେଓ | ଲହିଡ଼ | ଟ ୩ |
| „ ଲୋକନାଥ ବୈରାଗ | ବେଠାର | ଟ ୩ |
| „ ଚନ୍ଦ୍ରମଣି ମହାପାତ୍ର | ବାଦଲପୁର | ଟ ୩ |
| ସେକ୍ରେଟରୀ ଖଡ଼ଗପୁର ଇଣ୍ଡିଆନ ଇନଷ୍ଟିଚ୍ୟୁଟ | | ଟ ୩ |
| ବାବୁ ଶ୍ରୀ ଦୟାନାଥ ବେହେରା | ଦେଓଗଡ଼ | ଟ ୩ |
| „ ରତିକାନ୍ତ ଧବଳ | ଧାନପୁର | ଟ ୧ |
| „ ଉପେନ୍ଦ୍ରନାଥ ମହାନ୍ତି | କେଦାରପୁର | ଟ ୩ |
| „ ପଣ୍ଡିତ ହରିଚରଣ ମହାନ୍ତି | ପୁରୀ | ଟ ୩ |

# ନିଲାମ ଇସ୍ତାହାର ॥

ନଂ ୩୦୪୬ ନମ୍ବର ସଃ ସନ ୧୯୦୫ ମସିହା

। ଇ । ପ୍ରଥମ ମୁନସଫି ଅଦାଲତ କଟକ ।

ମଧୁସୂଦନ ସେଠୀ । ସା । ଚଦରଖଣ୍ଡା । ପ୍ର । ବାଣସବାଦ — ବାସୀ ଡିଃ

ବନାମ ।

୧ ପୀତାମ୍ବର ନାୟକ ୨ ଦଧି ନାୟକ । ଧା । ହଂସପାଳ । ପ୍ର । ବାଣସବାଦ ପ୍ରତିବାସୀ ଦେଃ

ଉପରଲିଖିତ ନମ୍ବର । ସ । ମୋକଦ୍ଦମାର ଡିକ୍ରି ଟଙ୍କାର ଅଦାୟ ନିମନ୍ତେ ଦେଣଦାରର ଆବଦ୍ଧ ଥିବା ନିମ୍ନଲିଖିତ ସମ୍ପତ୍ତି ତା ୫।୫।୧୦ ରଣେ ଉପରୋକ୍ତ ଅଦାଲତରେ ନିଲାମ ହେବ ।

ତପସିଲ ।

ଷ୍ଟେସନ ପୁଲିସ ଓ ସବରେଜେଷ୍ଟ୍ରର । ମୂ । କଟକ ଅନ୍ତର୍ଗତ । ପ୍ର । ବାଣସବାଦ ମୌଜେ ରୁଦ୍ରପୁର ରକବାରେ ଥିବା ନଂ ୨୫ ନମ୍ବର । ସି । ବ । ଖାହି ଏ° — ୨୯ ଲୁ ଜମା ଟ ° ୫୵୯ ଅଟେ ।

---

ନଂ ୩୦୪୩ ନମ୍ବର ସଃ ସନ ୧୯୦୫ ମସିହା ।

। ଇ । ପ୍ରଥମ ମୁନସଫି ଅଦାଲତ କଟକ ।

ମଧୁସୂଦନ ସେଠୀ । ସା । ଚଦରଖଣ୍ଡା । ପ୍ର । ବାଣସବାଦ — ବାସୀ ଡିଃ

( ବନାମ )

୧ । ଦାମ ନୂଆଁଣିଆ ୨ ଶ୍ୟାମ ନୂଆଁଣିଆ । ସା । ଜଏରଖାସନ ସାମିଲ ମହାଙ୍ଗପଟଣା । ପ୍ର । ବାଣସବାଦ — ପ୍ରତିବାସୀ ଦେଃ

ଉପରଲିଖିତ ନମ୍ବର ସଃ ମୋକଦ୍ଦମାର ଡିକ୍ରୀଟଙ୍କାର ଅଦାୟ ନିମନ୍ତେ ଦେଣଦାରମାନଙ୍କର ଆବଦ୍ଧ ଥିବା ନିମ୍ନଲିଖିତ ସମ୍ପତ୍ତି ତା ୧୫।୫।୧୦ ରଣେ ଉପରୋକ୍ତ ଅଦାଲତରେ ନିଲାମ ହେବ ।

ତପସିଲ ।

ଷ୍ଟେସନ ପୁଲିସ ଓ ସଃ । ମୂ । କଟକ ଅନ୍ତର୍ଗତ । ପ୍ର । ବାଣସବାଦ । ତ । ଚନ୍ଦ୍ରଭଣ୍ଡା ସାମିଲ । ମୌ । ଜଏରଖାସନ ରକବାରେ ଥିବା ଖାହି ନ ୩୩ ନମ୍ବର ସଂ ବାବତ ଏ°—୬୬ ଲୁ ଜମା ଟ ° ୫ ଅଟେ ଓ କଟକ ଥାନାଅନ୍ତର୍ଗତ । କ । ସୁଆଳ । ମୌ ନନ୍ଦପୁର ରକବାରେ ଥିବା ଖାହି ନ ୨୪ ନମ୍ବର ହି ବାବତ ଏ°—୪୨ ଲୁ ଜମା ଟ ° ୫୬ ଅଟେ ।

※—※

ନଂ ୨୯୦୫ ନମ୍ବର ସଃ ସନ ୧୯୦୬ ମସିହା

। ଇ । ଦ୍ୱିତୀୟ ମୁନସଫି

ଗଣେଶ୍ୱର କର ଓଗେର — ବାଦୀମାନେ

ବନାମ ।

୧ ଉତ୍କଳ ଦାସ ୨ ପ୍ରଭାକର ଦାସ ପ୍ରଃ ମାନେ

ବାଦୀମାନଙ୍କର ପାଉଣା ଡିକ୍ରୀ ଓଗେର ଟଙ୍କା ଅଦାୟ ନିମନ୍ତେ ପ୍ରତିବାଦୀମାନଙ୍କର ତଲଲିଖିତ ସମ୍ପତ୍ତି ତା ୧୫।୫।୧୦ ରଣରେ ନିଲାମ ହେବ ।

ସବଡିଭିଜନ ପୁଲିସ ଯାଜପୁର ଓ ହାଲ ସଦର ଓ ସବରେଜେଷ୍ଟ୍ରର । ମୂ । କଟକ ଇଲାକା । ପ୍ର । ହୋଟାଖଣ୍ଡ । ମୌ । କଦରଙ୍ଗା ରକବାରେ ଥିବା ନ ୩୪୮ ନମ୍ବର ଇଷ୍ଟିସୁଲ । ବା । ଲାଖରାଜ ବାହେଲ ଏ °—୩୨ ଡିଃ ମଧ୍ୟରୁ ଏ °—୨୪ ଡିଃ ମା ° । ୬ ଓ । ପ୍ର ଏଡ଼ନ ନ ୯୯୪ ନମ୍ବର ତଉଜି ମୌଜେ କଏ-ସର ରକବାରେ ଥିବା ଲାଖରାଜ ବାଜ୍ୟାପ୍ତି ଏ°—୧୩ ଡିଃ ଅସଲ ଜମା ଟ ° ୵୬ ଖାହି ଏରୁପ ଲାଖରାଜ ବାହେଲ ଓ ବାଜ୍ୟାପ୍ତି ଏ°—୩୭ ଡିଃ ଦଖଲ ଅଛୁ ଅନୁମାନିକ ମୂଲ୍ୟ ଟ ୩°ଙ୍କ

---

ନଂ ୯୫୮ ନମ୍ବର ଡିକ୍ରୀଜାରୀ ସନ ୧୯୦୯

କଟକ ଦ୍ୱିତୀୟ ମୁନସଫି

କାଲୁପାତ୍ର । ସା । ମାରଡ଼ା । ପ୍ର । ମାଛଗାଁ ଜଗର ବାସୀ — ଡିଃ

୧ ବନା ଦାସ ଓ ୨ ସୁର ଦାସ ନାବାଲଗ ବଳ-ରଏପିତା ମାହାପିତ ଉକ୍ତ ନ ୧ ନମ୍ବର ପ୍ରତିବାସୀ । ସା । ବୋଇଲୋ । ପ୍ର । ସରସ୍ୱତୀ ପ୍ରତିବାଦୀମାନେ

ଉପରୋକ୍ତ ଡିକ୍ରୀଜାରୀ ମୋକଦ୍ଦମାରେ ବାଦୀ ପାଉଣା ଜରଡିକ୍ରୀ ଓଗେର ଟ ୬୧୩ ଅସୁଲ ସକାଶେ ତଲଲିଖିତ ସମ୍ପତ୍ତି ସନ ୧୯୧୦ ଅପ୍ରେଲ ମାସ ତା ୧୫ ରଣେ ନିଲାମ ହେବ ।

୧ । କଟକ ଜିଲ୍ଲା ଅନ୍ତଃପାତୀ ପୁଲିସଷ୍ଟେସନ ଓ ସବରେଜେଷ୍ଟ୍ରର ସାଲେପୁର ଇଲାକାଧୀନ । ପ୍ର । ମାଛଗାଁଜଗର ନ ୧୮୪° ନମ୍ବର ତଉଜି । ଭା । କଏରପୁର । ମୌ । ଇଲଦା ରକବା-ରେ ଥିବା ଅନ୍ୟ ସରବରାହକାର ଅନାଦ ଦାସ ଓଗେରଙ୍କ ନାମ ସାମିଲ ପ୍ରତିବାସୀ ଦାମର ନ ୮୬୧୯ ନମ୍ବର ଇଷ୍ଟିସେଲ । ଲାଖରାଜ ବାହେଲ ନ ୪୫ ନମ୍ବର ସଂଲଗ୍ନ ୩—୬୫ ଡିଃ ମଧ୍ୟରୁ ପ୍ରତିବାଦୀମାନଙ୍କର ଦଖଲ । ବ । ଏ °—୫୮ ୩୮ ଜମି ଓ ଦଖଲସତ୍ୱ ସହିତ ବନ୍ଧକ ଅଛୁ ନିଲାମ ହେବ ।

୨ । କଟକ ଜିଲ୍ଲା ପୁଲିସଷ୍ଟେସନ ଓ ସବ-ରେଜେଷ୍ଟ୍ରର ସାଲେପୁର । ପ୍ର । ପାଏନା । ଭା । ମଲ୍ଲପୁର ନ ୨୬୨୩ ନମ୍ବର ତଉଜି । ମୌ ଇଟିଲୋ ରକବାରେ ଥିବା ନ ୩୧ ନମ୍ବର ସତୁଲ ଲାଖରାଜ ବାଜ୍ୟାପ୍ତି ଏ °—୩୯ ଡିଃ ଜମା ଟ ° ୫୵୬ ମଧ୍ୟରୁ ପ୍ରତିବାଦିମାନଙ୍କର ଦଖଲ ଏ °—୯୪ ଲୁ ଜମା ଟ ° ୵୨୩ ଏ ମୋକ-ଦମାରେ ନିଲାମ ହେବ ।

---

ନଂ ୫୧୬ ନମ୍ବର ଡିକ୍ରୀଜାରୀ ସନ ୧୯୦୯ ମସିହା

। ଇ । ସବ ଜଜଙ୍କ ଅଦାଲତ ।

ବନମାଳୀ ଚୌଧୁରୀ । ସା । ବାଲୁବଜାର ସହର କଟକ — ବାସୀ ଡିକ୍ରୀଦାର ।

(ବନାମ)

୧ ଦାମ ରାଉଳ ଓ ୨ ସମ ରାଉଳ ୩ ଘନ ରାଉଳ । ସା । କାଳିୟପାଟଣା । ପ୍ର । ବାଣସବାଦ । ମୂ । ଜ । କଟକ — ଦେଣଦାରମାନେ

ଏ ମୋକଦ୍ଦମାରେ ଅମ୍ଭେ ବାଦୀଙ୍କର ଜର ଡିକ୍ରୀ ଓଗେର ଟ ୧୪°୧ ଙ୍କା ଆଦାୟ ସକାଶେ ଦେଣଦାରମାନଙ୍କ ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସିହା ଅପ୍ରେଲମାସ ତା ୧୫ ରଣେ ନିଲାମ ହେବ ।

ତପସିଲ ।

କଟକ ଜିଲ୍ଲା ଅନ୍ତର୍ଗତ ପୁଲିସ ଷ୍ଟେସନ ସଦର ଓ ସବରେଜେଷ୍ଟ୍ରର । ମୂ । କଟକ ସଦର ଇଲା-ଧୀନ । ତ । ପଟିଆ । ପ୍ର । ବଡ଼ରୁପା ନ ୨୩୬୯୬ ନମ୍ବର । ଇ । ବା । ମୌ । ଦେଉଳ ରକବା ମଧ୍ୟରେ ଥିବା ଲାଖରାଜ ବାହେଲ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅମୃତମଣୋହି । ବ । ଦେଣଦାର-ମାନଙ୍କର ଥିବା ଖାହି ଖୁସମାନ ଟ ° ୵ ଲୁ ସାଲିଆନା ଜମା ଟ ୧୯୵ ଅଟେ ଓ ଉକ୍ତ ବୃତ୍ତିରେ ଦେଣଦାରମାନଙ୍କର ଯେ ସତ୍ୱ ଲାଭ ଅଛୁ ତାହା ଏ ମୋକଦ୍ଦମାରେ ନିଲାମ ହେବ ଏହାର ଅନୁମାନିକ ମୂଲ୍ୟ ଟ ୫° ଙ୍କା ଅଟେ ।

Split by PDF Splitter

Digitized by srujanika@gmail.com